

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୧ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 11 August 2024

Vol.No. 35 ■ No.216 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଶ୍ରୀମନ୍ଦିର ଦ୍ୱାର ଫିଟା ବିଳମ୍ବ: ପ୍ରତିହାରୀ ସେବାୟତଙ୍କୁ ନୋଟିସ

ପୁରୀ, ୧୦/୮ (ନି.ପ୍ର): ଶ୍ରୀମନ୍ଦିର ଦ୍ୱାରଫିଟା ବିଳମ୍ବ ହେବାରୁ ପ୍ରତିହାରୀ ସେବକଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୋଟିସ୍ କରାଯାଇଛି। ନୀତି ବିଶୃଙ୍ଖଳା ଅଭିଯୋଗରେ ଏହି ନୋଟିସ୍ ଜାରି ହୋଇଥିବା ସୂଚନା ମିଳିଛି। ବଡ଼ଦ୍ୱାର ପ୍ରତିହାରୀ ସେବାୟତ ଶିବଶଙ୍କର ମହାପାତ୍ରଙ୍କୁ ଏହି କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଗତକାଲି ଶ୍ରୀମନ୍ଦିର ଦ୍ୱାରଫିଟାରେ ୩୫ ମିନିଟ ବିଳମ୍ବ ହୋଇଥିଲା। କେଉଁ କାରଣରୁ ଦ୍ୱାରଫିଟା ବିଳମ୍ବ ହେଲା, ଏହା ପଛରେ କେଉଁ କାରଣ ଅଛି ବୋଲି ଜବାବ ତଲବ କରିଛି ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ବିଳମ୍ବ ହେଲେ ମହାପ୍ରଭୁଙ୍କର ଅନ୍ୟ ନୀତି ବିଳମ୍ବ ହୋଇଥାଏ। ଫଳରେ ମହାପ୍ରଭୁଙ୍କ ମହାପ୍ରସାଦ ବାହାରିବାରେ ମଧ୍ୟ ବିଳମ୍ବ ହୋଇଥାଏ । ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନର ପଦକ୍ଷେପକୁ ପ୍ରତିହାରୀ ନିଯୋଗ ସ୍ୱାଗତ କରିଥିବା ବେଳେ ଅନ୍ୟ ନୀତି ବିଳମ୍ବରେ ବି ସମାନ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଶ୍ରୀମନ୍ଦିର ପ୍ରଶାସକଙ୍କୁ ନିବେଦନ କରିଛି। ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ଦ୍ୱାରଫିଟା ବିଳମ୍ବ ହେବାରୁ ପ୍ରତିହାରୀ ସେବକଙ୍କୁ ନୋଟିସ କରାଯାଇଛି। ଏହାକୁ ମୁଁ ସ୍ୱାଗତ କରୁଛୁ। ଛତିଶା ନିଯୋଗ ବୈଠକରେ ଶ୍ରୀମନ୍ଦିର ଦ୍ୱାରଫିଟା ବିଳମ୍ବ ହେଉଥିବା ଆମେ ଅଭିଯୋଗ କରିଥିଲୁ। ଯେଉଁମାନେ ନୀତି ବିଳମ୍ବ କରୁଛନ୍ତି ତାଙ୍କ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଆମେ ଦାବି କରିଥିଲୁ ।

# ୱାୟନାଡରେ ପ୍ରଧାନମନ୍ତ୍ରୀଙ୍କ ସ୍ଥିତି ସମୀକ୍ଷା

## ପ୍ରଭାବିତ, ପ୍ରଶାସନ, ଉଦ୍ଧାରଟିମ ସହ ମୋଦୀଙ୍କ ଆଲୋଚନା



ନୂଆଦିଲ୍ଲୀ, ୧୦/୮ : ୱାୟନାଡ ପ୍ରାକୃତିକ ବିପର୍ଯ୍ୟୟକୁ ୧୦ ଦିନରେ ପହଞ୍ଚି ଥିବାବେଳେ ଶନିବାର ଏଠାକୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଘଟଣାସ୍ଥଳ ବୁଲି ଦେଖିବା ସହ ଆକାଶମାର୍ଗରୁ ସ୍ଥିତି ନୀରିକ୍ଷଣ କରିଛନ୍ତି । ଭୂସ୍ଖଳନ କ୍ଷୟକ୍ଷତି ବାବଦରେ ଆଲୋଚନ କରି କିଭଳି ପ୍ରଭାବିତଙ୍କୁ ଯଥା ସମ୍ଭବ ସାହାଯ୍ୟ ସହଯୋଗ କରାଯିବ ସେନେଇ ମଧ୍ୟ ଆଲୋଚନା କରିଛନ୍ତି । ଆଶ୍ରୟସ୍ଥଳ, ହସପିଟାଲରେ ପହଞ୍ଚି ପ୍ରଭାବିତ ଓ ପୀଡିତଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବୁଝିଥିଲେ ମୋଦୀ । କେମିତି ଚାଲିଛି ପୁନରୁଦ୍ଧାର କାମ? କ'ଣ ରହିଛି ବର୍ତମାନ ସ୍ଥିତି? ଏଭଳି ବିପତ୍ତିକୁ କିପରି ଭବିଷ୍ୟତରେ ଏଡାଇ ଦିଆଯାଇପାରିବ ନେଇ ସ୍ଥାନୀୟ ପ୍ରଶାସନ, ଉଦ୍ଧାରକାରୀ ଦଳ ଏବଂ ଜିଓଲୋଜିଷ୍ଟଙ୍କ ସହ ଆଲୋଚନା ମଧ୍ୟ କରିଥିଲେ । ୱାୟନାଡ ଭୂସ୍ଖଳନ ଘଟଣା ସାରା ଦେଶକୁ ଦୋହଲାଇଦେଇଛି। ଏହାକୁ ଜାତୀୟ ବିପତ୍ତି ଘୋଷଣା କରିବାକୁ ଦାବି କରୁଛି କଂଗ୍ରେସ । ନିକଟରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ୱାୟନାଡ ଗସ୍ତ କରିଥିବା ସମୟରେ ସରକାରଙ୍କ ନିକଟରେ ଏହି ଦାବି ରଖିଥିଲେ । କିନ୍ତୁ ଏଭଳି ଦାବିକୁ ନେଇ ଦୀର୍ଘଦିନ ହେବ ମତଭେଦ ଓ ବିବାଦ ରହିଛି । ୨୦୧୩ ୟୁପିଏ ସରକାର ସମୟରେ ବିଜେପି ନେତୃତ୍ୱାଧୀନ ବିରୋଧୀ ପ୍ରାକୃତିକ ବିପର୍ଯ୍ୟୟ ଘଟଣାକୁ ଜାତୀୟ ବିପତ୍ତି ଘୋଷଣା ଦାବି କରିଥିଲେ । ତତକାଳୀନ ଗୃହ ରାଜ୍ୟମନ୍ତ୍ରୀ ମୁଲ୍ଲାପଲୀ ରାମଚନ୍ଦ୍ରନ ଏଭଳି କିଛି ନିୟମ ନାହିଁ କହି ଦାବି ମାନିବାକୁ ମନା କରିଥିଲେ । ଏବେ ସରକାର ବଦଳିବା ପରେ କଂଗ୍ରେସ ନେତୃତାଧୀନ ବିରୋଧୀ ମେଣ୍ଟ ସମାନ ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ, ଜୁଲାଇ ୩୦ରେ କେରଳ ୱାୟନାଡକୁ ମାଡ଼ି ଆସିଥିଲା ଭୟଙ୍କର ଭୂସ୍ଖଳନ । ଆଖି ପିଛୁଳାକେ ଚାଲିଯାଇଛି ଶହଶହ ଜୀବନ । ଏବେ ବି ମାଟି ତଳେ ଚାଲିଛି ସନ୍ଧାନ ।

## ସ୍ୱାଧୀନତା ଦିବସରେ ଆସିବ 'ସୁଭଦ୍ରା' ଏସ୍ଓପି

ଭୁବନେଶ୍ୱର, ୧୦/୮ (ନି.ପ୍ର): ସୁଭଦ୍ରା ଯୋଜନା ଏସଓପି ଅଗଷ୍ଟ ୧୫ରେ ଆସିବ। ଏଥିରେ କିଏ ପାଇବେ, କିଏ ପାଇବେନି, ତାର ସ୍ପଷ୍ଟ ଚିତ୍ର ରହିବ। ସୁଭଦ୍ରା ଯୋଜନା ପାଇଁ ଆଧାର କାର୍ଡ ହିଁ ଯଥେଷ୍ଟ। ତେବେ ଉଚ୍ଚ ବର୍ଗର ଲୋକ ଏଥିରୁ ବାଦ ପଡିପାରନ୍ତି। ବିଶେଷକରି ଯେଉଁମାନେ ଆୟକର ଦେଉଛନ୍ତି ସେମାନଙ୍କୁ ସରକାର ବାଦ ଦେଇପାରନ୍ତି। ତେବେ ଅଗଷ୍ଟ ୧୫ରେ ଏସଓପି ଆସିବା ପରେ ସୁଭଦ୍ରା ନେଇ ଚିତ୍ର ଆହୁରି ସ୍ପଷ୍ଟ ହେବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି ଯେ ସୁଭଦ୍ରା ଯୋଜନା ବଜେଟରେ ୧୦ ହଜାର କୋଟି ଟଙ୍କା ଥିଲେ ମଧ୍ୟ ଆବଶ୍ୟକ ପଡିଲେ ଏହା ବଢିପାରେ। ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ରାଜ୍ୟରେ ଏହି ଯୋଜନା ଲାଗୁ ହେବ। ସେହିପରି ରାଜ୍ୟରେ ଯେମିତି ଲକ୍ଷପତି ଦିଦିଙ୍କ ସଂଖ୍ୟା ବଢିବ ସେ ନେଇ ତାଙ୍କ ସରକାର କାମ କରୁଛି। ମିସନ ଶକ୍ତି ମା ମାନଙ୍କୁ ଦୁବାଇ ବୁଲାଇନେଲେ ସେମାନଙ୍କ ବିକାଶ ହୋଇଯିବନି ସେମାନଙ୍କ ଏକ୍ସପୋଜର ଭିଜିଟ୍ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ସ୍କୁଟି ନେଇ ମିସନ ଶକ୍ତିର ମହିଳାମାନେ ପସ୍ତାଉଛନ୍ତି। ଗତ ସରକାର ସେମାନଙ୍କ ଉପରେ ଋଣ ଭାର ବଢାଇ ଦେଇଛି। ବିଜେପି ମାଆ ମାନଙ୍କୁ କେବେବି ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରେନି। ବିଜେପି ସେମାନଙ୍କ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବ। ମିଶନ ଶକ୍ତି କେବେବି ବନ୍ଦ ହେବନି । ପର୍ଯ୍ୟଟନର ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଗତ ଥର ଇକୋରିଟ୍ରେଟରେ ଅନେକ ବାବୁଙ୍କ ବିନା ପଇସାରେ ବିଳାସ ବ୍ୟଶନ କଥା ସାମନାକୁ ଆସିଛି। ଏଥର ସେ ସବୁ ବନ୍ଦ ହେବ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

## ଆତଙ୍କବାଦୀଙ୍କ ସହ ଲଢ଼େଇ କରି ୨ ଯବାନ ସହିଦ



ନୂଆଦିଲ୍ଲୀ, ୧୦/୮ : ଜମ୍ମୁ-କଶ୍ମୀରର ଅନନ୍ତନାଗରେ ଚାଲିଥିବା ଏନକାଉଣ୍ଟରରେ ୨ ଜଣ ଯବାନ ସହିଦ ହୋଇଛନ୍ତି। ଆଉ ଜଣେ ଯବାନ ଓ ୨ ଜଣ ସାଧାଣ ଲୋକ ମଧ୍ୟ ଗୁଳି ମାଡ଼ରେ ଆହତ ହୋଇଛନ୍ତି। ସେମାନଙ୍କୁ ଏନକାଉଣ୍ଟର ସ୍ଥଳରୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନନ୍ତନାଗରେ ଅହଲାନ ଗାଡୋଲେ ଆରମ୍ଭ ହୋଇଥିବା ଏନକାଉଣ୍ଟର ଏବେ ବି ଜାରି ରହିଥିବା ସେନା ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ, କୋକେରନାଗ ସବଡିଭିଜନରେ ଥିବା ଜଙ୍ଗଲରେ କିଛି ଆତଙ୍କବାଦୀ ଥିବା ସୂଚନା ମିଳିଥିଲା। ଏହାପରେ ଭାରତୀୟ ସ୍ଥଳ ସେନା, ଜମ୍ମୁ-କଶ୍ମୀର ପୁଲିସ୍ ଓ ସିଆରପିଏଫ ଯବାନଙ୍କ ପକ୍ଷରୁ ଆତଙ୍କବାଦ ନିରୋଧ ଅପରେସନ ଆରମ୍ଭ ହୋଇଥିଲା। ଅପରେସନ ଚାଲିଥିବା ବେଳେ ଟିମ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏହାର ଜବାବ ମଧ୍ୟ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଦିଆଯାଇଛି। ଫଳରେ ଦୁଇ ପକ୍ଷ ମଧ୍ୟରେ

▶▶ପୃଷ୍ଠା ୭

## ଓଡ଼ିଶାରେ ରେଳ ସଂଯୋଗୀକରଣ ପାଇଁ କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଛନ୍ତି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୦/୮ (ନି.ପ୍ର): ଓଡିଶାରେ ୬ଟି ରେଳ ପ୍ରକଳ୍ପ ଆରମ୍ଭ ହେବ। ଏଥି ପାଇଁ କେନ୍ଦ୍ର ସରକାର ଅନୁମୋଦନ ଦେଇଛନ୍ତି। କେନ୍ଦ୍ର ସରକାର ଦକ୍ଷିଣ ଓଡ଼ିଶା ସହ ପଶ୍ଚିମ ଓଡିଶାର ସଂଯୋଗ ଓ ଉତ୍ତର ଓଡିଶାରେ କେନ୍ଦୁଝର ମୟୂରଭଞ୍ଜ ସହ ଝାଡଖଣ୍ଡକୁ ସଂଯୋଗ କରିବାକୁ ନିଆଯାଇଛି ବଡ ପଦକ୍ଷେପ ନେଇଛନ୍ତି। ଏହା ଓଡିଶାରେ ରେଳ ଭିତ୍ତିଭୂମିକୁ ସୁଦୃଢ କରିବ। ବିଶେଷ କରି କଳାହାଣ୍ଡି, ନବରଙ୍ଗପୁର, ମାଲକାନିଗିରି, ରାୟଗଡା, କୋରାପୁଟ କେନ୍ଦୁଝର ଏବଂ ମୟୂରଭଞ୍ଜର ଆର୍ଥିକ କ୍ଷେତ୍ରରେ ବିକାଶରେ ଏହା ଅତ୍ୟନ୍ତ ସହାୟକ ହେବ। ଲୋକେମାନେ ଏଥିରେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣମାଝୀ ସୂଚନା ଦେଇଛନ୍ତି। ଶ୍ରୀ ମାଝୀ କହିଛନ୍ତି, ଓଡିଶାରେ ୬ଟି ରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୧୫ ହଜାର ୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଓଡିଶାକୁ କେନ୍ଦ୍ର ପ୍ରାଧାନ୍ୟ ଦେଇଛନ୍ତି, ଏଥିରେ ପୂର୍ବୋଦୟରେ ଓଡିଶା ସ୍ୱତନ୍ତ୍ର ସ୍ଥାନ ପାଇଛି ବୋଲି ପ୍ରମାଣିତ ହୋଇଛି । ପ୍ରଧାନମନ୍ତ୍ରୀ ଯେଉଁ ପୂର୍ବୋଦୟ କଥା କହିଥିଲେ ତାହା ଆଜି ଫଳପ୍ରଦ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ମୋଟ୍ ୮ଟି ରେଳ ପ୍ରକଳ୍ପକୁ ଅନୁମୋଦନ ଦେଇଛି। ଏହି ପ୍ରକଳ୍ପର ମୂଲ୍ୟ ୨୪,୬୫୭ କୋଟି ରହିଛି, ଯେଉଁଥିରେ ଓଡିଶାର ଗୁଣୁପୁର-ଥିରୁବାଲି ୭୩ କିଲୋମିଟର, ଜୁନାଗଡ-ନବରଙ୍ଗପୁର ୧୧୬ କି.ମି, ବାଦାମପାହାଡ-କେନ୍ଦୁଝରଗଡ ୮୨.୬ କିଲୋମିଟର, ବାଙ୍ଗିରିପୋଷୀ-ଗୋରୁ ମୋହିଷାଣି ୮୫.୬୦ କି.ମି, ମାଲକାନଗିରି-ଭଦ୍ରାଚଲମ ୧୭୩.୬୧ କି.ମି ଆଦି ନୂଆ ରେଳ ଲାଇନ୍ ହେବ ବୋଲି ଜଣାପଡ଼ିଛି । ୨୦୩୦-୨୦୩୧ ସୁଦ୍ଧା ଶେଷ ହେବାକୁ ଥିବା ଏହି ନୂତନ ଲାଇନ୍ ପ୍ରକଳ୍ପଗୁଡ଼ିକ ନିର୍ମାଣ କାଳରେ ପ୍ରାୟ ୩ କୋଟି ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ। ଓଡ଼ିଶା, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ବିହାର, ତେଲେଙ୍ଗାନା ଏବଂ ପଶ୍ଚିମବଙ୍ଗ ଭଳି ୭ଟି ରାଜ୍ୟର

▶▶ପୃଷ୍ଠା ୭

## ସୀମା ଆରପଟେ ବାଂଲାଦେଶୀଙ୍କ ଭିଡ଼: ଆଲର୍ଟ ମୁଡ୍‌ରେ ସେନା



ନୂଆଦିଲ୍ଲୀ, ୧୦/୮ : ବାଂଲାଦେଶରେ ରାଜନୈତିକ ହିଂସାକାଣ୍ଡ ଓ ଅସ୍ଥିରତା ପରେ ଭାରତ ସୀମାରେ ବଢିଛି ଅନୁପ୍ରବେଶ ଉଦ୍ୟମ। ସୀମା ଆରପଟେ ପ୍ରତିଦିନ ଭିଡ଼ ଜମାଉଛନ୍ତି ହଜାର ହଜାର ବାଂଲାଦେଶୀ। ପଶ୍ଚିମବଙ୍ଗ କୁଚବେହାରର ଶୀତଲକୁଚି ଦେଇ ଭାରତରେ ପ୍ରବେଶ ପାଇଁ ଉଦ୍ୟମ କରୁଛନ୍ତି। କୁଚବେହାରରୁ ଏମିତି ଚିତ୍ର ସାମନାକୁ ଆସିବା ପରେ ହାଇ ଆଲର୍ଟରେ ସୀମା ସୁରକ୍ଷା ବାହିନୀ। ସେମାନଙ୍କ ଗତିବିଧି ଉପରେ ବିଏସଏଫ୍ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ବାଂଲାଦେଶୀଙ୍କୁ ଜିରୋ ପଏଣ୍ଟରେ ଅଟକାଇଛି ବିଏସ୍ଏଫ୍। ପ୍ରାୟ ୧୦୦୦ ଲୋକ ଭାରତରେ ଆଶ୍ରୟ ନେବା ପାଇଁ ସୀମା ନିକଟକୁ ଆସିଥିଲେ। ଯେଉଁଥିରେ ଅଧିକାଂଶ ହିନ୍ଦୁ ବାଂଲାଦେଶୀ ନାଗରିକ ଅଛନ୍ତି ବୋଲି ବିଏସଏଫ ପକ୍ଷରୁ କୁହାଯାଛି। କେବଳ ସ୍ଥଳ ସୀମା ନୁହେଁ, ଜଳସୀମା ପଟେ ମଧ୍ୟ ବାଂଲାଦେଶୀଙ୍କ ଅନୁପ୍ରବେଶ ଆଶଙ୍କା ଥିବାରୁ ସମୁଦ୍ର ତଟରେ କଡାକଡି ଯାଞ୍ଚ ଚାଲିଛି। ଓଡ଼ିଶା ସୀମାରେ ବି କଡ଼ା ପ୍ରହରା ଦିଆଯାଇଛି। ସ୍ଥଳ ଓ ଜଳ ପଥ ଉପରେ ତୀକ୍ଷ୍ଣ ନଜର ରହିଛି। ଓଡ଼ିଶା ମେରାଇନି ପୁଲିସ୍ ପକ୍ଷରୁ ଅରଖକୁଦା ମେରାଇନ ଥାନାର ଗୋଟିଏ ଟିମ୍ ସମୁଦ୍ର ଓ ଚିଲିକାର ପ୍ରବେଶ ପଥ ଶିପକୁଦା ମୁହାଣରେ ପଇଁତରା ମାରୁଛନ୍ତି। ସନ୍ଦିଗ୍ଧ ଙ୍କୁ ପରିଚୟ ପତ୍ର ମାଗିବା ସହ ବିଭିନ୍ନ ଆବଶକୀୟ ତଥ୍ୟ ମଗାଯାଉଛି।

## ଦୁର୍ନୀତିଗ୍ରସ୍ତ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ଓ ଗୋଲମୁଣ୍ଡା ବିଡିଓଙ୍କୁ ନିଲମ୍ବନ କଲେ ସରକାର

ଭୁବନେଶ୍ୱର, ୧୦/୮ (ନି.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥ ଓ ଗୋଲମୁଣ୍ଡା ବ୍ଲକ ବିଡିଓ ଅକ୍ଷମିତା କାର୍ତ୍ତିକଙ୍କୁ ରାଜ୍ୟ ସରକାର ଚାକିରିରୁ ନିଲମ୍ବନ କରିଛନ୍ତି । ୪୮ଘଣ୍ଟାରୁ ଅଧିକ ସମୟ ଧରି ନ୍ୟାୟିକ ହାଜତରେ ରହିଥିବା ଯୋଗୁ ରାଜ୍ୟ ସରକାର ଏହି ଦୁଇ ଅଧିକାରୀଙ୍କୁ ସରକାରୀ ଚାକିରିରୁ ନିଲମ୍ବନ କରିଛନ୍ତି । ୧୦ କୋଟି ଟଙ୍କାରୁ ଅଧିକ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ କଟକରେ କାର୍ଯ୍ୟରତ ମୁଖ୍ୟଯନ୍ତ୍ରୀ ଶ୍ରୀ ରଥଙ୍କୁ ଚଳିତମାସ ୬ତାରିଖରେ ଭିଜିଲାନ୍ସ ଗିରଫ କରିଥିଲା ।

▶▶ପୃଷ୍ଠା ୭

## ବଜ୍ରାଘାତରେ ୨ ମୃତ: ଜଣେ ଗୁରୁତର

ସୋର, ୧୦/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ରାଇପୀତାମ୍ବର ଗାଁରେ ବଜ୍ରାଘାତରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଉଛନ୍ତି ରାଇପୀତାମ୍ବର ଗାଁର ବସନ୍ତ ଦାସ ଓ ନରେନ୍ଦ୍ର ବିଶ୍ୱାଳ। ଆହତ ଜଣଙ୍କ ହେଉଛନ୍ତି ସେହି ଗାଁର ସୁରେନ୍ଦ୍ର ସାହୁ। ଏମାନେ ଆଜି ଅପରାହ୍ଣରେ ବିଲକୁ କାମ କରିବାକୁ ଯାଇଥିଲେ। ତେବେ ସେହି ସମୟରେ ପ୍ରବଳ ଘଡ଼ଘଡ଼ି ସହିତ ବିଜୁଳି ମାରିଥିଲା। ଆଉ ସେଥିରେ ବସନ୍ତ ଓ ନରେନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାର ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ବସନ୍ତ ଦାସ ଓ ନରେନ୍ଦ୍ର ବିଶ୍ୱାଳଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ସୁରେନ୍ଦ୍ର ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି ।

## ଓଡ଼ିଶାକୁ ମିଳିଲା ୬ଟି ନୂଆ ରେଳ ପ୍ରକଳ୍ପ: ଧନ୍ୟବାଦ ଦେଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୧୦/୮ (ନି.ପ୍ର): କେନ୍ଦ୍ର କ୍ୟାବିନେଟ୍‌ରେ ଓଡ଼ିଶାକୁ ନୂଆ ରେଳ ଲାଇନ୍ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମ୍ପ୍ରସାରଣ ନେଇ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ମାଲକାନଗରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି ଜିଲ୍ଲାର ଆର୍ଥିକ ଅଭିବୃଦ୍ଧି ସହ ଭିତିଭୂମିକୁ ସୁଦୃଢ କରିବ। ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ମୋଟ୍ ୮ଟି ରେଳ ପ୍ରକଳ୍ପକୁ ଅନୁମୋଦନ ଦେଇଛି।

▶▶ପୃଷ୍ଠା ୭

## ଭୂମିପୂଜନ ପାଇଁ ଛାଡ଼ିଲେନି: ଭାଙ୍ଗି ଦେଲେ ଫଳକ; ଫେରିଗଲେ କେନ୍ଦ୍ରମନ୍ତ୍ରୀ



କୋରାପୁଟ, ୧୦/୮ (ନି.ପ୍ର): ବକ୍ସାଇଟ୍ ଖନନ ପାଇଁ ଆଜି ଭୂମିପୂଜନ ହେବାର ଥିଲା। ହେଲେ ସ୍ଥାନୀୟ ଲୋକେ ଭୂମି ପୂଜନ ପାଇଁ ଅତିଥିଙ୍କୁ ଛାଡ଼ିଲେ ନାହିଁ। ନାମ ଫଳକ ଓ ଟେଣ୍ଟ ଭାଙ୍ଗି ଦେଲେ। ଅଧାବାଟରୁ ଫେରିଗଲେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟ ଅତିଥି। ଆଜି ଏପରି ପ୍ରତିବାଦର ଚିତ୍ର ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲାରେ। ପଟ୍ଟାଙ୍ଗୀ ଥାନା ଅଞ୍ଚଳରେ ରହିଛି ସେରୁବନ୍ଧ ଖଣି। ଏହି ଖଣିରୁ ବକ୍ସାଇଟ୍ ଉତ୍ତୋଳନ ପାଇଁ ଆଜି ଭୂମିପୂଜନ ହେବାର ଥିଲା। ଏଥିପାଇଁ ପାହାଡ଼ ପାଦଦେଶରେ ବନ୍ଧା ଯାଇଥିଲା ଷ୍ଟେଜ୍ ଓ ନିର୍ମାଣ ହୋଇଥିଲା ନାମ ଫଳକ। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଭୂମି ପୂଜନ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଯୋଗଦେବାର ଥିଲା। ସେଥିପାଇଁ କେନ୍ଦ୍ର ମନ୍ତ୍ରୀ ନୂଆଦିଲ୍ଲୀରୁ ବିଶାଖାପାଟଣା ଦେଇ କୋରାପୁଟ୍‌ରେ ପହଞ୍ଚିଥିଲେ। ମନ୍ତ୍ରୀ କୋରାପୁଟରେ ପହଞ୍ଚିବା ପରେ ସମସ୍ତ ଅଥିତି ଯଥା- ନାଲକୋ ସିଏମ୍‌ଡି ଶ୍ରୀଧର ପାତ୍ର, ଜିଲ୍ଲାପାଳ ଭି. କିର୍ତ୍ତୀଭାସନ, ଏସ୍‌ପି ଅଭିନବ ସୋନ୍‌କାର, ବିଧାୟକ ରଘୁରାମ ମାଛ ପ୍ରମୁଖ ଭୂମିପୂଜନ ସ୍ଥଳକୁ ଯାଉଥିଲେ। ସେପଟେ ସେରୁବନ୍ଧ ଖଣିରୁ ବକ୍ସାଇଟ୍ ଖନନକୁ ବିରୋଧ କରିଥିଲେ ସ୍ଥାନୀୟ ଲୋକେ। ଉତ୍ୟକ୍ତ ଲୋକେ ଭୂମି ପୂଜନ ଉତ୍ସବ ପାଇଁ ତିଆରି ହୋଇଥିବା ଟେଣ୍ଟକୁ ଭାଙ୍ଗି ଦେଇଥିଲେ। ନାମ ଫଳକକୁ ଭାଙ୍ଗି ମାଟିରେ ମିଶାଇ ଦେଇଥିଲେ। ଆଉ ଭୂମି ପୂଜନ ଉତ୍ସବକୁ ଆସୁଥିବା ଅତିଥିଙ୍କୁ ସ୍ଥାନୀୟ ଲୋକ ରାସ୍ତାରେ ଅଟକାଇ ଥିଲେ। ଆଗକୁ ବଢ଼ିବା ପାଇଁ ଛାଡ଼ି ନଥିଲେ। ଯାହାଫଳରେ ଦୀର୍ଘ ସମୟ ଧରି ରାସ୍ତାରେ ଅଟକି ରହିଥିଲେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟ ଅତିଥି।

▶▶ପୃଷ୍ଠା ୭

# କୁନି ବୈଜ୍ଞାନିକକୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା




ନୀଳଗିରି, ୧୦/୮ (ନି.ପ୍ର): ଏକ ବୈଜ୍ଞାନିକ ଚିନ୍ତାଧାରା ନେଇ ବିଜ୍ଞାନ ପ୍ରକଳ୍ପ ମାଧ୍ୟମରେ କୃତ୍ରିମ ଗଛର ପ୍ରକଳ୍ପ ତିଆରି କରି ମନୋନୀତ ହୋଇ ଜିଲ୍ଲା ସ୍ତରକୁ ମନୋନୀତ ହୋଇ ଯାଇଥିବା ଏକ କୁନି ବୈଜ୍ଞାନିକ କୁ ଆଜି ବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ଅଞ୍ଚଳରେ ଆନନ୍ଦର ଲହରୀ ଖେଳି ଯାଇଛି । ବିବରଣୀ ଅନୁଯାଇ ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଦକ୍ଷିଣ ନରସିଂହପୁର ପଞ୍ଚାୟତ ଅଧୀନ ରାଜନଗର ଉ:ପ୍ରା ବିଦ୍ୟାଳୟର ସପ୍ତମ ଶ୍ରେଣୀର ଅଧ୍ୟୟନରତ ଛାତ୍ର ତଥା ବାହାନାଗା ବ୍ଲକ ଅନ୍ତର୍ଗତ ହରିପାଳପୁର ଗ୍ରାମର ରମାକାନ୍ତ ଓ ଭକ୍ତିଲତା ବାରିକ ଙ୍କ ସୁପୁତ୍ର ଜଗଦିଶ ବାରିକ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଆନୁକୂଲ୍ୟରେ ଏକ ଅନଲାଇନ ଫର୍ମ ପଞ୍ଜିକରଣ କରି ଆବେଦନ କରିଥିଲେ । ଆବେଦନରେ କୃତ୍ରିମ ଗଛର ଏକ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ । ଏହି ପ୍ରକଳ୍ପର ଲକ୍ଷ୍ୟ ହେଲା ସହର ଓ ଶିଳ୍ପାଞ୍ଚଳ ରେ ବାୟୁ ମଣ୍ଡଳର ଅଙ୍ଗରକାମ୍ଳର ସାନ୍ଦ୍ରତା କମାଇବା ସହିତ ବିଶ୍ୱ ତାପନ (ଗ୍ଲୋବାଲ ୱାର୍ମିଙ୍ଗ )ଭଳି ଭୟଙ୍କର ବିପଦରୁ ବିଶ୍ୱକୁ ରକ୍ଷା କରାଯାଇ ପାରିବ । ତାଙ୍କର ଏହି ସଫଳତା ପାଇଁ ସାଇନ୍ସ ଇନସ୍ପାୟାର ମାନକ ୨୦୨୩/୨୪ ରେ ପୁରସ୍କାର ବାବଦକୁ ଦଶ ହଜାର ଟଙ୍କା ଅର୍ଥ ରାଶି ପାଇବା ସହିତ ନିଜ ବିଦ୍ୟାଳୟ ଓ ଅଞ୍ଚଳରେ ସୁନାମ ଅର୍ଜନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ବିଦ୍ୟାଳୟ ତରଫରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା ।ଛାତ୍ର ଜଗଦୀଶ ଏହି ସଫଳତାର ସମସ୍ତ ଶ୍ରେୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରୁଣାକର ନାୟକ, ଗାଇଡ ଟିଚର ଭଗବାନ ପାଣିଗ୍ରାହୀ, ପିତା ମାତାଙ୍କୁ ଦେଇଛନ୍ତି ।ସୂଚନା ଯୋଗ୍ୟ ଔପଦା ବ୍ଲକର ୧୨୮ ଗୋଟି ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ଏହି ପରୀକ୍ଷା ପାଇଁ ଆବେଦନ କରିଥିବା ବେଳେ ୭ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିବା ଜଣାପଡିଛି । ଏଥି ମଧ୍ୟରୁ ସନ୍ତରାଗାଡିଆ ହାଇସ୍କୁଲରୁ ସତ୍ୟପ୍ରକାଶ ସ, ସୌଭାଗ୍ୟ ମଞ୍ଜରୀ ହାଇସ୍କୁଲରୁ ଦିବ୍ୟଶ୍ରୀ ପ୍ରିୟଦର୍ଶନୀ ମଲ୍ଲିକ, ଦରଖୋଳି ନୋଡାଲ ହାଇସ୍କୁଲରୁ ବିଶ୍ୱଜିତ ରାଉଳ, ବିଶ୍ୱନାଥ ଉଚ୍ଚ ବିଦ୍ୟାପୀଠରୁ ପ୍ରିୟ ରଞ୍ଜନ ବିଶ୍ୱାଳ, ଧୀମପୁରା ଓଡିଶା ଆଦର୍ଶ ବିଦ୍ୟାଳୟରୁ ଶୁଭାଶିଷ ସେଠୀ, ରାଣୀ ପୋଖରୀ ୟୁଜିୟୁପି ସ୍କୁଲରୁ କୃଷ୍ଣ ଗିଲୁଆ । ଆଜିର ଉକ୍ତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାର୍ତିକ ରାଉତ, ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ଅବସରପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ସାମଲ, ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଗ୍ରାମବାସୀ ଉପସ୍ଥିତ ଥିଲେ ।

# ସ୍ୱର ଉତ୍ତୋଳନ ନୁହେଁ ସଚେନତନତା ଓ ସମାଜ ଗଠନ ହେବ ମୂଳ ଲକ୍ଷ୍ୟ: ପୂର୍ବତନ ମନ୍ତ୍ରୀ ସୁବ୍ରତ ତରାଇ

ରାଉରକେଲା, ୧୦/୮ (ନି.ପ୍ର): ଗାଁ ଗହାଳି ଠାରୁ ନେଇ ରାଜ୍ୟ, ଦେଶ, ବିଶ୍ୱରେ ଆଜି ଶାନ୍ତିର ଅଭାବ ପରିଲକ୍ଷିତ ହେଉଛି, ଏହାର କାରଣ ଅନେକ ହେଲେ ଏହାର ସମାଧାନ ଲାଗି ସମାଜରେ ସ୍ୱର ଉତୋଳନ ନୁହେଁ ସଚେତନତା ଓ ସୁନାଗରିକ ଗଠନର ଆବଶ୍ୟକତା ରହିଛି, ତେଣୁ ସେହି ମାର୍ଗରେ ଚାଲିବା ଲାଗି ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁବ୍ରତ ତରାଇ ଓ ତାଙ୍କର କିଛି ସହଯୋଗୀ ଆଗେଇ ଆସି ଦେବଭୂମୀ ନାମକ ଏକ ସଂଗଠନ ତିଆରି କରି ସେ ଦିଗରେ କାମ କରିବେ ବୋଲି ଆଜି ରାଉରକେଲା ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ସରକାରୀ ଚାକିରୀ ଜୀବନକୁ ଛାଡି ପଲିଟିକ୍ସକୁ ଆସି ଅନେକ କ୍ଷମତା ହାସଲ କରି କାମ କରିଛି, ହେଲେ ମନ ଭିତରେ କୌଣସି କୋଣରେ ନିଜକୁ ପ୍ରଶ୍ନ କରିଥିବା ଏହି ସବୁ କଥା ଲାଗି କିଛି କାମ ଅତିତରେ କରିଛି ହେଲେ ମନ ଭରି ନଥିଲା ଫଳରେ ଏହାକୁ ପୁରଣ କରିବା ଲାଗି କିଛି ସମଭାବ ସଂପନ୍ନ ବ୍ୟକ୍ତି ବିଶେଷଙ୍କୁ ନେଇ ଆରମ୍ଭ କରାଯାଇଛି ଏହି ଅନୁଷ୍ଠାନ । ଏହାର ମୂଳ ଲକ୍ଷ୍ୟ ହେଲା ସମାଜରେ ଭାତୃ ଭାବକୁ ବଢାଇବା ସହ ପରସ୍ପରକୁ ଆଦର କରିବା ମନୋବୃତିକୁ ବଢାଇବା, କଳା ଓ ସଂସ୍କୃତିକୁ ବଢାଇବା, ପରିବେଷକୁ ସମୃଦ୍ଧ କରିବା ଲାଗି ବୃକ୍ଷ ରୋପଣ, ପାଣି ଓ ମାଟିର ଗୁରୁତ୍ୱକୁ ନେଇ ସଚେତନତା, ରକ୍ତଦାନ, ଅଂଗଦାନ ଭଳି କାମ କରିବାଲାଗି ସଚେତନତା, ବିଭିନ୍ନ କ୍ୟାମ୍ପ କରାଯାଇ ପରିବେଶକୁ ସୁସ୍ଥ ଓ ସଫା ରଖିବା ଲାଗି ସଚେତନତା ଓ ସମାଜରେ ଥିବା ଆଗାମୀ ପିଢି ଯୁବ ବର୍ଗଙ୍କୁ ନିଶା ଠାରୁ ଦୁରେଇ ରଖି ସେମାନଙ୍କୁ ନିୟମିତ ଯୋଗ ଶାରୀରିକ ପରିଶ୍ରମ କରିବା ଲାଗି ସଚେତନତା ସୃଷ୍ଟି କରିବା ଭଳି କାର୍ଯ୍ୟ ହାତକୁ ନିଆଯାଇଛି ବୋଲି ସାମ୍ବାଦିକ ମାନଙ୍କୁ ସୂଚନା ଦିଆଯାଇଛି । ମଣିଷ ଏକ ସାମାଜିକ ପ୍ରାଣି ସେ ବଂଚିବାକୁ ହେଲେ ତାକୁ ସୁନ୍ଦର ସ୍ୱାସ୍ଥ୍ୟ ସହ ପରିବେଶ ଉନ୍ନତ ମାନର ସାଙ୍ଗକୁ ସହଯୋଗର ଆବଶ୍ୟକତା ରହିଛି, ତେଣୁ କୌଣସି ସ୍ୱର ଉତୋଳନ ନକରି ସମାଜର ପ୍ରତି ବର୍ଗର ମଣିଷକୁ ଏଦିଗରେ ଅଧିକ ସଚେତନ କରାଯାଇ ପାରିଲେ ଏକ ସୁନ୍ଦର ଗାଁ ସାଙ୍ଗକୁ ରାଜ୍ୟ, ଦେଶ ଓ ବିଶ୍ୱ ଗଠନ ହୋଇପାରିବ । ଏଥିଲାଗି କୌଣସି ଧର୍ମ ନୁହେଁ କେବଳ ମାନବ ଧର୍ମ ହିଁ କାମ କରିବ ବୋଲି ଶ୍ରୀ ତରାଇ କହିଥିଲେ । ସେ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତରରେ କହିଲେ ପଲିଟିକାଲ କଥା ଆଜି ନୁହେଁ, ତେବେ ଜୀବନ କାଳରେ ଯାହା କିଛି କରିବା ଲାଗି ବାକି ରହିଥିଲା ତାକୁ କରିବା ଲାଗି ଆମ ସମସ୍ତଙ୍କର ଲକ୍ଷ୍ୟ। ଏଥିଲାଗି ମାନବ ଧର୍ମ ହିଁ କାମ କରିବ ଓ ସମସ୍ତେ ଏଥିରେ ସାମିଲ ହୋଇପାରିବେ ବୋଲି ସେ କହିଥିଲେ । ଖୁବ ଶିଘ୍ର ଜନ୍ମାଷ୍ଟମୀ ଠାରୁ ଏହାର କାମ ଆରମ୍ଭ କରାଯାଇ ବିଭିନ୍ନ ପୁଜା ପାର୍ବଣରେ ଏହାକୁ ଅଧିକରୁ ଅଧିକ କ୍ରିୟାଶୀଳ କରାଜିବ । ଏ ଦିଗରେ ସମାଜର ବିଭିନ୍ନ ବର୍ଗ କଣ ଶିଖିଲେ କିମ୍ବା ଶିଖୁଛନ୍ତି ତାକୁ ଜାଣିବା ଲାଗି ବିଭିନ୍ନ ସମୟରେ ସେମାନଙ୍କ ଭିତରେ ପ୍ରତିଯୋଗୀତା ମାନ ଆୟୋଜନ କରାଜିବ ବୋଲି କୁହାଯାଇଛି । ଏହି ଅବସରରେ ପୁରାତନ ବିଜେଡି ନେତା ସୁଧୀର ସୁନ୍ଦର ରାୟ, ବ୍ୟବସାୟୀ ଅନୁପମ ରାୟ, କବି ରାଜିବ ପାଣୀ, ଓ ରାଧାକାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ନିର୍ବାଚନ ପରେ ସୁବ୍ରତ ବାବୁ, ବିଜେଡି ହାରିବା ନେଇ କୌଣସି ପ୍ରତିକ୍ରିୟା ରଖିନଥିବା ବେଳେ ତାଙ୍କର ଗତି କୁଆଡେ ବୋଲି ପ୍ରଶ୍ନ ହେଉଥିଲା, ଆଜିର ଏହି ସାମ୍ବାଦିକ ସମ୍ମିଳନୀ ତାଙ୍କର ଭବିଷ୍ୟତ ନିଷ୍ପତି କୁ ନେଇ ସେ କିଛି କହିନାହାନ୍ତି ହେଲେ ଏହି କାର୍ଯ୍ୟକ୍ରମ କିଛିଟା ସୂଚନା ଦେଉଛି ବୋଲି କୁହାଯାଉଛି ।

# ଘରେ ଘରେ ତ୍ରିରଙ୍ଗା ଅଭିଯାନ

ବଲାଙ୍ଗିର, ୧୦/୮ (ନି.ପ୍ର): ୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆରମ୍ଭ ହୋଇଛି ଓ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗଦର୍ଶନ ଅନୁଯାଇ ଆରମ୍ଭ ହୋଇଥିବା ଏହି ଅଭିଯାନରେ ସମଗ୍ର ଭାରତର ନାଗରିକଙ୍କୁ ସାମିଲ କରି ବିଭିନ୍ନତା ମଧ୍ୟରେ ଏକତାର ବାର୍ତା ଦେବା ପାଇଁ ରାଜ୍ୟ ସରକାର ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ସହ ତୃଣମୂଳ ସ୍ତରରେ ଏହାର ସଫଳ ରୂପାୟନ ନିମନ୍ତେ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ଏହି ଅଭିଯାନର ସଫଳତା ତଥା ସମଗ୍ର ବିଶ୍ୱବାସୀଙ୍କୁ ବିଭିନ୍ନତା ମଧ୍ୟରେ ଏକତାର ବାର୍ତା ଦେବା ପାଇଁ ସମସ୍ତ ଜିଲ୍ଲା, ବ୍ଲକ ଏବଂ ପଂଚାୟତ ସ୍ତରରେ ତ୍ରିରଙ୍ଗା ଯାତ୍ରା, କୋନସର୍ଟ ଓ ଶପଥପାଠ କାର୍ଯ୍ୟକ୍ରମ ଅୟୋଜନ କରାଯିବ ଓ ଏଥିପାଇଁ ଆବଶ୍ୟକୀୟ ସଂଖ୍ୟକ ଜାତୀୟ ପତାକା ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗାଇବେ ଓ ଜିଲ୍ଲାର ମଣ୍ଡଳ ଉନ୍ନୟନ ଅଧିକାରୀ ଓ ପୌର ପାଳିକା/ ମହାନଗର ନିଗମର କାର୍ଯ୍ୟନିର୍ବାହୀ ଅଧିକାରୀ/ପୌର ଆୟୁକ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସମନ୍ୱୟରେ ଏହି କାର୍ଯ୍ୟକ୍ରମ ସମ୍ପାଦନ ହେବ ଓ ଏହି ଅବସରରେ ଜିଲ୍ଲାପାଳ ସମସ୍ତ ଭାରତୀୟଙ୍କ ସ୍ୱାଭିମାନ ଏବଂ ସମ୍ମାନର ପ୍ରତୀକ ତ୍ରିରଙ୍ଗା ପତାକାକୁ ଗର୍ବ ଓ ସମ୍ମାନର ସହ ଉଡାଇବା ପାଇଁ ଅନୁରୋଧ କରିଛନ୍ତି ଏବଂ ୱେବ୍ସାଇଟରେ ଶପଥପାଠ କରି କିମ୍ବା ତ୍ରିରଙ୍ଗା ପତାକା ସହିତ ନିଜର ସେଲଫି ଅପଲୋଡ କରି କେନ୍ଦ୍ର ସରକାରଙ୍କ ପ୍ରମାଣ ପତ୍ର ଗ୍ରହଣ କରିବା ସହ ବିଭିନ୍ନତା ମଧ୍ୟରେ ଏକତାର ବାର୍ତା ଦେବା ପାଇଁ ସମସ୍ତ ଜିଲ୍ଲାବାସୀଙ୍କୁ ଆହ୍ୱାନ କରିଛନ୍ତି ଓ ଜିଲ୍ଲା ସଦର ମହକୁମାରେ ୧୩ ତାରିଖ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରୁ ସକାଳେ ଏକ ତ୍ରିରଙ୍ଗା ଯାତ୍ରା ବାହାରିବ । ଏଥିରେ ସମସ୍ତ ବୁଦ୍ଧିଜୀବୀ, ଛାତ୍ର ଛାତ୍ରୀ, ଅଧିବାସୀ ମାନଙ୍କୁ ଯୋଗ ଦେବାକୁ ଅନୁରୋଧ ମଧ୍ୟ କରାଯାଇଛି ।

# ଡ.ରମାକାନ୍ତ ବେହେରା ସାରସ୍ୱତ ସାଂସ୍କୃତିକ ପରିଷଦର ଚତୁର୍ଥ ଟ୍ରଷ୍ଟି ବୈଠକ ଓ ସଂପାଦକଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର, ୧୦/୮ (ନି.ପ୍ର): ଦୁଇବର୍ଷ ପୂର୍ବେ ଗଠିତ ଡ.ରମାକାନ୍ତ ବେହେରା ସାରସ୍ୱତ ସାଂସ୍କୃତିକ ପରିଷଦର ଟ୍ରଷ୍ଟି ବୈଠକ ଟ୍ରଷ୍ଟ କାର୍ଯ୍ୟାଳୟ ଅଙ୍ଗାରଗଡ଼ିଆ ସରସ୍ୱତୀ ଶିଶୁ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଟ୍ରଷ୍ଟି ଏବଂ ସହଯୋଗୀ ସଭ୍ୟ ଯୋଗଦେଇ ଟ୍ରଷ୍ଟର କାର୍ଯ୍ୟଧାରାକୁ ବ୍ୟାପକ କରିବା ଦିଗରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରିବା ସହ ଅକ୍ଟୋବର ୫ ତାରିଖରେ ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ସମ୍ବନ୍ଧୀୟ ଆଲୋଚନା କରି କେତେକ ନିଷ୍ପତ୍ତି ଗ୍ରହଣ କରିଥିଲେ । ଟ୍ରଷ୍ଟର ସ୍ଥାୟୀ ଜମାରାଶି ପ୍ରତିଷ୍ଠାତାଙ୍କ ପକ୍ଷରୁ ଅଧିକ ବଢ଼ା ଯାଇଥିବାରୁ ପ୍ରତିଷ୍ଠାତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ନଗଦ ୧୪ ଲକ୍ଷ ଟଙ୍କା ଜମାରାଶିରୁ ଆସିବାକୁ ଥିବା ଲାଭାଂଶରେ ବିଭିନ୍ନ ଉତ୍ସବ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଟ୍ରଷ୍ଟ ପରିସରରେ ସଭା ନିମନ୍ତେ ଆବଶ୍ୟକୀୟ ସମସ୍ତ ସୁବିଧା ହୋଇଥିବାରୁ ଲେଖକ ଲେଖିକାଙ୍କ ପୁସ୍ତକ ଉନ୍ମୋଚନ ଓ ସାହିତ୍ୟ ସଭା ଅଧିକାରୁ ଅଧିକ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିଲା । ଖୁବ୍ ଶୀଘ୍ର ବାର୍ଷିକ ସମ୍ମାନ ଗ୍ରହଣକାରୀ ପ୍ରତିଭାଧରଙ୍କ ନାମ ଚୟନ କରାଯାଇ ଘୋଷଣା କରାଯିବ ବୋଲି ସଭାପତି ତଥା ପ୍ରତିଷ୍ଠାତା ଡ. ରମାକାନ୍ତ ବେହେରା ସୂଚନା ଦେଇଥିଲେ । ନିକଟରେ ଟ୍ରଷ୍ଟର ସଂପାଦକ କବି କାଳୀପଦ ପଣ୍ଡା ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଡକ୍ଟରିଏଟ୍ ଡିଗ୍ରୀ ଲାଭ କରିଥିବାରୁ ଟ୍ରଷ୍ଟ ପକ୍ଷରୁ ବୈଠକରେ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ବୈଠକରେ ଟ୍ରଷ୍ଟର ସଭାପତି ଡ. ରମାକାନ୍ତ ବେହେରା, ସଂପାଦକ ଡ. କାଳୀପଦ ପଣ୍ଡା, ଡ. ଶିରୀଶ ଚନ୍ଦ୍ର ଜେନା, ଯଦୁନାଥ ସାହୁ, ମଧୁସୂଦନ ଜେନା, ଅନସୂୟା ପ୍ରଧାନ, ବିଜନ କୁମାର ଦେ, ଅନ୍ନପୂର୍ଣ୍ଣା ଜେନା, ସୃଷ୍ଟିଧର ପରିଡ଼ା, ରଣଜିତ ଦେ, ନାରାୟଣ ସିଂହ, ସୁବର୍ଣ୍ଣ କେଶରୀ ସାମଲ, ରମେଶ ଚନ୍ଦ୍ର ଜେନା, ଡ. ଅରବିନ୍ଦ ଗିରି, ଯୋଗେଶ ଚନ୍ଦ୍ର ପ୍ରଧାନ, ସୁଧାକର ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଭବାନୀପାଟଣାଠାରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତି ବୈଠକ

ଭବାନୀପାଟଣା, ୧୦/୮ (ନି.ପ୍ର): ସ୍ୱାଧୀନତାର ୭୮ତମ ପର୍ବ ପାଳନ ଅବସରରେ ଏବଂ ଆଜାଦି କା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ଆସନ୍ତା ୧୩ ତାରିଖ ରୁ ୧୫ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ହର ଘର ତ୍ରିରଙ୍ଗା କାର୍ଯକ୍ରମ ସାରା ଦେଶରେ ପାଳନ କରାଯିବ । ଏହି ଅବସରରେ ରାଜ୍ୟସ୍ତରୀୟ ଆଭାଷୀ ମାଧ୍ୟମରେ ଅନୁଷ୍ଠିତ ନିର୍ଦ୍ଦେଶ ଅନୁଯାୟୀ କଳାହାଣ୍ଡି ଜିଲ୍ଲା, ବ୍ଲକ ଓ ପଂଚାୟତ ସ୍ତରରେ "ହର ଘର ତ୍ରିରଙ୍ଗା" କାର୍ଯ୍ୟକ୍ରମ ମହା ଆଡମ୍ବର ସହକାରେ ପାଳନ କରାଯିବ ।ଏହି ଅବସରରେ ଆଜି ସ୍ଥାନୀୟ ଜିଲ୍ଲାପରିଷଦ କଳାହାଣ୍ଡି ସ୍ଥିତ ସି.ଡି.ଓ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସି.ଡି.ଓ ଦୟାମୟ ପାଢୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭବାନୀପାଟଣାରେ ଆସନ୍ତା ୧୩.୦୮.୨୦୨୪ ରିଖ ଦିନ ପ୍ରଦୋଷ ୭ଟା ୩୦ ମି ସମୟରେ ଏକ ବିଶାଳ ଶୋଭାଯାତ୍ରା ତ୍ରିରଙ୍ଗା ସହ ସ୍ଲୋଗାନ ଓ ଦେଶାତ୍ମବୋଧକ ସଙ୍ଗୀତ ସହ ରିଜର୍ଭ ପୋଲିସ ପଡିଆରେ ପହଂଚିବ । ଶୋଭାଯାତ୍ରାରେ ସ୍କୁଲ କଲେଜ ଛାତ୍ର ଛାତ୍ରୀ, ଜନ ପ୍ରତିନିଧି, ଏସ.ଏଚ.ଜି ମା, ପି. ଆର. ଆଇ ସଦସ୍ୟ, ଅଙ୍ଗନବାଡୀ କର୍ମୀ, ସରକାରୀ ଅଧିକାରୀ, ବିଭିନ୍ନ ଅନୁଷ୍ଠାନ ସଭ୍ୟ ମାନେ ଅଂଶଗ୍ରହଣ କରିବେ । ଶୋଭାଯାତ୍ରାରେ ଏକ ଭ୍ରାମ୍ୟମାଣ ରଥ ସହ ମୋଟର ସାଇକେଲ ରାଲି ଅଂଶଗ୍ରହଣ କରିବେ । ରିଜର୍ଭ ପଡିଆରେ ତ୍ରିରଙ୍ଗା ଶପଥ, ତ୍ରିରଙ୍ଗା କାନଭାସ, ତ୍ରିରଙ୍ଗା ସମ୍ମାନ, ତ୍ରିରଙ୍ଗା ସେଲଫି ସହ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଗ୍ରାମ ଓ ସହରର ପ୍ରତ୍ୟେକ ଘର ମାନଙ୍କରେ ତ୍ରିରଙ୍ଗା ଜାତୀୟ ପତାକା ଉଡାଇବାକୁ ଆବଶ୍ୟକ ତ୍ରିରଙ୍ଗା ପ୍ରସ୍ତୁତ କରାଯାଉଛି ।

LOST OF CERTIFICATE

An affidavit before the executive Magistrate Balasore, I, Abinash Puhan the Export Manager of Alashore Marine Export Pvt.Ltd., Somanathpur, Balasore state that the Alashore Marine Export Pvt.Ltd., MPEDA Certificate no- ORI/ RX/102/21 has been losted while travelling to head office. So I want to take a re-issue for Alashore Marine Export Pvt.Ltd., MPEDA Certificate for officially work and necessary action. I declare that above item stated herein if find false, I shall be liable for the same. If anyone will get the certificate please contact the following No.- 9439265929.

**Export Manager, Alashore Marine Export Pvt.Ltd.**

# ରେଡ୍ ରିବନ କ୍ଲବ ତରଫରୁ ଏକ ଦିବସୀୟ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, ୧୦/୮ (ନି.ପ୍ର): ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ତରଫରୁ ଏଡସ ସଚେତନତା କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରତିଯୋଗୀତା ତଥା ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଅଧକ୍ଷ ପଦ୍ମନାଭ ପୁଆଲ ଅଧକ୍ଷତା କରିଥବା ବେଳେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଯୁବ ରେଡ୍କ୍ରସ ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଯୋଗଦାନ କରି ମାଲକାନଗିରି ଜିଲ୍ଲାରୁ କିପରି ଏଡ୍ସ ମୁକ୍ତ କରାଯିବ ସେ ବିଷୟରେ ଟୋଲ ଫ୍ରି ନମ୍ବର ୧୦୯୭ କୁ ଫୋନ କରିବା ପାଇଁ ରେଡ ରିବନ କ୍ଲବର ସଦସ୍ୟଙ୍କୁ ଉପଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ନରେନ୍ଦ୍ର ସୋଡି, ଯୁବ ରେଡ୍କ୍ରସର ପରାମର୍ଶ ଦାତା ମଂଚ ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ସମ୍ମାନିତ ଅତିଥି ରୂପେ ନିକିତା ସିଂ, ମୁରଲୀ ମାଝୀ, ସଞ୍ଜୟ ଖେମୁଣ୍ଡୁ, ନାଗାର୍ଜୁନ ବାଗସୀ, ଦୀପକ କୁମାର ପାତ୍ର, ରାଜେଶ ଜେମା ଯୋଗଦାନ କରିଥିଲେ ।

# ବିପର୍ଯ୍ୟୟ ପରିଚାଳନାରେ ଗ୍ରାମପଂଚାୟତର ଭୂମିକା ଶୀର୍ଷକ ଆଲୋଚନାଚକ୍ର

କନ୍ଧମାଳ, ୧୦/୮ (ନି.ପ୍ର): କନ୍ଧମାଳରେ ବିପର୍ଯ୍ୟୟ ପରିଚାଳନା ବର୍ତମାନ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିବା ବେଳେ ସରକାରଙ୍କ ତରଫରୁ ଏଥି ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଉଛି । ବିପର୍ଯ୍ୟୟ କହିଲେ ବନ୍ୟା, ବତ୍ୟା, ଭୂସ୍ଖଳନ, ବଜ୍ରାଘାତ ଯାହାକି ଧନ, ଜନ ଓ ଜିବନ ପ୍ରତି ବିପଦ ସୃଷ୍ଟି କରିଥାଏ । ସେହିପରି କନ୍ଧମାଳ ଜିଲ୍ଲା ରେ ମଧ୍ୟ ଗ୍ରାମ୍ୟସ୍ତର ଠାରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ଏହାର ସୁପରିଚାଳନା ପାଇଁ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ନିମନ୍ତେ ନିଷ୍ପତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ବାଲିଗୁଡା ବ୍ଲକ୍ ର ୩୩ ଗୋଟି ଗ୍ରାମ ଓ ୧୧ ଗୋଟି ଗ୍ରାମପଂଚାୟତରେ ଏହା ପ୍ରସ୍ତୁତି ନିମନ୍ତେ ଦାୟିତ୍ୱ ନେଇଛନ୍ତି । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗ କନ୍ଧମାଳ ସହାୟତାରେ କାର୍ଯ୍ୟକାରି ହେଉଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାଟାଗୁଡା, ରେବିଙ୍ଗିଆ, ବୁଡ୍ରିକିଆ ଓ ମିଡିଆକିଆ ପଂଚାୟତ ବୈଠକ ଗୃହ ଠାରେ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ନିମନ୍ତେ ସରପଂଚ ପ୍ରତାପ ମଲ୍ଲିକ , ରଞ୍ଜିତ ମଲ୍ଲିକ, ଅନୁଶୟା ପ୍ରଧାନ ଓ ଅଶୋକ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଦିନିକିଆ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ମାଧ୍ୟମରେ ଅନୁଷ୍ଠାନର ସମ୍ବଳ କର୍ମୀ ବିଶ୍ୱରଞ୍ଜନ କର ବିଭିନ୍ନ ବିପର୍ଯ୍ୟୟ ବିଷୟରେ ସଚେତନତା କରିବା ସହ ଗ୍ରାମପଂଚାୟତ ପରିଚାଳନା କମିଟି ଗଠନ ରେ ସହେଯାଗ କରିଥିଲେ । ତତ୍ ସହିତ ଏବେ ବର୍ଷାସମୟ ହୋଇଥିବାରୁ ବଜ୍ରାଘାତରେ ଧନ ଓ ଜିବନ ହାନି ହେବାର ଆଶଙ୍କା ଥିବାରୁ ବିଭିନ୍ନ ପ୍ରଚାରପତ୍ର ମାଧ୍ୟମରେ ବଜ୍ରପାତ ପ୍ରତି ସାବଧାନ ହେବାକୁ ମଧ୍ୟ ସଚେତନତା କରାଯିବା ସହିତ ଗାଁ ଗୁଡିକରେ ଅଧିକ ସଚେତନତା ପାଇଁ ପୋଷ୍ଟର ବଂଟନ କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମକୁ ଘୁ.ଉଦୟଗିରି ବିଧାୟକ ପ୍ରଫୁଲ୍ଲ କୁମାର ପ୍ରଧାନ ପାବୁରିଆ ଠାରେ ଉଦ୍ଘାଟନ କରିଥିବା ବେଳେ ଏହା ଜିଲ୍ଲା ର ବିଭିନ୍ନ ସ୍ଥାନରେ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଇଂ. ହରି ଶଙ୍କର ରାଉତ କହିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱେଚ୍ଛାସେବୀ ବାଥୁଏଲ ନାୟାକ ଓ ଗ୍ରାମପଂଚାୟତ ନିର୍ବାହି ଅଧିକାରୀ ସୁଶାନ୍ତ ପ୍ରଧାନ, କାର୍ତୀକେଶ୍ୱର ବେହେରା, ଆଦିତ୍ୟରଞ୍ଜନ ବିଶୋଇ, ଚିନ୍ମୟୀ ସାମଲ , କନିଷ୍ଠ ଯନ୍ତ୍ରୀ ବିଜୟ କୁମାର କିଶାନ ଏବଂ ଏ.ଡି.ଇ.ଓ. ଏସ୍.ଅଶ୍ୱିନି କୁମାର ପାତ୍ର ସହଯୋଗ କରିଥିଲେ ।

# କେନ୍ଦୁଝରରେ ଦୁଇ କୋମଳମତି ଆଦିବାସୀ ଛାତ୍ରଙ୍କୁ ଶିକ୍ଷୟତ୍ରୀଙ୍କ ଅମାନୁଷିକ ମାଡ : ଗୁରୁତର ଅବସ୍ଥାରେ ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି

କେନ୍ଦୁଝର, ୧୦/୮ (ନି.ପ୍ର): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ମଇନାକେଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁମୁରା ଗାଁ ର ଦୁଇ ଜଣ ଛାତ୍ର ହଷ୍ଟେଲରେ ରହି ପାଠ ପଢୁଥିଲେ । ଗୁରୁବାର ଦିନ ଅନ୍ୟଛାତ୍ର ମାନଙ୍କ ସହ ଏହି ଦୁଇ ଜଣ କୋମଳମତି ଆଦିବାସୀ ଛାତ୍ର ଖେଳୁଥିବା ବେଳେ ହଠାତ ବିନା କାରଣରେ ସେହି ବିଦ୍ୟାଳୟର ଜଣେ ଶିକ୍ଷୟତ୍ରୀ ସେଠାରେ ପହଂଚି ଏକ ବାଡିରେ ଛାତ୍ର ଦ୍ୱୟଙ୍କୁ ଅତି ନୃଶଂସ ଭାବେ ମାଡ ମାରିଥିଲେ । ଫଳରେ ଛାତ୍ର ଦୁଇ ଜଣ ଗୁରୁତର ହୋଇ ପଡିଥିଲେ । କିନ୍ତୁ, ଛାତ୍ର ଦ୍ୱୟଙ୍କୁ ଚିକିତ୍ସାଳୟ ନେବା ପରିବର୍ତେ ଏହାକୁ ଏଡାଇ ଦିଆଯାଇଥିଲା । ଦୀର୍ଘ ସମୟ ପରେ ଅପରାହ୍ନରେ ସ୍କୁଲ ପକ୍ଷରୁ ତାଙ୍କ ଘର ଲୋକଙ୍କୁ ଖବର ଦିଆଯାଇଥିଲା । ତୁରନ୍ତ ଘର ଲୋକମାନେ ସେଠାରେ ପହଂଚି ଛାତ୍ର ଦ୍ୱୟଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ମାଡରେ ଛାତ୍ର ମାନଙ୍କ ପିଠି , ହାତ , ଆଖି ନାକ ଫାଟି ଏକ ପ୍ରକାର ପଚି ଯାଇ ସିଝି ଯିବା ଭଳି ଜଣା ପଡୁଥିବା ବେଳେ ମୁଣ୍ଡ ମଧ ଫାଟି ଯାଇଛି । ହେଲେ ଛାତ୍ର ଦ୍ୱୟଙ୍କୁ ଶିକ୍ଷୟତ୍ରୀ କେଉଁ କାରଣରୁ ଏଭଳି ନୃଶଂସ ଭାବେ ମାଡ ମାରିଲେ ତାହା ପରିବାର ଲୋକେ ଏଯାଏ ଜାଣି ପାରିନାହାଁନ୍ତି କିମ୍ବା ତାଙ୍କୁ ଜଣାଇ ଦିଆଯାଇ ନାହିଁ। ଚିକିତ୍ସାଳୟରୁ ଚିକିତ୍ସିତ ହୋଇ ଫେରିବା ପରେ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯିବା କଥା ସେମାନେ କହିଛନ୍ତି। ଅନ୍ୟପକ୍ଷରେ ମିଳିତ ଆଦିବାସୀ କଲ୍ୟାଣ ମଂଚର ସଭାପତି ଶ୍ୟାମ ସୁନ୍ଦର ନାଏକ କହିଛନ୍ତି ଯେ, ଏହି ସର ନିର୍ବାଚନ ମଣ୍ଡଳୀର ଆଦିବାସୀ ବିଧାୟକ ଆଜି ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ସାଂସଦ ମଧ। ଏଭଳି ସ୍ଥଳେ ଆଦିବାସୀ ଛାତ୍ର ଦ୍ୱୟଙ୍କୁ ମାଡ ମାରିଥିବା ଶିକ୍ଷୟତ୍ରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନ ନେଲେ ଆଗାମୀ ଦିନରେ ସଂଘ ତରଫରୁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏପଟେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରେ ସେ ଧମକ ଦେବା ଭଳି କଥା କହୁଛନ୍ତି ।

# କୋରାପୁଟ ଜିଲ୍ଲା ନୂତନ ସଭାପତି ଚୟନ ପୂର୍ବରୁ ବିଜୁ ଜନତା ଦଳର ସହ ସମ୍ପାଦକଙ୍କ ଇସ୍ତଫା

ଜୟପୁର, ୧୦/୮ (ନି.ପ୍ର): କୋରାପୁଟ ଜିଲ୍ଲାରେ ପୁଣି ବିଜେଡ଼ି ଚଳଚଂଚଳ। ଚଳିତ ବର୍ଷ କୋରାପୁଟ ଜିଲ୍ଲାରେ ଧୂଳିସାତ ହୋଇଥିବା ବିଜୁ ଜନତା ଦଳ ପୁଣି ୨୦୨୯ ସାଧାରଣ ନିର୍ବାଚନ ନିମନ୍ତେ ତାର ସମରସଜ୍ଜା ଆରମ୍ଭ କରି ଦେଇଛି। ବିଜୁ ଜନତା ଦଳର ସୁପ୍ରିମ ତଥା ବିରୋଧିଦଳ ନେତା ନବୀନ ପଟ୍ଟନାୟକ ସୋସିଆଲ ମିଡିଆରେ ସକ୍ରିୟ ରହିବାକୁ ବିଧାୟକ ଏବଂ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସେପଟେ କୋରାପୁଟ ଜିଲ୍ଲାରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି କିଏ ହେବେ ତାକୁ ନେଇ ଏବେ କୋରାପୁଟ ଜିଲ୍ଲା ଚଳଚଂଚଳ ଥିବା ବେଳେ କୋରାପୁଟ ଜିଲ୍ଲାରେ କିଏ ଧରିବ ମଙ୍ଗ ତାକୁ ନେଇ ଲାଗିଛି କଳ୍ପନାଜଳ୍ପନା। ବିଜୁ ଜନତା ଦଳର ନୂଆ ସଭାପତି କିଏ ହେବ ତାକୁ ନେଇ ଏବେ ଜିଲ୍ଲାରେ ଲାଗିଛି ଚର୍ଚ୍ଚା। ବର୍ତମାନ ନୂଆ ସଭାପତି ରେସ୍ ରେ ପୂର୍ବତନ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ସାଂସଦ ତଥା ଜିଲ୍ଲା ସଭାପତି ଝିନ୍ନ ହିକକା, କୋରାପୁଟ ପୂର୍ବତନ ବିଧାୟକ ରଘୁରାମ ପଡାଲ, ଜୟପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ଓ ବିଜୁ ଜନତା ଦଳର ଆଗ ଧାଡିର ବରିଷ୍ଠ ନେତା ଅନୁପ ପାତ୍ର ଚର୍ଚ୍ଚାରେ ଥିବା ଶୁଣିବାକୁ ମିଳିଛି। ତେବେ କିଏ ଧରିବେ କୋରାପୁଟ ଜିଲ୍ଲା ସଭାପତି ମଙ୍ଗ ଏବଂ ବିଜେଡ଼ି ସୁପ୍ରିମୋ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାହାକୁ ଏହି ମୁକୁଟ ପିନ୍ଧାଇବେ ତାହା ଦେଖିବାକୁ ବାକି ରହିଲା। କିନ୍ତୁ ସେପଟେ ଆଜି କୋରାପୁଟ ଜିଲ୍ଲାର ସହ ସମ୍ପାଦକ ଗିରିଧାରୀ ଖରା ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। କୋରାପୁଟ ଜିଲ୍ଲା ସଭାପତିଙ୍କୁ ତାଙ୍କ ଇସ୍ତଫା ପତ୍ର ଆଜି ସେ ଦେଇଛନ୍ତି। ଜିଲ୍ଲାରେ ନୂତନ ସଭାପତି ଚୟନ ପୂର୍ବରୁ ହିଁ ସହ ସମ୍ପାଦକ ଗିରିଧାରୀ ଖରା ଇସ୍ତଫା ଦେଇଥିବା ଏବେ ସାଧାରଣ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଜୁ ଜନତା ଦଳ କୋରାପୁଟ ଜିଲ୍ଲାରେ ପୁଣି ଥରେ ସଂଗଠନ ସୁଦୃଢ଼ କରିବାକୁ ପ୍ରୟାସ କରୁଥିବା ବେଳେ ଆରମ୍ଭରୁ ହିଁ ପୁଣି ଥରେ ଏକ ବଡ଼ ଝଟକା ଲାଗିଛି। ତେବେ କୋରାପୁଟ ଜିଲ୍ଲାରେ ପୁଣି ଥରେ ବିଜୁ ଜନତା ଦଳକୁ ସୁଦୃଢ଼ କରିବାକୁ ହେଲେ ଉପଯୁକ୍ତ ନେତା ଚୟନ କରିବାକୁ ପଡ଼ିବ ବୋଲି ସାଧାରଣ ମହଲରେ ଚର୍ଚ୍ଚା ହେଉଛି।

## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା

ଭାଗ-୬୩
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ମୋ ସ୍ୱାମୀଙ୍କ ସହ ମୁଁ କେବେବି ଅଯୋଧ୍ୟା ଫେରିବି ନାହିଁ ।

ମୋ କଥା ଶୁଣି ତ୍ରିଜଟା ହସିହସି କହିଥିଲେ, କଥାଟା ପୂରା ନଶୁଣି ତୁମେ ଏମିତି ଅଥୟ ହେଉଛ କାହିଁକି ମାତା ଜାନକୀ ? ତୁମ ସ୍ୱାମୀ ଲଙ୍କପତିଙ୍କ ସହିତ ସନ୍ଧି କରିବାପାଇଁ ତାଙ୍କୁ ଆମନ୍ତ୍ରଣ କରିନାହାନ୍ତି କି ଯୁଦ୍ଧ ପାଇଁ ତାଙ୍କୁ ଡାକି ନାହାନ୍ତି...

ତାହେଲେ କ'ଣ ପାଇଁ ସେ ରାବଣକୁ ରାମେଶ୍ୱର ଆମନ୍ତ୍ରଣ କରିଛନ୍ତି ।

ବନ୍ଧ ପ୍ରତିଷ୍ଠା । ତୁମ ସ୍ୱାମୀ ନିର୍ମାଣ କରିଥିବା ସେତୁବନ୍ଧର ପ୍ରତିଷ୍ଠା ପାଇଁ ସେ ଲଙ୍କପତିଙ୍କୁ ଆମନ୍ତ୍ରଣ କରିଛନ୍ତି ।

ତ୍ରିଜଟାଙ୍କ କଥା ଶୁଣି ଚକିତ ହୋଇ ଯାଇଥିଲି ମୁଁ । ମୋ ସ୍ୱାମୀଙ୍କ ଦ୍ୱାରା ନିର୍ମାଣ ହୋଇଥିବା ସେତୁବନ୍ଧକୁ ରାବଣ ଭଳି ରାକ୍ଷସ ପ୍ରତିଷ୍ଠା କରିବ । ଏ ଆର୍ଯ୍ୟାବର୍ତ୍ତରେ କ'ଣ ବିଦ୍ୱାନ, ପଣ୍ଡିତ, ମହର୍ଷି, ଦେବର୍ଷି, ବେଦଜ୍ଞ ବ୍ରାହ୍ମଣ କେହି ନାହାନ୍ତି, ଜଣେ ପାପାଚାରୀ, ଦୁରାଚାରୀ ରାକ୍ଷସକୁ ମୋ ସ୍ୱାମୀ ନିମନ୍ତ୍ରଣ କରିଛନ୍ତି ବନ୍ଧ ପ୍ରତିଷ୍ଠା କରିବାକୁ । ଏକଥା ମିଥ୍ୟା ମା' ତ୍ରିଜଟା । ଏକଥା କେବେବି ସତ୍ୟ ହୋଇନପାରେ । ଏହା ରାବଣର ଛଳନା ନିଶ୍ଚିତ।

ମୋ କଥା ଶୁଣି ସେ କହିଥିଲେ ନାଁ ସୀତେ। ଏହା ଛଳନା ନୁହେଁ । ତୁମ ସ୍ୱାମୀ ଲଙ୍କପତିଙ୍କୁ କାହିଁକି ବନ୍ଧ ପ୍ରତିଷ୍ଠା ପାଇଁ ଡାକିଛନ୍ତି ଜାଣ, ରାମେଶ୍ୱର ଅଞ୍ଚଳ ହେଉଛି ରାବଣର ଶାସନାଧୀନ ଅଞ୍ଚଳ । ଏହାଛଡ଼ା ଏ ଆର୍ଯ୍ୟାବର୍ତ୍ତରେ ରାବଣ ଭଳି ପଣ୍ଡିତ, ଜ୍ଞାନୀ, ବେଦବିତ୍, ବ୍ରାହ୍ମଣ, ଆଉ ନାହାନ୍ତି ମାଆ । ବିଶ୍ରବା ଋଷିଙ୍କର ପୁତ୍ର ସେ । ମାତା ତାଙ୍କର ରାକ୍ଷସୀ ନିଶ୍ଚିତ, ହେଲେ ପିତା ଯେ ସର୍ବଶ୍ରେଷ୍ଠ ବେଦ ବିଶାରଦ ମହର୍ଷି । ରାବଣ ଭଳି ଶାସ୍ତ୍ରୀୟ ବ୍ରାହ୍ମଣ ଆର୍ଯ୍ୟାବର୍ତ୍ତରେ ବିରଳ । ତୁମ ସ୍ୱାମୀ ବାସ୍ତବରେ ସୁଜ୍ଞାନୀ ପଣ୍ଡିତ । ସେଥିପାଇଁ ସେ ଲଙ୍କପତିଙ୍କୁ ପୁରୋହିତ ଭାବରେ ବନ୍ଧ ପ୍ରତିଷ୍ଠା ପାଇଁ ନିମନ୍ତ୍ରଣ ଜଣାଇଛନ୍ତି ।

ମାତା ତ୍ରିଜଟାଙ୍କ କଥା ଶୁଣି ମୁଁ ଯେତିକି ଆଶ୍ଚର୍ଯ୍ୟ ହୋଇ ଯାଉଥାଏ, ମୋ ସ୍ୱାମୀଙ୍କର ଜ୍ଞାନ, ଗୁଣ, ଗାରିମାକୁ ପ୍ରଶଂସା ନକରି ରହିପାରୁ ନଥାଏ । ସମୁଦ୍ର ଗର୍ଭରେ ସ୍ଥାପିତ ହୋଇଛି ଯେଉଁ ପଥରବନ୍ଧ, ତାକୁ ଯଦି ବେଦ ବିଧି ଅନୁସାରେ ପ୍ରତିଷ୍ଠା କରାନଯାଏ, ତାହେଲେ ଶୁଭ କାର୍ଯ୍ୟ ଅଶୁଭରେ ପରିଣତ ହେବ ।

ମୋ ମନକଥାକୁ ବୁଝିପାରି ତ୍ରିଜଟା କହିଥିଲେ, ଏବେ ବୁଝିପାରୁଛୁ ତ ମାଆ ତୋ ସ୍ୱାମୀ କାହିଁକି ଦଶଶିରଙ୍କୁ ଆମନ୍ତ୍ରଣ କରିଛନ୍ତି ?

ମୋ ସ୍ୱାମୀଙ୍କ ନିମନ୍ତ୍ରଣ କ'ଣ ଲଙ୍କପତି ରଖିବେ ମାତା । ସେ କ'ଣ ରାମେଶ୍ୱର ଯାତ୍ରା କରିବେ ?

ହଁ ମା ସେ ନିଶ୍ଚୟ ଯିବେ । ସେଥିପାଇଁ ପ୍ରଭାତରୁ ସେ ପ୍ରସ୍ତୁତ ହୋଇ ସାରିଲେଣି ।

ଆଜି କ'ଣ ସେତୁବନ୍ଧ ପ୍ରତିଷ୍ଠା ହେବ ?

ହଁ ଆଜି ହିଁ ହେବ । ତାହା ହୋଇନଥିଲେ ଲଙ୍କପତି ସୂର୍ଯ୍ୟୋଦୟ ପୂର୍ବରୁ ରଥ ସଜାଇ ଯିବାକୁ ପ୍ରସ୍ତୁତ ହେଉଛନ୍ତି କେଉଁଠାକୁ ? ମୋତେ ଦେଖି ହସିହସି ସେ କହିଲେ, "ତ୍ରିଜଟା ତୁ ଯା, ତୋ ସୀତା ମାତାଙ୍କୁ କହିଦେବୁ ତାଙ୍କ ସ୍ୱାମୀ ସମୁଦ୍ରରେ ବାନ୍ଧିଥିବା ବନ୍ଧକୁ ମୁଁ ପ୍ରତିଷ୍ଠା କରିବାକୁ ଯିବି । ଆଜି ମୁଁ ଅସୁର ରାଜ ରାବଣ ନୁହେଁ, ବ୍ରହ୍ମର୍ଷି ରାବଣ । ଯାତ୍ରା ପୂର୍ବରୁ ତୋ ସୀତା ମାଆଙ୍କୁ ମୁଁ ସାକ୍ଷାତ କରି ଯାତ୍ରା ଅନୁକୂଳ କରିବି ।"

ଶିତେଇ ଉଠିଥିଲା ମୋ ଶରୀର । କମ୍ପିଉଠିଥିଲି ମୁଁ । ମୋ ସ୍ୱାମୀ ରାମେଶ୍ୱରରେ ଆଜି ସେତୁବନ୍ଧ ପ୍ରତିଷ୍ଠା କରିବେ । ସେ ସ୍ଥାନକୁ ଲଙ୍କପତି ରାବଣ ପୁରୋହିତ ହୋଇ ଯାତ୍ରା କରିବେ । ଏହା ଭାଗ୍ୟର ବିଡ଼ମ୍ବନା ନାଁ ଅନୁକୂଳ । ପୁଣି ଯାତ୍ରା ପୂର୍ବରୁ ସେ ମୋତେ ସାକ୍ଷାତ କରି ଯିବେ ? କ'ଣ ପାଇଁ ରାବଣ ମୋତେ ସାକ୍ଷାତ କରିବେ ? କି ସମ୍ବାଦ ସେ ମୋତେ ଦେବେ ? ନାଁ ଏହା କେବେବି ସମ୍ଭବ ନୁହେଁ । ତୁମେ ଏହି ମୁହୂର୍ତ୍ତରେ ରାବଣ ପାଖକୁ ଯାତ୍ରାକର ମା' । ତାକୁ କହିଦେବ ସେ ମହାପାପୀକୁ ମୁଁ ସାକ୍ଷାତ ଦେବି ନାହିଁ । ତା ମୁଖ ମୁଁ ଦର୍ଶନ କରିବି ନାହିଁ ।

ମୋ କଥା ଶୁଣି ତ୍ରିଜଟା କହିଥିଲେ ନା ମାଆ । ସେ ସାହସ ମୋର ନାହିଁ । ଲଙ୍କପତିଙ୍କୁ ଯାଇ ମୁଁ ଏ ସମ୍ବାଦ ଦେଇପାରିବି ନାହିଁ । ତୁମେ ଅସ୍ଥିର ହୁଅନା ସୀତେ । ଧୈର୍ଯ୍ୟଧର । ସମୟକୁ ତା ରାସ୍ତାରେ ଯିବାକୁ ଦିଅ । ଲଙ୍କପତି ଆସନ୍ତୁ । ସେ ତୁମକୁ କ'ଣ କହିବେ ତୁମେ ଧୈର୍ଯ୍ୟ ସହିତ ଶ୍ରବଣ କର । ତ୍ରିଜଟା ତୁଣ୍ଡରୁ କଥା ସରିଛି କି ନାହିଁ, ସହସା ରଥଟିଏ ଆସି ଅଶୋକବନରେ ପହଞ୍ଚି ଯାଇଥିଲା । ରାବଣ ଆସୁଥିବାର ଜାଣି ତ୍ରିଜଟା ମୋ ସମ୍ମୁଖରୁ ଦୂରେଇ ଯାଇଥିଲେ । ସହସା ମୋର ଚକ୍ଷୁ ନିବିଷ୍ଟ ହୋଇ ଯାଇଥିଲା ଏକ ବ୍ରାହ୍ମଣ ବେଶଧାରୀ ବ୍ୟକ୍ତିଙ୍କ ଉପରେ । କିଏ ଏହି ବ୍ରାହ୍ମଣ । ଗୌରବର୍ଣ୍ଣ, ତେଜସ୍ୱୀ, ବ୍ରାହ୍ମଣ । ପିନ୍ଧିଛନ୍ତି ଘୃତରଂଗର ପାଟଟିଏ । କାନ୍ଧରେ ଉତ୍ତରୀ । କଟି ପର୍ଯ୍ୟନ୍ତ ଓହଳି ଯାଇଛି ଉପବୀତ । ବେଶ୍ ଶାନ୍ତ ସୌମ୍ୟ ଚେହେରା । ମୁଖରେ ଲାଖି ରହିଛି ଚେନାଏ ହସ । ଧୀର ପଦ ଚାଳି ମୋ ଆଗକୁ ଆସୁଛନ୍ତି ସେ । ଚମକି ଉଠିଲି ମୁଁ । କିଏ ଏହି ଦୀପ୍ତିମନ୍ତ ତେଜସ୍ୱୀ ବ୍ରାହ୍ମଣ । ମୁଖଟି ଚିହ୍ନାଚିହ୍ନା ଲାଗୁଛି । ଥରଟିଏ ଏହି ମୁଖକୁ ଦେଖିଥିଲି ମୁଁ । ଶିହରି ଉଠିଥିଲା ମୋ ଦେହ । ଏ ତ ଲଙ୍କପତି ରାବଣ । ପଞ୍ଚବଟୀରୁ ମୋତେ ଅପହରଣ କରି ଆଣିବା ସମୟରେ ରଥରେ ଥରଟିଏ ଏହି ମୁଖକୁ ମୁଁ ଦେଖିଛି । ସେଦିନ ଦେଖିଥିଲି ରାଜା ରୂପରେ, ଆଜି କିନ୍ତୁ ବ୍ରାହ୍ମଣ ବେଶରେ । ଏ ବ୍ୟକ୍ତି ରାବଣ ନା ଆଉ କେହି । ବରଡ଼ାପତ୍ର ପରି ଦେହ ମୋରେ ଥରିବାକୁ ଲାଗିଥିଲା । ମୋର ଏପରି ଅବସ୍ଥା ଦେଖି ସେ କହିଥିଲେ, "ଦେବୀ ସୀତେ ! ମୋତେ ଦେଖି ଭୟ କରୁଛ କି ? ମୁଁ ତୁମର ଅପହରଣକାରୀ ରାବଣ ନୁହେଁ । ମୁଁ ବିଶ୍ରବା ମହର୍ଷି ପୁତ୍ର ରାବଣ । ଜଣେ ବେଦବିତ୍ ପଣ୍ଡିତ । ଶ୍ରେଷ୍ଠ ଆର୍ଯ୍ୟ, ବ୍ରାହ୍ମଣର ପୁତ୍ର ମୁଁ । ଯଜ୍ଞ, ଦାନ, ତପ, ବେଦ ପାଠରେ ପ୍ରବୀଣ । ମୋତେ ତୁମ ପତି ଦାଶରଥୀ ନିମନ୍ତ୍ରଣ କରିଛନ୍ତି ସମୁଦ୍ରରେ ବାନ୍ଧିଥିବା ବନ୍ଧର ପ୍ରତିଷ୍ଠା ପାଇଁ । ମୁଁ ତୁମ ସ୍ୱାମୀର ଶତ୍ରୁ ନୁହେଁ । ତୁମ ସ୍ୱାମୀର ଶତ୍ରୁ ସ୍ୱର୍ଣ୍ଣଲଙ୍କାର ଅଧିଶ୍ୱର ରାବଣ । ମୁଁ ବ୍ରହ୍ମର୍ଷି ରାବଣ । ତୁମ ସ୍ୱାମୀଙ୍କ ନିମନ୍ତ୍ରଣ ପାଇ ତାଙ୍କ ବନ୍ଧ ପ୍ରତିଷ୍ଠା ନିମିତ୍ତ ରାମେଶ୍ୱର ଯାତ୍ରା କରିବି । ଯାତ୍ରା ପୂର୍ବରୁ...."

ରାବଣ କଣ୍ଠର ବଚନକୁ ବିରାମ ଦେଇ କମ୍ପିତ କଣ୍ଠରେ ମୁଁ କହିଥିଲି, "ମୋ ସ୍ୱାମୀ ତୁମକୁ ନିମନ୍ତ୍ରଣ କରିଛନ୍ତି ତୁମେ ତାଙ୍କ ନିକଟକୁ ଯିବ, ମୋ ପାଖକୁ ଆସିଛ କ'ଣ ପାଇଁ ?"

ତୁମ ପାଖକୁ ଆସିବାର ଆବଶ୍ୟକତା ନଥିଲେ ମୁଁ ଆସିନଥାନ୍ତି ଦେବୀ । ତୁମେ କ'ଣ ଜାଣନାହିଁ ସସ୍ତ୍ରୀକ ଉପବେଶନ ନକଲେ କୌଣସି ଧର୍ମାନୁଷ୍ଠାନ ହୁଏ ନାହିଁ ବୋଲି । ତୁମ ସ୍ୱାମୀ ଏ ମହାସମୁଦ୍ରରେ ପଥରରେ ବନ୍ଧଟିଏ ବାନ୍ଧିଛନ୍ତି । ସେ ବନ୍ଧକୁ ସେ ପ୍ରତିଷ୍ଠା କରିବେ । ଏହା ଏକ ମହତ୍‌କର୍ମ । ମୁଁ ତ ଆଶ୍ଚର୍ଯ୍ୟ ହେଉଛି ଦେବୀ ଯେଉଁ ରାବଣ ସ୍ୱର୍ଗକୁ ଶିଡ଼ି ବାନ୍ଧିବାର ସ୍ୱପ୍ନ ଦେଖୁଛି, ସେ କେବେ ସମୁଦ୍ରରେ ବନ୍ଧ ବାନ୍ଧିବ, ଏକଥା କଳ୍ପନା ମଧ୍ୟ କରିନଥିଲା ।

(କ୍ରମଶଃ)


♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


---

## ଚଳନ୍ତିକା

### ସୁବ୍ରତ ପଟ୍ଟନାୟକ

# ମାଫିଆଙ୍କ ନାଗଫାଶ



ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇଥିଲେ ତିନିଜଣ ଅଲିଅଳ ଶିଶୁ। ମଧ୍ୟାହ୍ନ ଭୋଜନ ପାଇଁ ଚାଲିଥିଲା ରନ୍ଧାବଢ଼ା। ରୋଷେଇରେ ଭାତ, ତରକାରୀ, ଶିଝା ଅଣ୍ଡା। ତିନି ସାଙ୍ଗ ଖେଳିବା ଲାଗି ବାହାରି ଆସିଲେ। ପାଖରେ ଥିଲା ମୋରମ ଖଣି। ମୋରମ ଉପରେ ସେମାନେ ନାଚିଲେ। ମନଖୁସିରେ ଗାଇଲେ ଗୀତ। ହଠାତ୍ ଖସିଗଲା ଗୋଡ଼। ସେମାନେ ଖସିପଡ଼ିଲେ ଗଭୀର ଖାତକୁ। ଖାତରେ ଅକାତକାତ ପାଣି। ଜଣ ଜଣ କରି ସମସ୍ତେ ବୁଡ଼ିଗଲେ। ଲିଭିଗଲା ସେମାନଙ୍କର ଜୀବନ ଦୀପ। ଗାଁ ସାରା ଖେଳିଗଲା କାନ୍ଦ ବୋବାଳି। ଆର୍ତ୍ତନାଦରେ ଫାଟି ପଡ଼ିଲା ଚତୁର୍ଦ୍ଦିଗ। ଏହା କୌଣସି ଚଳଚ୍ଚିତ୍ରର ଦୃଶ୍ୟ ନୁହେଁ। ଆମ ଅଂଚଳରେ ଘଟିଥିବା ଏକ କରୁଣ ମର୍ମନ୍ତୁଦ ଘଟଣା।

୨୦୨୪ ଜୁଲାଇ ୩୦ ତାରିଖ ପୂର୍ବାହ୍ନ ୧୧ଟା। କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ପଡ଼ିଆରୀପଲ୍ଲୀ ପଂଚାୟତ ଆତୁରିକୋଣ। ଗାଁରେ ଘଟିଛି ଏହି ଦୁଃଖଦ ଘଟଣା। ସଲିଳ ସମାଧି ଘଟିଥିବା କୁନି କୁନି ଝିଅ ହେଲେ ଭାରତୀ ପାତ୍ର(୪ ବର୍ଷ), ପାୟଲ ପାତ୍ର (୩ବର୍ଷ), ଲିପ୍‌ସା ପାତ୍ର (୪ ବର୍ଷ)। ସମସ୍ତେ ଆତୁରିକୋଣାର। ଅଙ୍ଗନୱାଡ଼ିକୁ ଆସିଥିଲେ ପଢ଼ିବାକୁ। ଆଉ ଫେରିଲେ ନାହିଁ। ଘରକୁ ଫେରିଲା ସେମାନଙ୍କର ଶବ। ଏହି ହୃଦୟ ବିଦାରକ ଦୃଶ୍ୟରେ ପରିବେଶ ପାଲଟିଗଲା ଶୋକାକୁଳ। ଗାଁ ସାରା ଲୋକେ ହୋଇଗଲେ ମୂକ।

ଘଟଣାର ତଥ୍ୟ ସଂଗ୍ରହ କରିବାକୁ ଆମେ ଗଲୁ। ପଡ଼ିଆରୀପଲ୍ଲୀ ସରପଂଚ ଅଜିତ ରାଉତ କହିଛନ୍ତି- ବେସରକାରୀ ପ୍ଲଟରେ ଖୋଳାଯାଇଥିଲା ଏହି ମୋରମ ଖଣି। ସେଭଳି ଅନେକ ମାଙ୍କଡ଼ା ପଥର ଓ ମୋରମ୍ ଖଣି ପଡ଼ିଛି ମେଲା ମୁକୁଳା। ସୋସୋ, ପଡ଼ିଆରୀପଲ୍ଲୀ, ବାଙ୍ଗୋର, ଢ଼େଙ୍କା, ସଢ଼ା ଅଂଚଳରେ ଏଭଳି ଅଘଟଣ ଘଟୁଛି ବାରମ୍ବାର। କେବଳ ମଣିଷ ନୁହେଁ, ଗୃହପାଳିତ ପଶୁ, ହାତୀ, ଭାଲୁ, ହରିଣ ବି ସେଥିରେ ବୁଡ଼ି ମରୁଛନ୍ତି। ହାଟଡିହି ତହସିଲଦାର ହାବିଲ୍ ଖାଖା ଶୋକ ସନ୍ତପ୍ତ ପରିବାରକୁ ଜଣାଇଛନ୍ତି ଗଭୀର ସମବେଦନା। ରୁଜୁ କରାଯାଇଛି ଅପମୃତ୍ୟୁ ମାମଲା। ଘୋଷଣା କରାଯାଇଛି ସରକାରୀ କ୍ଷତିପୂରଣ। ସେଥିପାଇଁ ତହସିଲଦାରଙ୍କୁ ଆମର ଅଶେଷ ଧନ୍ୟବାଦ। ଆମେ ବିନମ୍ରତାର ସହିତ ଜାଣିବାକୁ ଚାହୁଁ- କ୍ଷତିପୂରଣ ଅର୍ଥର ପରିମାଣ କେତେ ? ଲକ୍ଷେ ନା ଦୁଇ ଲକ୍ଷ ? କେବଳ ଟଙ୍କା ଧରାଇ ଦିଆଯିବ ନା ପ୍ରାଣ ହରାଇଥିବା ଶିଶୁଙ୍କ ପରିବାରକୁ ଥଇଥାନ ଲାଗି ବ୍ୟବସ୍ଥା କରାଯିବ ? ଅଘଟଣ ପାଇଁ ପ୍ରକୃତରେ କିଏ ଦାୟୀ ? ଏକୁଟିଆ ମୋରମ ଖଣି ମାଲିକ ନା ସ୍ଥାନୀୟ ପ୍ରଶାସନ। ଉତ୍ତେଜିତ ଗ୍ରାମବାସୀ ଘେରାଉ କରିଛନ୍ତି ସୋସୋ ଥାନା। ତା ସତ୍ତ୍ୱେ ମୋରମ ଖଣି ମାଲିକଙ୍କୁ ଗିରଫ କରାଯାଇନାହିଁ। ତାଙ୍କ ବିରୋଧରେ ହତ୍ୟା ଅଭିଯୋଗ ରୁଜୁ ହେବ ନା ନାହିଁ ? ଖଣି ମାଲିକ ସହିତ ହାଟଡିହି ତହସିଲ ଓ ସୋସୋ ପୁଲିସର ଭିତିରିଆ ସଲାସୁତୁରା ରହିଛି କି ? ବିଡ଼ମ୍ବନାର ବିଷୟ- ଏହି ଦୁଃଖଦ ଘଟଣାକୁ ଦିଆଯାଇଛି ଏକ ଦୁର୍ଘଟଣାର ରୂପ। ଅର୍ଥାତ, ଏହା ଅକସ୍ମାତ ଓ ମାମୁଲି ଘଟଣା। ଆମେ ଜାଣୁ, କୌଣସି ପରିସ୍ଥିତିରେ ତିନି ଝିଅଙ୍କ ଜୀବନ କଦାପି ଫେରି ଆସିବ ନାହିଁ। ମାତ୍ର ଅପରାଧୀଙ୍କୁ କଠୋର ଦଣ୍ଡ ନମିଳିଲେ, ତାହାହିଁ ହେବ ନିଷ୍ପାପ ଶିଶୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଂଜଳି।

ମୋରମ ଓ ମାଙ୍କଡ଼ା ପଥର ଖଣି ନିଲାମ ଲାଗି କେତେକ ନିୟମ ରହିଛି। କେବଳ ଚିହ୍ନଟ ସ୍ଥାନରୁ ମୋରମ ଉଠାଯିବ। ଜନବସତି ନିକଟରେ ମୋରମ, ମାଙ୍କଡ଼ାପଥର ଖୋଳାଯାଇ ପାରିବ ନାହିଁ। ଖଣି ଚାରିପଟେ ବାଡ଼ ଘେରାଯିବ। ଲିଜ୍ ଅବଧି ପରେ ଲିଜ୍‌ଧାରୀ ବା ଖଣି ମାଲିକ ଖାତକୁ ପୋତି ସମତଳ କରିବେ। ସେସବୁ କାମ ନହେବାର କାରଣ କଣ ? ତହସିଲଦାର ଦୋଷଛଡ଼ା ହେବାକୁ କହୁଛନ୍ତି- ଆମର କିଛି ଦୋଷ ନାହିଁ। ତଦାରଖ କାମ ଲଘୁ ଖଣିଜ ବିଭାଗର ନଚେତ୍ ଏନଜିଟି ବା ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲର। ଆମେ କେବଳ ଜଗୁଆଳ। ଆମର ପ୍ରଶ୍ନ- ଜଗୁଆଳଙ୍କର କିଛି ଦାୟିତ୍ୱ ରହିଛି ନା ନାହିଁ? ଆମ ଇଲାକାରେ ଦିନବେଳା ଶହ ଶହ ଟ୍ରକ୍, ହାଇୱାରେ ବେଆଇନ୍ ଭାବେ ଚାଲାଣ ହେଉଛି ଟ୍ରିପ୍ ଟ୍ରିପ୍ ବାଲି ଓ ମୋରମ। ବାଲି ଟ୍ରକରୁ ଆଦାୟ ହେଉଛି ମୋଟା ଅଙ୍କର ବଟି। ବଟି ଦେଲ ତ ଭଲ, ନଚେତ୍ ଗାଡ଼ି ଜବତ। ଗାଡ଼ି ମାଲିକଙ୍କୁ ଘୋଷାର। ଅସୁଲ କର ଜରିମାନା। ଚାଳିଶ ହଜାର ଟଙ୍କା ଜରିମାନା କରାଗଲେ, ତହସିଲ ରସିଦ୍ ଖାତାରେ ଲେଖାଯାଉଛି ଚାରି ହଜାର। ବାକି ୩୬ ହଜାର ହେଉଛୁ ବାଟମାରଣ। ଏସବୁ ଆମର ମନଗଢ଼ା କାହାଣୀ ନୁହେଁ। ସରକାରୀ ଅଡିଟ୍ ବେଳେ ଧରାପଡ଼ିଛି ତହସିଲର କେଳେଙ୍କାରୀ। ମାତ୍ର ଦୁର୍ନୀତିଖୋର୍ କର୍ମଚାରୀ ଓ ଅଧିକାରୀ ଖସି ଯାଉଛନ୍ତି ସହଜରେ। ଜଣେ ବି ଦଣ୍ଡିତ ହେଉନାହାଁନ୍ତି। ଆମେ କହିବା କାହାକୁ ? ମୋରମ, ବାଲି ମାଫିଆଙ୍କ ସହିତ ହାଟଡିହି ତହସିଲ ଇଲାକାରେ ବଢ଼ି ଚାଲିଛି ଜମି ମାଫିଆଙ୍କ ଦାଦାଗିରି। ବର୍ଷବର୍ଷ ଧରି ସେମାନେ ଲୁଟୁଛନ୍ତି ସରକାରୀ ଓ ବେସରକାରୀ ଜମି। ବାଦ୍ ପଡୁନି ଗୋଚର ଓ ଶ୍ମଶାନ। ହାଟଡିହି ତହସିଲର ଓରାଳି ଗ୍ରାମରେ ଖୋଲିଛି ବେସରକାରୀ ସାଇନ୍ସ ଓ ନର୍ସିଂ କଲେଜ। ଗ୍ରାମର ଜଣେ ବ୍ୟକ୍ତିଙ୍କ ନାମରେ ସାଇନ୍ସ କଲେଜ ନାମକରଣ କରାଯାଇ, ତାଙ୍କର ଏକର ଏକର ଚାଷଜମିକୁ କରାଯାଇଛି ହଡ଼ପ। ଉକ୍ତ ବ୍ୟକ୍ତିଙ୍କ ଦେହାନ୍ତ ପରେ ତାଙ୍କ ପୁଅମାନଙ୍କୁ ସେଠାକୁ ଛଡ଼ା ଯାଉନାହିଁ। ଗୁଣ୍ଡା ଲଗାଇ ଦିଆଯାଉଛି ଧମକ ଚମକ। କେବଳ ସେତିକି ନୁହେଁ, ଅନେକ ଗରିବ ଓ ହରିଜନ ବ୍ୟକ୍ତିଙ୍କ ଚାଷଜମିକୁ ଜମି ମାଫିଆ ଚଂଚକତା ବଳରେ କରିଛନ୍ତି ଅକ୍ତିଆର। ଏସବୁ ଚାଷ ଜମିରେ ଏବେ ଛିଡ଼ା ହୋଇଛି ଚାରି ମହଲା କୋଠା ଓ ବିରାଟ ପାଚେରୀ। ଜଳ ନିଷ୍କାସନ ନହେବାରୁ ଘର ଦ୍ୱାର ଓ ବିଲ ବାଡ଼ିରେ ପଶୁଚି ଆଣ୍ଠୁଏ ଉଚ୍ଚର ପାଣି। ଉଜୁଡ଼ିଛି ଚାଷ। ଚାଷଜମି, ଗୋଚର ଓ ଶ୍ମଶାନକୁ ଯିବାପାଇଁ ମାଇଲିଏ ବାଟ ବୁଲିବାକୁ ପଡୁଛି। ଗୋରୁ ଗାଈଙ୍କ ଉପରେ ପଡୁଛି ବିପଦ। ହରିଜନ ସାହିର ଲୋକେ ହେଉଛନ୍ତି ହନ୍ତସନ୍ତ। ଜମି ମାଫିଆ କହୁଛନ୍ତି- ଯାହାଙ୍କ ନାମରେ କଲେଜ ହୋଇଛି, ତାଙ୍କର ଉକ୍ତ କଲେଜ ପରିସରରେ ଗୁଣ୍ଠେ ବି ଜମି ନାହିଁ। ସତ କଣ, ତାହା ଗ୍ରାମବାସୀଙ୍କୁ ଅଛପା ନାହିଁ। ମାତ୍ର ଜମି ମାଫିଆଙ୍କ ଡରରେ କେହି ଫିଟାଇ ନାହାନ୍ତି ପାଟି।

▶▶ପୃଷ୍ଠା ୬

---

## କବିତା...

### ॥ ଅନ୍ଧପୁଟୁଳି ॥

● କିଶୋର ପାଣିଗ୍ରାହୀ



(ଏକ)

କିଛି ଲୋକ ବାହାରିଲେ ସ୍ୱର୍ଗକୁ,
କିଛି ଜନ୍ନତ୍ ଓ ଆଉ କିଛି ହେଭେନ୍ ଆଡ଼କୁ।
ଯେ ଯାହା ଠିକଣାରେ ପହଂଚିସାରିବା ପରେ
ସେମାନେ ଭେଟ ହେଲେ
ସେଇ ଗୋଟିଏ ଜାଗାରେ
ଯଦିଓ ସେ ସ୍ଥାନକୁ ସେମାନେ
ଜାଣିଆସୁଥିଲେ ବିଭିନ୍ନ ନାମରେ।
ଯାହାକୁ ଭେଟିବେ ବୋଲି ଯାଇଥିଲେ
ସେ ଈଶ୍ୱର, ଆଲ୍ଲା କି ଯୀଶୁ ସବୁ ମିଶି
ଜଣେ ମାତ୍ର ଥିଲେ
ଯଦିଓ ତାଙ୍କୁ ସେମାନେ ଭିନ୍ନଭିନ୍ନ
ଭାବିଆସୁଥିଲେ।
ଏତକ ବୁଝି ଅନ୍ୟକୁ ବୁଝାଇବା ଆଗରୁ
ବିଚରା ସେମାନେ ନିଜେ ମରିସାରିଥିଲେ
ଏବଂ ସେଇ ଅଜ୍ଞତାରେ ଆହୁରି ଅନେକ
ଭୂସ୍ୱର୍ଗକୁ ନର୍କ କରି ଧାଉଁଥିଲେ
ଜନ୍ନତ୍ ଆଡ଼କୁ ମୃତ୍ୟୁଦୌଡ଼ରେ।

(ଦୁଇ)

ଗୌର ଓ ଗହ୍ୱର ଗୋଟେ ବୋତଲରୁ
ଅଧାଅଧା ବିଷ ପିଇଥିଲେ,
ଏକା ଡାକ୍ତର, ଏକା ହସ୍ପିଟାଲ୍
ଏବଂ ଏକା ଔଷଧରେ
ମରୁମରୁ ବଂଚି ଯାଇଥିଲେ।
ଡାକ୍ତର କହିଲେ,
"ବିଷ ହେଉ କି ଅମୃତ- ଏକା କାମ କରେ
ସବୁ ମଣିଷ ଦେହରେ।"
ଏମାନଙ୍କ ତଂଟି କାଟିହେବ
ଗୋଟାଏ ଛୁରୀରେ,
ସମାନ ଯନ୍ତ୍ରଣା ହେବ ସମାନ ଚୋଟରେ,
ଏକା ପରି ଅନୁଭବ ହେବ ଖରାରେ,
ବର୍ଷାରେ, ଶୀତରେ।

(ତିନି)

ଯୋଉ ଅମ୍ଳଜାନ ଟିକକ
ପ୍ରାଣବାୟୁ ହୋଇ ପବନରେ ଥାଏ
ସେ ପବନ କୋଉ ଧର୍ମରେ
ଶ୍ୱାସ ରୁନ୍ଧିଦିଏ ?
ମାଟି, ପାଣି, ପବନ, ନିଆଁ, ଆଉ ଆକାଶକୁ
କୋଉ ଧର୍ମ, କୋଉ ଶାସ୍ତ୍ର କି କାନୁନ ଭାଗ
କରିପାରେ
କୃଷିନାମା ଅନୁସାରେ ବଣ୍ଟନପତ୍ରରେ ?
କୋଉ ପବନକୁ, ଅମ୍ଳଜାନକୁ, ପ୍ରଦୂଷଣକୁ
କୋଉ ଦେଶ, କୋଉ ଧର୍ମ
ନିୟନ୍ତ୍ରଣରେଖା ଆର ପାଖେ ରୋକି
ଦେଇପାରେ ?

ସ୍ୱାଦ, ସ୍ୱେଦ, ରକ୍ତ, ମୃତ୍ୟୁ
ବ୍ୟାଧି ଓ ବେଦନା ଯଦି ଏକା ପରି
ଭୋଗହୁଏ ଦୁହିଙ୍କ ଦେହରେ
ଏଡ଼େ ମିଛଟାରେ
ମଣିଷକୁ ବାଂଟି ହେବ ବିଭିନ୍ନ ଗୋଠରେ ?
ନିଃଶ୍ୱାସର କୋଉ ଜାତି ?
କୋଉ ଜାତି, କୋଉ ରକ୍ତ ଧାଉଁଥାଏ
କାହା ଧମନୀରେ ?
ଖୋଦ୍ ଜୀବନ
କୋଉ ଜାତିର କହିଦିଅ ଥରେ।


♥ ବିରୁହାଁ, ଜାହାଙ୍ଗୀର, ଭଦ୍ରକ,
(ମୋ) ୭୦୦୮୧୧୭୯୬୪


### ॥ ସକାଳ ॥

● ନକୁଳଚନ୍ଦ୍ର ସାହୁ



ମିନତି ଉଷାକୁ ଢ଼ୋକି ସାରିଚି
ନ'ଟି ଯୁଦ୍ଧର ଶୋଣିତ
ପୂର୍ବଦିଗ ସାରା ପ୍ରବାହିତ
ଦୁଃଖ ଯେମିତି ସୁକୋମଳ କଇଁ ପୁଷ୍ପ
କଂପି କଂପି ହସୁଚି !

ବିପୁଳ ଆବେଗପୂର୍ଣ୍ଣ ବର୍ଷା ବ୍ୟାପି ଆସୁଛି
ଉଦିତ ମେଘ ପଟଳରୁ;
ଯାହା ଈଶ୍ୱରଙ୍କ ଲୁଗା
ପର୍ବତ ଚୂଡ଼ା ଟପି ଭାସି ଆସୁଛି
ସହକାରର ବାସ୍ନା
ଅସୀମ ସୌନ୍ଦର୍ଯ୍ୟର ବେଲୁନ୍‌ଟି
ଏବେ ଫୁଟି ଯିବ ସିନା !

'ମୁଁ' ସଂସାରର ବୀଜ
ହିମାଳୟର ଉର୍ଦ୍ଧ୍ୱରୁ ପୂର୍ବାକାଶ ପର୍ଯ୍ୟନ୍ତ
ଲମ୍ବିଛି ତା'ଚେର
ଯେଉଁଠୁ କୁଆଁ ମେଲେ କାଲିର ସକାଳ !


♥ ଶବ୍‌ଦଘର, ଗୋଡ଼ିସାହି
କଟକ-୭୫୪୦୦୬


### ॥ ସଂପର୍କ ... ॥

● ପ୍ରଦେଶ ପ୍ରତ୍ୟୁଷ

ତୁମ ସ୍ମୃତି ନେଇ ବାଟ ମୁଁ ଚାଲୁଛି
ଚାଲୁଥିବି
ଜୀବନର ଶେଷ ଯାଏ .....
ସେଇ ସଂପର୍କକୁ ଏବେବି ପଚାରେ
ତୁମେ ପାଖେ କେତେ ଦୂରେ କେତେ ?

ଦିନ ମାସ ବର୍ଷ ବିତୁଥାଏ ଖାଲି
ତୁମେ ସବୁବେଳେ ମନେ ଅଛ
ତୁମ ସେହି ପ୍ରୀତି ମୋ ପାଇଁ ମହାନ
ନିତି ଭାବନାରେ ନିଏ ଜୀବନ୍ୟାସ

ସଂପର୍କଟା କେବେ ସରିଯିବ ନାହିଁ
ଯିଏ ଯେତେଦୂରେ ଥିଲେ
ପବିତ୍ର ବନ୍ଧନ ହେବନି ମଳିନ
ମନ ସଦା ଝୁରୁଥାଏ ...!


♥ କୁରୁମଟାଙ୍ଗର, ଢେଙ୍କାନାଳ
(ମୋ) ୭୦୦୮୪୩୧୨୫୭




### ॥ ଅଦିନ ମେଘ ॥

● ବାବାଜୀ ଚରଣ ଜେନା

ମୋ ଇଲାକାକୁ ସୁଖ ଆସେ କେବେ
ଅଦିନିଆ ମେଘ ପରି
ଓଦା ହୁଏ ସିନା ଦେହ ଭିଜେ ନାହିଁ
ରଙ୍ଗ ଦିଏ ଖାଲି ବୋଲି
ମୋ ଇଲାକାକୁ ।

ପାଖେ ଥାଏ ଦୁଃଖ ବନ୍ଧୁଟିଏ ଭଳି
ଛାଡି କେବେ ଯାଏ ନାହିଁ
ବଞ୍ଚିବା ର କଳା ତାଠାରୁ ଶିଖିଛି
ସୁଖ ଠାରୁ ଦୂରେ ଥାଇ
ଅଭାବ ବୋଧେ ବାଧେ ନାହିଁ ତେଣୁ
ତତଲା ବାଲିରେ ଚାଲି
ମୋ ଇଲାକାକୁ ।

ପ୍ରତାରଣା କିଏ କରି ଅଛି କେତେ
ହସ ତଳେ ବିଷ ରଖି
ସେଇ ଅଭିନୟ ଦେଖିଛି ଏ ଆଖି
ଦେଲେ ଦେଉ ଯିଏ ଫାଙ୍କି
ଜଞ୍ଜାଳ ଭିଡ଼ରେ ଭଲ ଅଛି ବୋଧେ
ଏକଲା ଅଛି ମୁଁ ବୋଲି
ମୋ ଇଲାକାକୁ ।


♥ ଅହଲ୍ୟା ନିବାସ, ପୋପରଡା
ନୂଆବଜାର କଟକ-୪
ମୋ -୯୪୩୭୮୩୪୭୧୯


### ॥ ବର୍ଷାର ସ୍କେଚ-୨ ॥

● ମାନିନୀ ମିଶ୍ର



ତୁ ଚାହାଁ କି ନ ଚାହାଁ
ବର୍ଷା ଆସେ
ରିମ ଝିମ, ଝିପଝିପ, ଝୋ, ଝୋ

ବର୍ଷା ଆସେ
ନଡା ଛପର ଘରେ
ନୀରବ ଯନ୍ତ୍ରଣାର ନିମନ୍ତ୍ରଣ ପରି
କଲେଜ ସାମ୍ନାରେ
କଦମ୍ବ ଗଛର ରାସ ପରି

ଅନ୍ଧାର ନିଗିଡି ଗଲେ
ଗଲାକାଲିର ମୁରୁଜ ଅଳନ୍ଧୁ ପାଲଟେ
ମିଛର ଖୋଳପା ବୁଡୁରେ
ପାହାଡର ନହୁଲି ଚୋଟ ପରି
ମାଡିଆସେ ବର୍ଷା ,ମେଘ, ବିଜୁଳି ,ମାଟି
ଭୈରବର ବେହାଗ ରାଗ
ଓଃ ,
ପୁରୁଷକୁ ମେଣ୍ଢା କରେ ନହେଲେ ମାଟି
ପ୍ରେମିକକୁ ସ୍ରୈଣ କରେ
ଜୀବକୋଷରୁ କାଢିନିଏ ଅରୁଣିମା
ପାଣିକାଚ ପରି ଭାଙ୍ଗିଦିଏ
ସୁରମ୍ୟ ଉପତ୍ୟକାର ହାତରୁ
ସବୁଯାକ ସଧବା ସଂକେତ
ଭାବର କିଆରି ଉଜୁଡେ

ବର୍ଷା ଆସେ
ମାଟିର କ୍ଳାନ୍ତି ପିଇ
ସବୁ ହଟଚମଟ କୁ ଆଡେଇ
ମାଟି ଯୋତୁଥିବା
ଯୋଡା ବଳଦର ପାଞ୍ଚଣ ଖିଆ ପିଠିରେ
ନାରଙ୍ଗ ରଙ୍ଗର ଉନ୍ମାଦନା ହୋଇ
ବର୍ଷା ଆସେ

କହିବାକୁ ଚାହୁଁଥିବା ସବୁକଥା
ବିବର୍ଣ୍ଣ ଜୀବାଶ୍ମ ହେଲେ ବର୍ଷା ଆସେ
ଆକାଶ ବି ମୁଣ୍ଡ ନୁଆଁଇ ଚୁମା ଦିଏ
ଚଷାପୁଅର ପାଦରେ

ସାରୁ ପତ୍ର ପାଉଁଳେ
ବଗ ପରି କେହିଜଣେ ଛପିଥାଏ
ଆଉ, ଏ ଛୁଁ ମତେ କହି ,ଆଖି ମିଟିକା
ମାରୁଥିବା ମାଛ ଡୁବମାରେ

ବର୍ଷା ଆସେ
କେବେ କେବେ ନଅଙ୍କ ଦୁର୍ଭିକ୍ଷର ଶେଷତମ
ଶବକୁ କାନ୍ଧରେ ବୋହି
କ୍ଷୁଧିତ

ବର୍ଷା ଆସେ
ଅପ୍ରାପ୍ତ ବୟସ୍କ ଅନ୍ୟମନସ୍କତା ପରି
ରୋମାଞ୍ଚିତ

ହଁ, ପଚାରନା
ବର୍ଷା ମୟ ମେଘ
ନା
ମେଘ ମୟ ବର୍ଷା

ବର୍ଷାର ବି ଗୋଟିଏ ଆଭିଜାତ୍ୟ ଅଛି ହୋ
ତିନି ପ୍ୟାଗ୍ ପରେ,
ତୁମେ ହୁଏତ ଭୁଲି ସାରିଛ !


♥(ମୋ) ୮୨୪୯୩୪୨୩୪୬




# ହୃଦୟର ଭାଷାରେ ଲିଖିତ କବିତା ପୃଥିବୀର ଯେ କୌଣସି ସ୍ଥାନରେ ପ୍ରକଟିତ ହୋଇପାରିବ : ପୀତାମ୍ବର ତରାଇ

**ପୀତାମ୍ବର ତରାଇ** ଓଡିଆ କାବ୍ୟ ଜଗତର ଗୋଟେ ସ୍ୱର୍ଦ୍ଧିତ ଉଚ୍ଚାରଣ । ତାଙ୍କ କବିତା କଳ୍ପନାର ବିସ୍ତୀର୍ଣ୍ଣ ସାଗରରେ ଭାସେନାହିଁ ବରଂ ଚେତନାର ସାଗରକୁ କରିପାରେ ତରଙ୍ଗାୟିତ । ପ୍ରଚଣ୍ଡ ସ୍ୱାଭିମାନ ସ୍ୱର୍ଦ୍ଧିତ ସ୍ୱର ଶୁଭେ ତାଙ୍କ କବିତାର ଧାଡିମାନଙ୍କରୁ । ଆରୋହଣ ଓ ଅବରୋହଣର ଅନ୍ତର୍ଦ୍ୱନ୍ଦ୍ୱ ଭିତରୁ ମୁକ୍ତିର ମାର୍ଗ ଉଜ୍ଜ୍ୱଳ ଦିଶେ ତାଙ୍କ କବିତାରେ । ଜଣେ କୁଶଳୀ କାରିଗର ଭାବରେ ସେ ପ୍ରତିପାଦିତ କରିସାରିଛନ୍ତି ନିଜକୁ । ତାଙ୍କ ସହ ଏଥରର ଆଳାପ..



**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**

■ ସାହିତ୍ୟରେ ଏତେ ବିଭାଗ ଥାଉଥାଉ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ ଜୀବନକୁ ଜାଣିବା ଓ ଜଗତର ରହସ୍ୟକୁ ଭେଦ କରିବା ପାଇଁ କବିତା ହେଉଛି ମାଧ୍ୟମ। ଜୀବନର କଳାତ୍ମକ ଦିଗର କବିତା ଯେଉଁ ସନ୍ଧାନ ଦେଉଛି, ତାହାର ବିରଳତମ ଉପଲବ୍ଧି ଆଜିବି ମଣିଷକୁ ବଞ୍ଚିବାର ଦିଗଦର୍ଶନ ଦିଏ। କବିତାକୁ ବାଦ୍ ଦେଇ ଏକ ସୁନ୍ଦର ସମାଜର ପରିକଳ୍ପନା କରାଯାଇ ପାରିବ ନାହିଁ। କବିତା ହେଉଛି ପୃଥିବୀର ଏକମାତ୍ର ଶ୍ରେଷ୍ଠ ଓ ଶେଷତମ ଅସ୍ତ୍ର, ଯାହା କାମନାକୁ ବିନାଶ କରି ପାରିବ। ସୁତରାଂ ମୁଁ ଏହି ମର୍ମରେ କବିତା ସହିତ ଯୋଡି ହୋଇଗଲି। ଏହା ମୋର ଜନ୍ମଗତ ଅଧିକାର ନଥିଲା। ମୁଁ କାହିଁକି କବିତା ଲେଖିଲି,ଏପରି ପ୍ରଶ୍ନ କେବେ ନିଜକୁ ପଚାରି ନାହିଁ। ନଈ କାହିଁକି ବହୁଛି, ଫୁଲ କାହିଁକି ଫୁଟୁଛି ? ଏ ପ୍ରଶ୍ନର ଯେପରି ଉତ୍ତର ନାହିଁ, ମୁଁ କାହିଁକି କବି ହେଲି ବା କବି ହେବା ପାଇଁ ମନ ବଳାଇଲି, ଏହାର ଉତ୍ତର ନାହିଁ। କବିତା ସର୍ଜନାର ଆଦ୍ୟ ଭାବନା ମନକୁ ସେତିକିବେଳେ ଆଚ୍ଛନ୍ନ କଲା, ମୁଁ ଯେତେବେଳେ ଜାଣିଲି ଯୁଗ ଯୁଗର ସାହିତ୍ୟ ବାହାରେ କାହିଁକି ଆମେମାନେ । ସାହିତ୍ୟରେ କାହିଁକି ଆମେ ଅସ୍ପୃଶ୍ୟ । ଆମର ପୀଡାଭୋଗ କାହିଁକି ସାହିତ୍ୟ ବାହାରେ ରହିଛି। ଆମେ କାହିଁକି ସାହିତ୍ୟରେ ପରିବେଷଣ ହୋଇ ପାରିନାହୁଁ? ଯଦି ହୋଇଛୁ କାହିଁକି ଆମକୁ ଘୃଣିତ, କୁତ୍ସିତ ଭାବରେ ଉପସ୍ଥାପନ କରାଯାଇଛି। ଏମିତି ଅନେକ ବେଦନା ଜର୍ଜରିତ ପ୍ରଶ୍ନ ମୋତେ ନିଜ ସାହିତ୍ୟ ରଚନା ପାଇଁ ପ୍ରେରଣା ଦେଇଛି। ଯେଉଁ ସାହିତ୍ୟରେ ବଞ୍ଚିତ ଜନର ସ୍ୱର ବିଗଳିତ ଭାବରେ ନିହିତ। ଯାହାକୁ ମୋର ଆଦ୍ୟ ସ୍ଫୁରଣ କୁହା ଯାଇପାରେ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ କାହାକୁ ସ୍ମରଣ କରିବେ ?

■■ ମୋର ପୀଡ଼ା, ସାମାଜିକ ଲାଞ୍ଛନା, ଅପମାନ, ଘୃଣା ହେଉଛି ପରୋକ୍ଷରେ ମୋର ପ୍ରେରଣା। ଏହାକୁ ବ୍ୟକ୍ତ କରିବାର ମାଧ୍ୟମ ହିଁ କବିତା। କବିତା ହେଉଛି ପ୍ରତିବାଦର ଶାଣିତ ଅସ୍ତ୍ର। ପୃଥିବୀରେ ଏକଛତ୍ରବାଦ ଶାସକ, ନୃଶଂସ ସମ୍ରାଟ ମାନଙ୍କର ଭୟ ହେଉଛି ବିଦ୍ରୋହୀ କବି ଓ ଅଗ୍ନି ବର୍ଷଣ କବିତା ପ୍ରତି। ଇତିହାସରେ ଏହାର ଦୃଷ୍ଟାନ୍ତ କମ୍ ନାହିଁ। ମୁଁ ସେହିଦିନ ନିଷ୍ପତ୍ତି ନେଇଥିଲି, ଯେଉଁଦିନ ନିଜ ଗାଁର ମହିମା ଆଶ୍ରମରେ ଶୁଣିଥିଲି : 'ଏକ ଖଣ୍ଡି ହାଡ/ବୁନ୍ଦାଏ ରୁଧିର/ପୁଟେ ମାଉଁସ ଜାଣଇ/ତେଣୁ କରି ସିନା/ପ୍ରାଣୀଙ୍କ ବିକଳ/ ସହି ନପାରି ମୁହିଁ। ପ୍ରାଣୀଙ୍କ ଆରତ/ଦୁଃଖ ଅପ୍ରମିତ/ଦେଖୁ ଦେଖୁ କେବା ସହୁ/ମୋ ଜୀବନ ପଛେ ନର୍କେ ପଡ଼ିଥାଉ/ଜଗତ ଉଦ୍ଧାର ହେଉ '। ସାହିତ୍ୟରେ ଥାଇ ଯଦି ଜଗତ ଉଦ୍ଧାର କରି ହେବ, ତାହେଲେ ସାରା ଜୀବନ କବିତା ସହିତ ରହିବି ବୋଲି ଚାଳିଶି ବର୍ଷତଳେ ସମୟକୁ ହାତକାଟି ଲେଖି ଦେଇଥିଲି। ଯଦି 'ସ୍ତୁତି ଚିନ୍ତାମଣି'ରୁ ପଦିଏ କବିତା ମୋ ଜୀବନର ମୋଡ଼ ବଦଳାଇ ଦେଲା, ତାହେଲେ ଆଦ୍ୟଗୁରୁ ଭାବରେ ସନ୍ଥକବି ଭୀମ ଭୋଇଙ୍କୁ ସ୍ମରଣ ନକରିବି କାହିଁକି !

■ କେମିତି ଥିଲା ସାହିତ୍ୟରେ ପ୍ରଥମ ପ୍ରବେଶ ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କ ଏ ଯାତ୍ରା ?

■■ ସେ ଅନୁଭୂତି ଅତି ରୋଚକ ପୀଡା ଦାୟକ, ଅବର୍ଣ୍ଣନୀୟ। ପ୍ରଥମ କବିତା ପ୍ରକାଶ ବଦଳରେ ଯେଉଁ ଆନନ୍ଦ, ସୁଖର ସାନିଧ୍ୟ ମୋତେ ବିଭୋର କରିବା କଥା, କରି ପାରିଲାନି। ମୁଁ ମୁର୍ଖ, ଅପଣ୍ଡିତ, ହୀନ, ଅଯୋଗ୍ୟ। ନାହିଁ ପାଠ, ନାହିଁ ଶାଠ। କେମିତି ଛପାହେଲା କବିତା ? ସମ୍ପାଦକ ମହାଶୟ ସହ ସମ୍ପାଦକଙ୍କୁ ପ୍ରଶ୍ନ ପ୍ରଚାରି ନିକଟସ୍ଥ ବଜାରରୁ ସଂଖ୍ୟା ଫେରାଇ ଆଣି ପୋଡିଦେଲେ।ଏ ଖବର ମୋ ପାଖରେ ପହଞ୍ଚିଲା ପରେ ଅପମାନରେ ମୁଁ ଦଗ୍ଧିଭୂତ ଯେତିକି ହେଲି, ନିଜ ପ୍ରତି ସେତିକି ଘୃଣାରେ ଭାରି ପଡ଼ିଗଲି। କହିବାରେ କୁଣ୍ଠା ନାହିଁ, ପତ୍ରିକାଟି ୪୦ ବର୍ଷତଳେ ମୋ ଗାଁ ରୁ ପ୍ରକାଶ ପାଉଥିଲା। ସେ ଦିନ ଆଖିରୁ ଲୁହ ପୋଛି ସଂକଳ୍ପ ନେଥିଲି ମୋତେ କିଛି ଦେଉ ବା ନଦେଉ କିନ୍ତୁ ମରିବା ଯାଏ କବିତା ଲେଖିବି। କେଉଁ ଲକ୍ଷ୍ୟ ନେଇ କବିତା ଭୂମିଷ୍ଠ ହୁଏ, ମୁଁ ଜାଣେନା। ମା' କଣ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ପିଲା ଜନ୍ମ କରେ କି ? ଜୀବନ ବଞ୍ଚିବା ପାଇଁ ଆଦର୍ଶ, ଉପଦେଶ, ଉଦାହରଣର ଆବଶ୍ୟକ ଥିବାବେଳେ କବିତା ଟିକ୍ଷିବା ପାଇଁ ଏ ସବୁର ଲୋଡ଼ା ନାହିଁ। କବିତା ତା ନିଜର ଆଦର୍ଶ, ସେ ତା' ନିଜର ପ୍ରେମ ଓ ପ୍ରାର୍ଥନାରେ ପରିପୂର୍ଣ୍ଣ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ କବିତା ଲେଖା ଯାଉଥିଲେ ମଧ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଇନାହିଁ। ଏ ବାବଦରେ କଣ କହିବେ ?

■■ କବିତା ରାମ, କୃଷ୍ଣଙ୍କ ପରି ସୁପୁରୁଷ ମାନଙ୍କୁ ଶ୍ରେଷ୍ଠତା ପ୍ରଦାନ କରିଛି। ଈଶ୍ୱରଙ୍କ ଆସନରେ ବସେଇଛି। କବିତା ଯଦି ଜଗତ କଲ୍ୟାଣ ପାଇଁ ଉଦ୍ଦିଷ୍ଟ, ତାହେଲେ ପାଠକ କେତେ କମିଲେ କି ବଢ଼ିଲେ, ଏହାର ସେତେ ଆବଶ୍ୟକତା ନାହିଁ। ବାଲ୍ମିକୀ ଓ ବ୍ୟାସଙ୍କ ସମୟରେ କେତେ ସଂଖ୍ୟାରେ ପାଠକ ଥିଲେ ? ଏହି ମହାକବି ମାନଙ୍କ ଅରଣ୍ୟ ଥିଲା ତପଭୂମି। ନିର୍ଜନତା ଥିଲା ଭାବ ପ୍ରକାଶର ପ୍ରେରଣା ଉତ୍ସ। ତେଣୁ ପାଠକ କେତେ କମିଲେ କି ବଢ଼ିଲେ, ଦୃଷ୍ଟିରେ ରଖି କବିତା ଲେଖା ଯାଇ ପାରିବ ନାହିଁ।

■ କୁହା ଯାଉଛି, ମାତୃଭାଷା ସଙ୍କଟରେ,ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରା ଯାଇ ପାରିବକି ?

■■ ସାହିତ୍ୟରେ କବିତା ହେଉଛି ଏକ ପ୍ରାଚୀନତମ ବଡ଼ ଅଂଶ। ହୃଦୟର ଭାଷାରେ ଲିଖିତ କବିତା ପୃଥିବୀର ଯେ କୌଣସି ସ୍ଥାନରେ ପ୍ରକଟିତ ହୋଇ ପାରିବ। ଏଥିପାଇଁ ଭାଷା ସେତେ ସଙ୍କଟ ଜନକ ଅବସ୍ଥା ସୃଷ୍ଟି କରି ପାରିନାହିଁ। ତାର ଉଚ୍ଚାରଣ ହିଁ ନିଜର ପରିଚୟ ଦେଇଥାଏ। ଅଷ୍ଟମ ଶତାବ୍ଦୀ ସମୟରେ ଚର୍ଯାଗୀତି ପାଇଁ ଭାଷା ଅପେକ୍ଷା ଶ୍ରୁତି ଥିଲା ଗୁରୁତ୍ୱପୂର୍ଣ୍ଣ । ତେଣୁ ଆଜି ଯେଉଁ ମାତୃଭାଷା ସଙ୍କଟରେ, ଏହା ରାଜନୀତିର ପରିଭାଷା। ଆମ ଭାଷା ପୂର୍ବାପେକ୍ଷା ମାର୍ଜିତ ଓ ଅତ୍ୟନ୍ତ ମଧୁର ସାବଲୀଳ ଭାବରେ ପରି ପ୍ରକାଶ ହୋଇ ଚାଲିଛି। ଆମ ଭାଷା ଆମର ପରିଚୟ। ଯେତେବେଳେ ଭାଷାର ଲିପି ନଥିଲା, ଓଡ଼ିଶାର ସାଧବ ପୃଥିବୀର ବିଭିନ୍ନ ସ୍ଥାନରେ ନିଜର ଲୋକକଳା, କଥିତ ସାହିତ୍ୟ ସଭ୍ୟତା, ଗ୍ରାମୀଣ ଚିତ୍ରପଟ, ସଂସ୍କୃତି ବାଣିଜ୍ୟ, ରଣ କୌଶଳ, ଶାସନ ପ୍ରଣାଳୀର ନିଛକ ବ୍ୟାଖ୍ୟା ମାଧ୍ୟମରେ ନିଜର ଉତ୍କୃଷ୍ଟତାର ପରିଚୟ ଦେଇ ଆସିଛନ୍ତି। ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିବା ବେଳେ ଏବେ ଭାଷା ସଙ୍କଟରେ ବୋଲି କାହିଁକି କୁହା ଯାଉଛି ?

■ କବିତାର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? କବିତା କାହାର ମାନସିକତାରେ ପରିବର୍ତ୍ତନ ଆଣିବା ସମ୍ଭବ କି ?

■■ ବିଶ୍ୱ ଗୋଟିଏ ଗାଁ ରେ ରୂପାନ୍ତରିତ ହୋଇ ସାରିଛି। ବଦଳୁଛି ଜୀବନ ଶୈଳୀ। ଜୀବନ ଆଜି ନାନା ଭାବରେ ବିକଶିତ ହୋଇ ଚାଲିଛି। ବିପଦ ଯେଉଁଠି ପଡୁ, ସାରା ବିଶ୍ୱ କହୁଛି ତାହା ଆମ ସମସ୍ତଙ୍କର। ଏ କ୍ଷେତ୍ରରେ କବିତା ଆଜି ବିଶ୍ୱ ପ୍ରେମରେ ଉଦ୍‌ବୁଦ୍ଧ। ଅଢ଼େଇ ହଜାର ବର୍ଷତଳେ ବୁଦ୍ଧ ହିଁ ଏହି ଭାବନା ଉତ୍ଥାପିତ କରିଥିଲେ। ବିଶ୍ୱ ଗୋଟିଏ ପରିବାର ହେବାକୁ ଆମକୁ ଅଢ଼େଇ ହଜାର ବର୍ଷ ଅପେକ୍ଷା କରିବାକୁ ପଡିଛି। ତେଣୁ କବିତାକୁ ନେଇ ମୋର ଅନେକ ସ୍ୱପ୍ନ ଅଛି। ଯେହେତୁ କବିତା ଭଲ ଶାସକର ନିର୍ଜନତ ଶିକ୍ଷକ। ଭାଗବତ ଗୀତା ହେଉଛି ଆମ ଜୀବନର ବେଦ ସଦୃଶ। ଏ କ୍ଷେତ୍ରରେ ଜଣେ ମାୟା ମୋହ, ହତାଶା, ଜୀବନ ପ୍ରତି ବୀତସ୍ପୃହ ପୀଡିତ ମାନବର ମାନସିକ ମୋଡ ବଦଳାଇବାରେ ଧନ ନୁହେଁ, ଜ୍ଞାନ ହିଁ ଶ୍ରେଷ୍ଠ ଭୂମିକା ଗ୍ରହଣ କରିଥାଏ।

■ ଓଡ଼ିଆ ସାହିତ୍ୟର ପାଠକକୁ ନେଇ କେତେ ଆଶ୍ୱସ୍ତ ? ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକ ପାଖରୁ ଦୂରାଉଛି ବୋଲି ଆପଣ ମନେକରନ୍ତି ? ଏହାର ନିରାକରଣର ଉପାୟ କଣ ?

■■ ନା, ଆମ ଭାଷା ସାହିତ୍ୟର ପାଠକ ବେଶ୍ ସଚେତନ। ପୁସ୍ତକ ନଥିବା ଘର ଶ୍ମଶାନ ସଦୃଶ, ଏହା ଆମ ପାଠକ ମାନେ ଜାଣନ୍ତି। ପୁସ୍ତକ ଫାଷ୍ଟ- ଫୁଡ୍ ନୁହେଁ, ତୁରନ୍ତ ବଜାରରୁ ଶେଷ ହୋଇ ଯିବ। ସାରଳା ମହାଭାରତ ଘରେ ଘରେ ପହଞ୍ଚିବାକୁ ସାଢେ ପାଞ୍ଚସହ ବର୍ଷ ଲାଗିଛି। ଭଲ ସାହିତ୍ୟ ହିଁ ସମୟର ଅପେକ୍ଷାରେ ଥାଏ। ଏ କ୍ଷେତ୍ରରେ ପାଠକ ମଧ ପରିବର୍ତ୍ତନଶୀଳ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଚାହିଁବେ ?

■■ ଏ ପ୍ରଶ୍ନ କାହିଁକି ? କେହି କେହି କହିଥାନ୍ତି ଏହା ବିତର୍କ ଓ ବିବାଦର ବିଷୟ। ମୋ ମତରେ ସାହିତ୍ୟରୁ ପୁରସ୍କାର ଉଚ୍ଛେଦ ହେବାର ଜରୁରୀ ଆବଶ୍ୟକ। ବଳରାମ, ସାରିଆ ଭିକ, ଭୀମ ଭୋଇ, ଭୀମା ଧିବର, ମାଧବୀ ଦାସ କୋଉ ପୁରସ୍କାର ପାଇଥିଲେ ? ସାରିଆ ଭିକ ଗୋଟିଏ ଗୀତ, 'ଥକାମନ ଚାଲ ଯିବା/ ଚକା ନୟନ ଦେଖିବା/ ଶଙ୍ଖ ନାଭି ମଣ୍ଡଳରେ/ ବେନି ନେତ୍ର ପଖାଳିବା।' ର ସ୍ରଷ୍ଟା ଭାବରେ ଆଜି ବି ଜନ ମାନସରେ ପୂଜିତ। ଏଇ ଗୋଟିଏ ଭଜନ ତାର ଭୂମିଷ୍ଠ କାଳରୁ ଓଡ଼ିଆ ଜାତିକି ଯେତିକି ରୋଜଗାର ଦେଲାଣି, ଗୋଟେ ବିସ୍କୁଟ କାରଖାନା ସେତିକି ଦେଇ ନଥିବ। ଏ କ୍ଷେତ୍ରରେ ପୁରସ୍କାରର ମାନ କେତେ ନ୍ୟୁନ, ମହଲନ ଜାଣନ୍ତୁ ଆପଣ। ଜଣେ ସାହିତ୍ୟିକର ସାହିତ୍ୟ ହେଉଛି ସମାଜ ପାଇଁ ବାର୍ତ୍ତା। ଏହାର ସାରମର୍ମ ସବୁକାଳ ପାଇଁ ବ୍ୟାପକ।

♥♥

■ **ଅଳ୍ପରେ କବି ପୀତାମ୍ବର ତରାଇ...**



ଜନ୍ମ: ଦିପାବଳୀ ୧୯୫୯
ଜନ୍ମସ୍ଥାନ : ମଙ୍ଗଳପୁର, କୁଜଙ୍ଗ, ଜଗତସିଂହପୁର
ପିତା- ହାଡିବନ୍ଧୁ ତରାଇ
ମାତା- ପଞ୍ଚେଇ ଦେବୀ

ବର୍ତ୍ତମାନର ଠିକଣା : ଅଶ୍ରୁନୀଡ, ମଙ୍ଗରାଜପୁର, କୁଜଙ୍ଗ
ଜଗତସିଂହପୁର-୭୫୪୧୪୧
(ମୋ) ୯୪୩୭୧୬୩୪୩୨

■ **ପ୍ରକାଶିତ ପୁସ୍ତକ** ■

୧. ବୁନ୍ଦେ ଲୁହର ପିଠିରେ ସମୁଦ୍ର -୧୯୮୭
୨. ନିଜ ନିଶ୍ୱାସରେ ନିଜେ ହିଁ ଜଳୁଚି- ୧୯୯୦
୩. ଆଦିପର୍ବ- ୧୯୯୪
୪. ଶେଷ ହେବାଯାଏ - ୧୯୯୭
୫. ଦେହ ଦଶବିଶା - ୧୯୯୭
୬. ଚିରା ଚଇତର ଚିଠି - ୨୦୦୧
୭. ଶୁଦ୍ରକର ଶ୍ଳୋକ - ୨୦୦୨
୮. ସଇରାତ ଓ ଅନ୍ୟାନ୍ୟ କବିତା - ୨୦୦୬
୯. ଇତର- ୨୦୦୬
୧୦. ଅଭାଜନ - ୨୦୧୦
୧୧. ଲହଲହଙ୍କା ପତରବଙ୍କା (ଶିଶୁ ଗଳ୍ପ)- ୨୦୦୭
୧୨. ପିଛିଲା ତାରିଖ ଓ ଅନ୍ୟାନ୍ୟ କବିତା (ନିର୍ବାଚିତ)- ୨୦୧୨
୧୩. ଜଣେ ଅଶଉଚ ଲୋକ - ୨୦୧୭




କବିଙ୍କର ଚର୍ଚ୍ଚିତ କବିତା ପୁସ୍ତକ...



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ପୀତାମ୍ବର ତରାଇ...




ଅଖିଳ ଭାରତୀୟ ଦଳିତ ଲେଖକ ସମ୍ମିଳନୀରେ କବି ପୀତାମ୍ବର...



ପତ୍ନୀ, ଏକମାତ୍ର ପୁତ୍ର, ତିନି କନ୍ୟା ଓ ପଦ୍ମଶ୍ରୀ ହଳଧର ନାଗଙ୍କ ସହ କବି ପୀତାମ୍ବର...



'ଅଭାଜନ' ପାଇଁ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାର ବିରଳ ମୁହୂର୍ତ୍ତ...



ପବିତ୍ର ପାଣିଗ୍ରାହୀ

ନିରୁତା ପାଠକଙ୍କ ପରି ବରିଷ୍ଠ ଓ ସମସାମୟିକ ସମଧର୍ମା ଲେଖକମାନେ ମଧ୍ୟ ପ୍ରେରଣାଦାୟୀ ମନ୍ତବ୍ୟ ଦେଇଥାନ୍ତି । ଆଗରୁ ଚିଠିରେ ତାହା ମିଳୁଥିଲା, ଏବେ ଫୋନ୍‌ରେ ବା ହ୍ୱାଟସ୍‌ଆପ୍‌ରେ । ସେଇ ଚିଠି ଗୁଡ଼ିକ କେବେବି ଭୁଲିବାର ନୁହେଁ ।

## ପ୍ରିୟ ପାଠକ-୨୬

# ଲେଖକ ପାଇଁ ପ୍ରିୟ ପାଠକ ଆତ୍ମୀୟ ପରିଜନଙ୍କଠୁ ବି ଅଧିକ ଆତ୍ମୀୟ

ନିଜ ଖୁସି ପାଇଁ, ଲେଖାଲେଖିରୁ ନିଜେ ଆନନ୍ଦ ପାଇବା ସହ ଅନ୍ୟମାନଙ୍କୁ ଆନନ୍ଦ ଦେବା ପାଇଁ ଲେଖକଟିଏ ଲେଖେ । ତା' ଲେଖାରେ ପାଠକଟିଏ ଯେତେବେଳେ ନିଜକୁ ଭେଟେ ଓ ନିଜର ପ୍ରତିକ୍ରିୟା ଲେଖକକୁ ଜଣାଏ ସେ ସ୍ୱାଭାବିକ ଭାବେ ଖୁସି ହୁଏ ।

ଲେଖକୀୟ ଜୀବନରେ ଜଣେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପାଠକଙ୍କଠୁ ଅଲଗା ଅଲଗା ଲେଖା ଉପରେ ସକରାତ୍ମକ ମତ ପାଇଥାଏ, ଯାହା ତାକୁ ପ୍ରେରଣା ଦିଏ । ନିରୁତା ପାଠକଙ୍କ ପରି ବରିଷ୍ଠ ଓ ସମସାମୟିକ ସମଧର୍ମା ଲେଖକମାନେ ମଧ୍ୟ ପ୍ରେରଣାଦାୟୀ ମନ୍ତବ୍ୟ ଦେଇଥାନ୍ତି । ଆଗରୁ ଚିଠିରେ ତାହା ମିଳୁଥିଲା, ଏବେ ଫୋନ୍‌ରେ ବା ହ୍ୱାଟସ୍‌ଆପ୍‌ରେ । ସେଇ ଚିଠି ଗୁଡ଼ିକ କେବେବି ଭୁଲିବାର ନୁହେଁ । ଅନେକଙ୍କ ଭିତରୁ କବି ରମାକାନ୍ତ ରଥ, କଥାକାର ତରୁଣକାନ୍ତି ମିଶ୍ର, ରାମଚନ୍ଦ୍ର ବେହେରା, ୰ଦୀପକ ମିଶ୍ର, ୰ଜଗଦୀଶ ମହାନ୍ତି, ବିଜୟ ନାୟକ, ସଦାନନ୍ଦ ତ୍ରିପାଠୀ, ଦେବବ୍ରତ ମଦନରାୟ, ମଳୟ ମିଶ୍ର ପ୍ରମୁଖଙ୍କ ନାଁ ଖୁବ୍ ମନେ ପଡୁଛି । ଅସଜଡ଼ା ଜୀବନ ବିତାଉଥିବା ମୁଁ ସେଇ ମହାର୍ଘ ଚିଠି ସବୁକୁ ସାଇତି ରଖି ପାରିନଥିବାରୁ କଷ୍ଟ ପାଇଛି । ମାତ୍ର ଏହି ବରେଣ୍ୟ ଲେଖକମାନଙ୍କୁ ପ୍ରିୟ ପାଠକ କହିବାର ଧୃଷ୍ଟତା କରିବି ନାହିଁ ।

ସେଇମିତି ସଶ୍ରଦ୍ଧ ସ୍ମରଣ କରିବି ମହାପାତ୍ର ନୀଳମଣି ସାହୁଙ୍କୁ, ଯିଏ ମୋର ପ୍ରଥମ ଗଳ୍ପ ସଂକଳନ 'ପ୍ରେମିକର ଦଶାବତାର'ର ଉନ୍ମୋଚନ କଲାପରେ ସଭା ସରିଲା ପରେ ବହିର ପ୍ରଥମ ଗଳ୍ପ 'ଆକସ୍ମିକ' ବିଷୟରେ କହିଥିଲେ । 'କଣ ହୋଇଥାନ୍ତା ଗଳ୍ପ ଶେଷରେ ନାୟକ ଶୀତିକଣ୍ଠ ଯଦି ଗଳ୍ପ ନାୟିକା ବର୍ଷାଙ୍କୁ ପଛକରି ପାହାନ୍ତି ପହରରେ ଚାଲି ଆସିନଥାନ୍ତା !' ତାହା ମୋତେ ଏତେ ଆଲୋଡ଼ିତ କରିଥିଲା ଯେ କିଛି ବର୍ଷ ପରେ ସେଇ ଗଳ୍ପର ପରିଣତିରୁ ଆରମ୍ଭ କରି ଲେଖିଥିଲି ଗଳ୍ପ 'କ୍ଲାଇମେକ୍ସ' । ସୁଚରିତା ଲେଖକ ବିଶେଷାଙ୍କରେ ଗପଟି ପ୍ରକାଶ ପାଇଲା ପରେ ପରିଚାଳନା ସଂପାଦକ ନିଆରା ବ୍ୟକ୍ତିତ୍ୱ ହରିହର ପଣ୍ଡା ଗପଟିର ଟ୍ରିଟ୍‌ମେଣ୍ଟ ସଂପୂର୍ଣ୍ଣ ନୂଆ ବୋଲି ଜଣାଇଥିଲେ । ସେକଥା କଣ ପାଶୋରି ପାରିବି କେବେ ! ନା ଭୁଲି ପାରିବି ପ୍ରଜାତନ୍ତ୍ର ସାହିତ୍ୟ ପୃଷ୍ଠାରୁ 'ବିଲଭୋଜି' ଗପଟି ପଢ଼ି ଗାଳ୍ପିକ ରଜନୀକାନ୍ତ ମହାନ୍ତି କହିଥିବା କଥା 'ମାଟିଗନ୍ଧ ବାହାରୁଥିବା ଏ ଗପଟି ହୁଏତ କୌଣସି ସରପ୍ରାଇଜ୍ ଦେବ ତମକୁ ।' ପରେ ପରେ ଗପଟି ବିଷୁବ ମିଳନରେ ଗଳ୍ପ ପୁରସ୍କାର ପାଇଥିଲା । କେମିତି ଭୁଲିବି ଏବର ସୁପରିଚିତ କବି କିଶୋର ପାଣିଗ୍ରାହୀ ପ୍ରାୟ ତିନିଦଶନ୍ଧି ତଳେ ଧାମନଗର କଲେଜରେ ପଢୁଥିବା ବେଳେ ୨୫ କି.ମି ଦୂର ତାଙ୍କ ଗାଁ ଜାହାଙ୍ଗୀରରୁ ସାଇକେଲ ଛୁଟେଇ ଗୋଟେ ରବିବାରର ଉଦୁଉଦିଆ ଖରାବେଳେ ମୋ ନୂଆବଜାର ବସାରେ ପହଞ୍ଚିଥିଲେ ମୋ ପରି ଜଣେ ସ୍ୱଳ୍ପ ପରିଚିତ ଗାଳ୍ପିକକୁ ଭେଟିବା ପାଇଁ ।

ସେଇ ନୂଆବଜାର କ୍ଷମାସାଗର ମଠରେ ରହୁଥିବା ବେଳେ 'ସୃଜନୀ'ରେ ବାହାରିଥାଏ ମୋର 'ଚଢ଼େଇଗଛ' ଗପ । ଦିନେ ଅସ୍ମୁଳ ଗାଁର ଦି'ଜଣ ଝିଅ (ସମ୍ଭବତଃ କଲେଜ ଛାତ୍ରୀ) ଅପରାହ୍ନରେ ଆସି ମୋତେ ଖୋଜିଲେ । ମୋତେ ନମସ୍କାର କରି ପଚାରିଲେ, ଅଙ୍କଲ୍ କୋଉଠି ଅଛି ସେ ଚଢ଼େଇ ଗଛ ? ଆମ ଘର ଏଇଠି, ଆମେ ତ ଦେଖିନୁ ! ପାଖରେ ଠିଆ ହୋଇଥିବା ପତ୍ନୀ ସୁଚିତ୍ରା ହାତଠାରି ଦେଖେଇ ଦେଲେ ଆମ ବସା ପାଖ ନାତ୍ୟୁଛ ନାଁଅଜଣା ଗଛଟିକୁ । ସେତିକିବେଳେ ଫୁର୍‌ର କିନା ଉଡ଼ିଗଲେ ସେଇ ଗଛଡାଳରେ ବସିଥିବା ଦୁଇଟି ସୁନ୍ଦର ସୁନେଲି ରଂଗର ଚଢ଼େଇ । ଖୁସିରେ କୁରୁଳି ଉଠିଥିଲେ ସେ ଝିଅ ଦୁଇଟି । ପଚାରି ପାରିନଥିଲି ତାଙ୍କ ନାଁ। ସେମିତି ବାଇପାସର ଏକ ମଲ୍ ଭିତରୁ ଆମେ ବାହାରୁଥିଲା ବେଳେ ନବ ବିବାହିତା ଝିଅଟିଏ ଆସି ପ୍ରଣାମ କରିଥିଲା । ଭଦ୍ରକ କଲେଜର ସୁବର୍ଣ୍ଣଜୟନ୍ତୀ ସ୍ମରଣିକାରେ ବାହାରିଥିବା ମୋ 'ସାଳନ୍ଦୀର ସଂଜ' ଗପଟି ପଢ଼ିଲା ପରଠୁ ମୋର ପ୍ରାୟ ସବୁ ଗପବହି ସେ କିଣିଛି ବୋଲି କହିଲା । ମୁଁ ଏତେ ବିଭୋର ହୋଇ ଯାଇଥିଲି ଯେ ସେ କହିଥିବା ତା ନାଁଟି ଶୁଣିପାରି ନଥିଲି ଭଲକରି । ଆଉ କେବେ ଦେଖା ହେଇନି ତା' ସହ।

> ତେବେ ପ୍ରିୟ ପାଠକ କଥା ପଚାରିଲେ ଅନେକଙ୍କ ଭିତରୁ ନାଁଟିଏ ମନେ ପଡୁଛି ବନଜ ବାସିନୀ ବାରିକ । ଅଠର, କୋଡ଼ିଏ ବର୍ଷ ତଳେ ତା ସାହିତ୍ୟାନୁରାଗୀ ଅଜା ରତ୍ନାକର ବାରିକଙ୍କ ସହିତ ଆସି ଭେଟିଥିଲା ଆମେ ରହୁଥିବା ସାଳନ୍ଦୀ ନଈକୂଳର ଭଡ଼ା ଘରେ । ମୋର ଅନେକ ଗପର ଚରିତ୍ରଙ୍କ ନାଁ ଥିଲା ତା' ମୁହଁରେ ।

ତେବେ ପ୍ରିୟ ପାଠକ କଥା ପଚାରିଲେ ଅନେକଙ୍କ ଭିତରୁ ନାଁଟିଏ ମନେ ପଡୁଛି ବନଜ ବାସିନୀ ବାରିକ । ଅଠର, କୋଡ଼ିଏ ବର୍ଷ ତଳେ ତା ସାହିତ୍ୟାନୁରାଗୀ ଅଜା ରତ୍ନାକର ବାରିକଙ୍କ ସହିତ ଆସି ଭେଟିଥିଲା ଆମେ ରହୁଥିବା ସାଳନ୍ଦୀ ନଈକୂଳର ଭଡ଼ା ଘରେ । ମୋର ଅନେକ ଗପର ଚରିତ୍ରଙ୍କ ନାଁ ଥିଲା ତା' ମୁହଁରେ । ସେତେବେଳେ ସେ ପି.ଏଚ.ଡି କରୁଥିଲା ଓଡ଼ିଆ ଗଳ୍ପ ଉପରେ ଶାନ୍ତି ନିକେତନରେ । ପିଏଚଡି ଡିଗ୍ରୀ ପାଇସାରି ବେସରକାରୀ କଲେଜରେ କିଛିବର୍ଷର ଅଧ୍ୟାପନା ପରେ ଏବେ ସେ ଅଧ୍ୟାପିକା ଭଦ୍ରକ କଲେଜରେ । ମୋ ଅଧିକାଂଶ ଗପ ପଢ଼ିସାରି ସେ ତା'ର ନିର୍ଭେଜାଲ ମତ ଦିଏ । ଦିଏ ବି ତାର ସୁଚିନ୍ତିତ ପରାମର୍ଶ । ଏବେ କମ୍ ଲେଖାଲେଖି କରୁଥିବାରୁ ଲେଖିବାକୁ ତାଗିଦ ବି କରେ ଆନ୍ତରିକତାର ସହ । ବିଶେଷ ଲେଖାଲେଖି କରୁନଥିଲେ ବି ମୋର କେତୋଟି ଗପବହିର ସମୀକ୍ଷା ଲେଖି ପ୍ରକାଶ କରିଛି ପତ୍ରପତ୍ରିକାରେ ତା' ନିଜସ୍ୱ ଆଗ୍ରହରେ । ମୋତେ ତ ଲାଗେ ପ୍ରିୟ ପାଠକ ବା ପାଠିକାଟିଏ ଆତ୍ମୀୟ ପରିଜନଙ୍କଠୁ ବି ଅଧିକ ଆତ୍ମୀୟ ଜଣେ ଲେଖକ ପାଇଁ । ଯେମିତି ମୋ ପାଇଁ ବନଜବାସିନୀ, ଯିଏ ଅକପଟ ଭାବେ ମୋ ସାମ୍ନାରେ ପ୍ରକାଶ କରିପାରେ ତାର ସୁଖଦୁଃଖର କଥା ସବୁ ।



ପ୍ରିୟ ପାଠିକା
ଡ. ବନଜବାସିନୀ ବାରିକ

♥ ସାଳନ୍ଦୀନଗର, ଭଦ୍ରକ
ମୋ: ୯୯୩୮୦୪୨୪୬୮

ପଢ଼ିବା ପରେ...

# ଡହଡହ ନିଦାଘର ଚହଚହ ବାସ୍ତବତା ହିଁ କବି ସମରେନ୍ଦ୍ରନାଥଙ୍କ 'ଉତ୍ତର ଫାଲ୍‌ଗୁନ'

'ଅନେକ ଦିନ ହେବ ଲେଖିନି କବିତା/ ସତ କହିଲେ ଆଉ ଲେଖି ହେଉନି କବିତା/ ଜୀବନ ଲାଗିଲାଣି ପିତାପିତା/ ମୁଁ ଖାଲି ଚାହିଁ ବସିଚି/ କେବେ ଲିଭିଯିବ ମୋର ଶେଷ ସଳିତା ।'

'ଆତ୍ମକଥା' ଶୀର୍ଷକରେ ଏମିତି କଥା ରଖିଛନ୍ତି 'ଉତ୍ତର ଫାଲ୍‌ଗୁନ'ର କବି ସମରେନ୍ଦ୍ରନାଥ ମହାପାତ୍ର । ଶେଷ ପାରାରେ ଲେଖିଛନ୍ତି 'ମୋତେ ମୋର ଦେଶ କଥା କହି ଦେଶଭକ୍ତିରେ ଛଳଛଳ ହେବାକୁ ଦିଅନା/ ବେଶ୍ ଜାଣିଛ ତୁମେ ଯେ/ ସେଇ ମୋର ଦୁର୍ବଳତା/ ନା, ନା, ଆଉ ଲେଖି ପାରିବନି କବିତା ।'

ଆରମ୍ଭରୁ ବେଶ୍ ମଂଜ କଥା ଲେଖିଛନ୍ତ କବି । ଆମେ ସବୁ ଯୋଉ ପୃଥିବୀରେ ବାସ କରୁଛୁ, ଯୋଉ ସମୟ ଦେଇ ଗତି କରୁଛୁ ସେଥିରେ କଣ ସହଜ କି ଜିଇଁବାଟା ? ଏବେ ତ ଯୁଆଡ଼େ ପାଦ ପକେଇଲେ ସିଆଡ଼େ ସିଙ୍କୁଙ୍କଣ୍ଟା, ଯୁଆଡ଼େ ଆଖି ପହଁରାଇଲେ ସିଆଡ଼େ ଧୂଆଁର କୁହେଳି । ଚାରିଆଡ଼େ କଂକ୍ରିଟ ଜଂଗଲ । ସବୁଠି ମୁଖାପିନ୍ଧା ଭଦ୍ରଲୋକ। ବଂଧୁତାରେ ବିଶ୍ୱାସ ନାହିଁ କି ସମ୍ପର୍କରେ ଭରସା ନାହିଁ । ସବୁଠି ଛଳନା, ସବୁଠି ପ୍ରତାରଣା । ସବୁ କ୍ଷେତ୍ରରେ ଅଭିନୟ । ସତକଥା, ଯୋଉଠି ସତ କହିବାର ସାହସ ମରିଗଲାଗି, ସେଠି କବିତାର ସ୍ଥାନ କୋଉଠି ?

ତଥାପି ବି ଓଡ଼ିଆ କାବ୍ୟଜଗତ ବହୁ ବର୍ଣ୍ଣବିଭାରେ ପରିପୂର୍ଣ୍ଣ । ବିବିଧ ଚେତନା ଓ ଦର୍ଶନ ସହିତ ନାନ୍ଦନିକ ମୂଲ୍ୟବୋଧର ବହୁଧା ରୂପଚିତ୍ର ଅଙ୍କିତ ହେଉଛି କବିତା ମାନଙ୍କରେ । ପରିବେଶ ପରିସ୍ଥିତି ସହିତ ସଚେତନ ରହି ଜଗତ ଓ ଜୀବନ ସହିତ କବିଦୃଷ୍ଟି ବିସ୍ତାରିତ ହୋଇଛି । ଜୀବନର ବହୁ ମହାର୍ଘ ଅନୁଭୂତି କବିତା ଫୁଲର ପାଖୁଡ଼ା ପରି ବାସ ବିତରୁଛି ।

ସେମିତି ଜୀବନାନୁଭୂତିର ବାଲିଗରଡା ସାଉଁଟି ସେଥିରେ ମାନବୀୟ ଅନୁଭବର ଅନୁରାଗ ନେଇ ପାଠକଙ୍କ ଚେତନାକୁ ଜାଗ୍ରତ କରିବାକୁ ଯାଇ କବି ସମରେନ୍ଦ୍ରନାଥ ମହାପାତ୍ର ଏକାବନଟି କବିତା ଭେଟି ଦେଇଛନ୍ତି 'ଉତ୍ତର ଫାଲଗୁନ' ଶୀର୍ଷକ କବିତା ଗ୍ରନ୍ଥରେ । ଯାହାର ପୃଷ୍ଠା ଓଲଟେଇଲା ମାତ୍ରେ ଦୃଷ୍ଟି ଆକର୍ଷଣ କରେ 'ପ୍ରଥମ ଆତ୍ମହତ୍ୟା ଦିନ' କବିତାଟି, ଯୋଉଥିରେ କବିଙ୍କର ସ୍ୱର ଶୁଭେ ବେଶ୍ ମାର୍ମିକ ।

"ବାରମ୍ବାର ମରିଚି
ଓ ଜିଇଁଉଠି ଚିତ୍କାର କରିଚି
ସ୍ୱପ୍ନକୁ ମୃତ୍ୟୁ ଭାବି ଡାକି ଡାକି
ପ୍ରେତାତ୍ମାର ଦଂଶନେ ଜଳିଚି
ବାରମ୍ବାର ଭେଟିଚି କେବଳ
ଶୃଙ୍ଗ ପତନ
ପ୍ରଥମ ଆତ୍ମହତ୍ୟା ଦିନ ।
(ପ୍ରଥମ ଆତ୍ମହତ୍ୟା ଦିନ)

ମଣିଷ ସବୁବେଳେ ଆଶାବାଦୀ ଆଉ ସେଇ ଆଶାବାଦର ସିଡ଼ି ଚଢ଼ିବାକୁ ସାହସ କରିପାରେ ଜଣେ କବି । କୁଢ଼କୁଢ଼ ଦୁଃଖର ପାହାଡ଼ ଉପରେ ସିଏ ଛିଡ଼ା ହୋଇପାରେ । କଣ୍ଟାଝଣ୍ଟା, ଅମାଅନ୍ଧାର, ଝଡ଼ବର୍ଷା, କୁହୁଡ଼ି କାକର, ରୋଗଶୋକ, ଭୋକ ଶୋଷ ଏଡ଼େଇ ସେ ଚାଲିପାରେ ଥରେମାତ୍ର ପଛକୁ ଫେରିନଚାହିଁ । ସୁବର୍ଣ୍ଣ ସ୍ୱର୍ଗକୁ ଆଶାକରି ପହଞ୍ଚି ଯାଇପାରେ ନର୍କର ନୀଳ ଉପତ୍ୟକାରେ ।

ଚମତ୍କାରର ପଙ୍କ୍ତିଟିଏ କବି ସମରେନ୍ଦ୍ରନାଥଙ୍କର-

ଏତେ ସହଜ ନୁହେଁ ବଂଚିବା
ନଚେତ୍ ମୁଁ କଣ ମରୁଥାନ୍ତି ଏମିତି
ବର୍ଷ ବର୍ଷର ପୋଡ଼ା ନିଆଁ-
ଲାଞ୍ଛନା, ପ୍ରତାରଣା, ଯନ୍ତ୍ରଣା
ସହି ସହି ପାଲଟି ଯାଇଥାନ୍ତି
ପଥର ଖଣ୍ଡେ
ମଶାଣିର ଅନ୍ଧାରରେ ଜଳି ଜଳି
ଆପଣା ହାଡ଼କୁ ଜଳାଇ
ରକ୍ତରେ ରକ୍ତରେ;
ବଂଚିବା ଏତେ ସହଜ ନୁହେଁରେ !
(ଏତେ ସହଜ ନୁହେଁ ବଂଚିବା)
\+ \+ \+ \+ \+
ଜିଇଁବାଠୁ ନାହିଁ ବଡ଼ ପ୍ରବଞ୍ଚନା
ନାହିଁ ନାହିଁ
ନିଜ ରକ୍ତ ପିଇ ପିଇ
ନିଜ ଅଶ୍ରୁ ସ୍ୱେଦରେ ଗାଧୋଇ
ନିଜ ସହ କରିବାକୁ ହୁଏ ପ୍ରତାରଣା
କେମିତି ବରଦାସ୍ତ କରିବି
ଜୀବନର ଏ କରୁଣ କାର୍ନାମା !
(ଏତେ ସହଜ ନୁହେଁ ବଂଚିବା)

ଜୀବନକୁ ନେଇ ମଣିଷ ସ୍ୱପ୍ନ ଦେଖେ । କବିଟିଏ ସ୍ୱପ୍ନରେ ଡେଣା ଖଞ୍ଜେ । କିନ୍ତୁ ସେତେବେଳେ ସେ ମାଟିକୁ ଖସିପଡ଼ି ରକ୍ତାକ୍ତ ହୁଏ, ଯେତେବେଳେ ସେ ଦେଖେ ସ୍ୱାର୍ଥପରତା ଯୋଗୁଁ ସମ୍ପର୍କ ହରେଇବାର କୁରୁକ୍ଷେତ୍ର। ସମୟ ସ୍ରୋତରେ ମାନବିକତା ଭାସିଯିବାର ଦୃଶ୍ୟ ।






ଯୋଉମାନଙ୍କୁ ଭାବିଲି ନିଜର ବୋଲି
ଆଦର କଲି, କୋଳେଇ ଧରିଲି,
ସେମାନେ ଯେ ମୋତେ
ଶକ୍ତ ଆଘାତ ଦେବେ
ଛାତି ମୋର କୋରି ନେବେ
ବିଶ୍ୱାସଘାତକତାର ଛୁରୀରେ
ମୁଁ କଣ ଜାଣିଥିଲି ?
(ଆତ୍ମନେପଦୀ)
\+ \+ \+ \+ \+
ଥରେ ନୁହେଁ/ ଥର ଥର ଅନେକଥର
ଆଘାତ ପାଇଚି ଏ ଛାତି ତଳେ
କିଛି ଗୋଟେ ଫୁଟି ଯାଇଚି
ବୋମା ପରି
ଯାର ବିସ୍ଫୋରଣରେ
ଥରି ଉଠିଚି ମୋ ହୃଦୟର
ନିବୁଜ କୋଠରୀ । (ଆଘାତ)
\+ \+ \+ \+ \+
ସାରା ଜୀବନ ଏମିତି ଉଲଗ୍ନ ହେଉଥିବୁ
ବିଚ ବଜାରରେ,
ହାରୁଥିବୁ ବାଜି ପାଲାରେ
କଳଙ୍କ ବୋହୁଥିବୁ କୁବ୍‌ଜା କାନ୍ଧରେ
ସହସ୍ର ଜନ୍ମର ତପସ୍ୟା ପରେ ବି
ତୁ ଏମିତି ଅଭିଷପ୍ତ
ଥିବୁରେ ଧୃତରାଷ୍ଟ୍ର !
(ବିଡମ୍ବନା)

ଆଖିରେ ଅସୁମାରୀ ଆତ୍ମବିଶ୍ୱାସର ତରଙ୍ଗାୟିତ ଚିନ୍ତାଧାରା ଥିବା ସତ୍ତ୍ୱେ କବି ଘାଣ୍ଟି ହୋଇଛନ୍ତି ଗୋଟେ ଅବ୍ୟକ୍ତ ଦୁଃଖରେ । ଜୀବନ ପ୍ରତି ଆଶାୟୀ ନଥିଲେ, କେହି କଣ ବୀତସ୍ପୃହତାର ଗୀତ ଗାଇପାରନ୍ତି ନା ଲେଖିପାରନ୍ତି ଏମିତି ଜୀବନବାଦୀ କବିତା ! ଏହା ଜୀବନୀୟ ମୂଲ୍ୟବୋଧର ଶେଷ କଥା ନୁହେଁ ବରଂ ଜୀବନ ଜିଇଁବାର ନୂଆ ରାସ୍ତାଟିଏ ବାଛି ନେବାର ମହାର୍ଘ ଅବସର ।

ଶ୍ରଦ୍ଧା ପବ୍ଲିକେଶନ, ବାଲେଶ୍ୱର ଦ୍ୱାରା ପ୍ରକାଶିତ ୧୧୨ ପୃଷ୍ଠାର କଳେବର ଭିତରେ କବି ଭେଟିଛନ୍ତି ଛାଇ ପରି ଛଦ୍ମବେଶୀଙ୍କୁ, ଥେଇ ଥେଇ ନାଚୁଛି ଖଣ୍ଡିଆଭୂତ ।

କିଏ ବସିଛି ରାସ୍ତାରେ, କିଏ ବସିଚି ନଈ ତୁଠ ମଶାଣି ପାଖରେ । ଜୀବନ ଯେତେବେଳେ ପହଞ୍ଚି ଯାଏ ଉତ୍ତର ଫାଲଗୁନରେ, ସେତେବେଳେ ଯୋଉ ଅନୁଭବ ହୁଏ ଡହଡହ ନିଦାଘର, ତାହା ରୂପନେଇଛି କବି ସମରେନ୍ଦ୍ରଙ୍କ କବିତାରେ। ଡହଡହ ନିଦାଘର ଚହଚହ ବାସ୍ତବତା ହିଁ ତାଙ୍କ କବିତାର ବିଶେଷତ୍ୱ । 'ପ୍ରଥମ ଆତ୍ମହତ୍ୟାର ଦିନ' ଠାରୁ ଆରମ୍ଭ ହୋଇ 'ଶୀର୍ଷ ପତନ' 'ବଂଚିବା ଏତେ ସହଜ ନୁହେଁ', 'ଆଘାତ', 'ଅସହାୟ', 'ବିଡ଼ମ୍ବନା', 'ଛାୟାଦୃଶ୍ୟ', 'ଅର୍ଜିତ ପୁଣ୍ୟ କିଛି', 'ସଂସାର', 'ସାମୁଦ୍ରିକ', 'ବେଳେବେଳେ', 'ସ୍ୱପ୍ନ ଆସେ ଯାଏ', 'ଇସ୍ତାହାର', 'ସମୁଦ୍ର', 'ରାତି', 'ହୋରି', 'ଫେରନ୍ତା ବାଟରେ ବଂଧୁ', 'ଦାମ୍ପତ୍ୟ', 'କଥା', 'ଭିକ', 'ବାନପ୍ରସ୍ଥ', 'ଗଣତନ୍ତ୍ର', 'ଇତିହାସ କ୍ରାନ୍ତି', 'ଦାମ୍', 'ମଣିପୁର:୨୦୨୩', 'ଗରମଭାତ ଓ ଏଥୁଅନ୍ତେ' ଶୀର୍ଷକ କବିତାମାନଙ୍କର ଦୃଶ୍ୟମାନ କବିଙ୍କର ଗଭୀର ଅନୁଭବ । ବ୍ୟକ୍ତିଗତ ଅନୁଭବ ନଥିଲେ କବିଟିଏ ସାମୁଦ୍ରିକ ସ୍ୱର ପାଖରେ ପହଞ୍ଚି ପାରେନା । ବ୍ୟକ୍ତିଗତ ଅନୁଭବର ସାନ୍ଦ୍ରତା ହିଁ ତାକୁ ପହଂଚେଇ ଦେଇଥାଏ ସେଇ ଅନୁଭୂତିମାନଙ୍କ ପାଖରେ ଯୋଉଠି କବିତାଟି ପାଠକକୁ ଚହଲେଇ ଦିଏ, ଅନ୍ୟମନସ୍କ କରାଏ । ସେମିତି ଅନୁଭବ କବି ସମରେନ୍ଦ୍ରଙ୍କ 'ଉତ୍ତର ଫାଲଗୁନ' ପଢିଲା ପରେ। ଯୋଉଠି ମଣିଷ ଠିଆ ହୋଇଛି ଦୁଃଖର ପାହାଡ଼ ଉପରେ, ଯୋଉଠି ଚାଲଚି ଅବିଶ୍ରାନ୍ତ, ଯୋଉଠି ତାକୁ ପଛକୁ ଫେରି ଚାହିଁବାକୁ ମିଳି ନାହିଁ ଅବକାଶ, ଯୋଉଠି ପ୍ରଜାପତି ଆଉ ଇନ୍ଦ୍ରଧନୁ ତାକୁ ଆକର୍ଷି ନେଉଛନ୍ତି ଆଗକୁ, ଯୋଉଠି ଭାତହାଣ୍ଡିରେ ଫୁଟୁଚି କେବଳ ଭୋକ, ଯୋଉଠି ସ୍ୱପ୍ନ ଆସୁଛି ଫତେଇର ଖାଲି ପକେଟରେ, ଯୋଉଠି ଫୁଲ ଓ ବୋମା ଫୁଟି ପାରନ୍ତି ନିସର୍ଗରେ, ଯୋଉଠି ବୟସ ପିନ୍ଧିପାରେ ଗାମୁଛା ବାନପ୍ରସ୍ଥ ପାଇଁ, ଯୋଉଠି ମୁଠେ ଭାତ ଟିକେ ସ୍ୱପ୍ନ ବଦଳରେ ମିଳେ ଲୁହଭିଜା ସାରା ଜୀବନ, ଯୋଉଠି ନଖ ବିଦାରୁଥାଏ ପର୍ବତର ଛାତି, ଯୋଉଠି ଗଣତନ୍ତ୍ର କହେ ମୋତେ ମାରିଦିଅନା, ମୁଁ ତ ମରିଗଲିଣି ଅନେକ ଦିନରୁ ।

ଅନେକ ଜୀବନାଭୂତିର ନିଛକ ଇସ୍ତାହାର କବି ସମରେନ୍ଦ୍ର ନାଥଙ୍କ 'ଉତ୍ତର ଫାଲଗୁନ' । ଯାହା ଯାହା ତାଙ୍କର ଅନୁଭବ ତାହା ବେଶ୍ କାବ୍ୟିକ ଶୈଳୀରେ ରୂପ ନେଇଛି ତାଙ୍କ କବିତାମାନଙ୍କରେ । କୋଉଠି ବି ଉଚ୍ଚାରଣରେ ନାହିଁ କପଟତା, ନାହିଁ ଛଳନା । ସମରେନ୍ଦ୍ର ତାଙ୍କ କବିତାମାନଙ୍କରେ ପ୍ରମାଣ କରିଛନ୍ତି ଯେ କବିଟିଏ କେବେ କବିତା ଗଢେନାହିଁ ବରଂ ବୁଣିଦିଏ ତା ଭାବ, ଅଭାବ ଓ ଅନୁଭବର ଶବ୍ଦମଂଜି ଯାହା ପାଠକର ମନରେ ଦ୍ରୁମଟିଏ ତିଆରି କରିପାରେ ।

କବିତାମାନଙ୍କରେ କବି ଦୃଶ୍ୟମାନ ହୁଅନ୍ତି ସ୍ପଷ୍ଟ ।

"ଭାତହାଣ୍ଡିରେ ଫୁଟୁଛି ଭୋକ
ମୋର ସାରାଜୀବନ ଏମିତି ଦୁଃଖ
ସାଲୁବାଲୁ ପୋକ ପରି ସଂକ୍ରମିତ
ଯନ୍ତ୍ରଣା ରକ୍ତରେ;
ନିଆଁ ପାଣିର ଖେଳ ଇ ତ ସଂସାର
କୋଉ ଭରସା ଅଛି କାହାର ।
(ସଂସାର)
\+ \+ \+ \+ \+
ହେ ମୋର ପିଲାଦିନ
କଙ୍କି ଆଉ ପ୍ରଜାପତିର ମନ
ଇନ୍ଦ୍ରଧନୁର ସ୍ୱପ୍ନ !
ମୋତେ ଫେରେଇ ଦିଅ
ମୋର ସେଇ ଚପଳ
ତାରୁଣ୍ୟ । (ବେଳେବେଳେ)
\+ \+ \+ \+ \+
ଅନେକ ବର୍ଷ ପରେ
ମୁଁ ଚିହ୍ନୁଚି ନିଜକୁ
ନିଦ ଭର୍ତ୍ତି ଆଖିରେ ଖୋଜୁଚି ସ୍ୱପ୍ନକୁ
କେତେ ନିଃସ୍ୱ ମୁଁ
କେତେ ଛୋଟ
ଛୋଟିଆ ଘରଟି ଭିତରେ । (ବର୍ଷା)
\+ \+ \+ \+ \+
ହୋରି ଖେଳିବା ଆସ
ରକ୍ତରେ ନୁହେଁ ଆବେଗରେ
ସ୍ୱପ୍ନରେ ନୁହେଁ
ଭିଜା ଭିଜା ଜ୍ୟୋସ୍ନାରେ
ତମ ଦେହରେ ମୁଁ ଘୋଡ଼େଇ ଦେବି
ରଂଗର ଚାଦର । (ହୋରି)
\+ \+ \+ \+ \+

ମୋଟ ଉପରେ କହିବାକୁ ଗଲେ କବି ସମରେନ୍ଦ୍ର ନାଥ ମହାପାତ୍ର ଜଣେ ଅନୁଭବୀ କବି । ତାଙ୍କ ଲେଖନୀ ମାନବ ସଂବେଦୀ। ଯନ୍ତ୍ରଣା, ଦୁଃଖ, ପୀଡ଼ା ପାଇଁ ତାଙ୍କ ଶବ୍ଦ ମାନେ 'ଉତ୍ତର ଫାଲଗୁନ'ରେ ବେଶ୍ ମୁଖର । ସେ ଜୀବନକୁ ଯେମିତି ଭୋଗିଛନ୍ତି, ସମୟକୁ ଯେମିତି ପଢ଼ିଛନ୍ତି, ତାହାକୁ ପ୍ରାଞ୍ଜଳ ଉତ୍ତାରିଛନ୍ତି କବିତାମାନଙ୍କରେ । ସୁନ୍ଦର ପ୍ରଚ୍ଛଦ ଓ ସ୍ୱଚ୍ଛ ପରିପାଟୀ 'ଉତ୍ତର ଫାଲଗୁନ' କବିତା ସଂକଳନକୁ କରିଛି ଗାରିମାଦୀପ୍ତ । କାବ୍ୟିକ କୋମଳ ବୋଧଗମ୍ୟ ଭାଷା ସାଂଗକୁ ଶବ୍ଦର ଏକ ଚିତ୍ରଭୂମି ତିଆରି କରିବାରେ କବି ସମରେନ୍ଦ୍ରଙ୍କ ଲେଖନୀ କବିତା ଗୁଡ଼ିକୁ କରିଛି ଅଧିକ ବିଶ୍ୱସ୍ତ । 'ଉତ୍ତର ଫାଲଗୁନ' ସଂକଳନଟି ନିଶ୍ଚିତ ପାଠକ ପାଖରେ ଆଦରଲାଭ କରିବା ସହ ଏହା ଅଧିକ ଆଲୋଚନାର ଅପେକ୍ଷା ରଖେ ।



♥ ଆଲୋଚନା :
ସୈରିନ୍ଧ୍ରୀ ସାହୁ
ଦେବଶ୍ରୁତି ନିବାସ, ଜେଲରୋଡ
ବାଲେଶ୍ୱର-୧
(ମୋ) ୯୩୩୭୭୩୭୦୫୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

## ଚେତନାର ଦର୍ପଣ - ୩୭
# ସଫଳତାର ସ୍ୱାଦ



♥ ଲଳିତ ମୋହନ ମିଶ୍ର

ଯେଉଁ ବ୍ୟକ୍ତି ସର୍ବଦା ଚିନ୍ତନ ମନନ କରେ ; ସେହି ବ୍ୟକ୍ତି ଜୀବନରେ ସଫଳତାର ସ୍ୱାଦ ଚାଖିବାରେ । ଯିଏ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବା ପାଇଁ ଯୋଜନାବଦ୍ଧ ଭାବରେ କାର୍ଯ୍ୟ ଜାରି ରଖିଥାଏ, ସେ କିଛି ଉଲ୍ଲେଖନୀୟ କାର୍ଯ୍ୟ କରିବାରେ ସକ୍ଷମ ହୋଇଥାଏ । ଏ ବିଷୟରେ ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି, ଜଣେ ବୁଦ୍ଧିମାନ ବ୍ୟକ୍ତି ଜାଣିଥାଏ ବର୍ତ୍ତମାନ କେଉଁ ସମୟ ଚାଲିଛି । ସୁଖ ଦିନ ନା ଦୁଃଖର ଦିନ ? ଏହାକୁ ଆଧାର କରି ସେ କାର୍ଯ୍ୟ କରନ୍ତି । ଆମକୁ ଏହା ବି ଜାଣିବା ଦରକାର... ଆମର ପ୍ରକୃତ ବନ୍ଧୁ କିଏ ? କାରଣ ଅଧିକାଂଶ ପରିସ୍ଥିତିରେ ଶତ୍ରୁ ମାନେ ମଧ୍ୟ ବନ୍ଧୁ ବେଶରେ ଆସିଥାଆନ୍ତି । ଯାହାଠାରୁ ଦୂରେଇ ରହିବା ଉଚିତ୍ । ବ୍ୟକ୍ତି ଜଣଙ୍କ ଏହା ମଧ୍ୟ ଜାଣିବା ଦରକାର ? ସେ ରହୁଥିବା ସ୍ଥାନ କିପରି ? ସେଠାକାର ବାତାବରଣ କେମିତି ଅଛି ? ଏହା ବ୍ୟତୀତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି... ବ୍ୟକ୍ତି ନିଜର... ଆୟ ବ୍ୟୟର ବିଷୟରେ ସମ୍ପୂର୍ଣ୍ଣ ଅବଗତ ହେବା ଦରକାର । ବ୍ୟକ୍ତିର ଆୟ ଅନୁସାରେ ନିହାତି ବ୍ୟୟ ରହିବା ଉଚିତ୍ । ଚାଣକ୍ୟଙ୍କ କହିବା ଅନୁଯାୟୀ... ଜଣେ ବୁଦ୍ଧିମାନ ବ୍ୟକ୍ତି ଜାଣିବା ଉଚିତ୍ ଯେ, ସେ କେତେ ସକ୍ଷମ ଏବଂ କେତେ କୁଶଳତା ପୂର୍ବକ କାର୍ଯ୍ୟ କରିପାରିବ ? ଯେଉଁ କାର୍ଯ୍ୟରେ ଆମେ ମାହିର, ତାହା ଆମକୁ ସଫଳତା ଦେବ । ଭରଦ୍ୱାଜ ସଂସ୍କୃତ ଭାଷା ସାହିତ୍ୟର ଜଣେ ଭଲ ବିଦ୍ୱାନ ଥିଲେ । ସେ ଛାତ୍ର ଜୀବନରେ ସର୍ବୋପରି ବୁଦ୍ଧିହୀନ ଥିଲେ । ତାଙ୍କର ଗୁରୁମାନେ ନାନାଦି କଟୁବଚନ କହୁଥିଲେ । ମନଧ୍ୟାନ ଦେଇ ବିଦ୍ୟାର୍ଜନ ନକଲେ ସଫଳତା ଆସେ ନାହିଁ ବୋଲି ଗୁରୁମାନେ ତାଙ୍କୁ ସତର୍କ କରାଇ ଦେଉଥିଲେ । ତାଙ୍କର ସ୍ମରଣଶକ୍ତି ସେତେ ପ୍ରଖର ନଥିଲା । ଭରଦ୍ୱାଜ ଭାବୁଥିଲେ ବୋଧହୁଏ ତାଙ୍କ ଦ୍ୱାରା ବିଦ୍ୟାର୍ଜନ ସମ୍ଭବ ନୁହେଁ । ଏହା ଭାବି ସେ ମନଦୁଃଖରେ ସ୍ୱଗୃହ ପ୍ରତ୍ୟାବର୍ତ୍ତନ କରୁଥିଲେ । ବାଟରେ ରାତିରେ ଏକ ପାନ୍ଥଶାଳାରେ ରହିଲେ । ସେଠାରେ ସେ ଏକ ବିରଳ ଦୃଶ୍ୟ ଦେଖିଲେ । ତେଣା ଭାଙ୍ଗି ଯାଇଥିବା ଏକ ପତଙ୍ଗ କାନ୍ଥ ଉପରକୁ ଚଢିବାର ବାରମ୍ବାର ପ୍ରୟାସ କରି ତଳକୁ ଖସି ପଡୁଛି । ପ୍ରାୟ କୋଡିଏ ଥର ଅସଫଳ ହେବା ପରେ ସେ କାନ୍ଥ ଉପରକୁ ଚଢିବାରେ ସକ୍ଷମ ହୋଇଥିଲା , ଏ ଦୃଶ୍ୟ ଅତି ସାଧାରଣ ହେଲେ ବି ଭରଦ୍ୱାଜଙ୍କ ମନରେ ଏକ ଅପୂର୍ବ ନୂତନ ସାହସ ସଂଚାର କଲା । ସେ ପତଙ୍ଗଠାରୁ ବି ହୀନ ନୁହଁନ୍ତି ବୋଲି ଅନୁଭବ କଲେ । ତା' ପରେ ସେ ପାଠଶାଳାକୁ ଫେରିଯାଇ ପୁନର୍ବାର ପାଠ ପଢାରେ ମନ ଦେଲେ । ଏଥର ତାଙ୍କର ଅସଫଳତା ରୂପ ବଦଳି ଗଲା ସଫଳତାରେ । ସେ ଜଣେ ଖ୍ୟାତି ସମ୍ପନ୍ନ ବିଦ୍ୱାନ ଭାବେ ଯଶ କିର୍ତ୍ତୀ ଅର୍ଜନ କରିପାରିଥିଲେ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୭୬

## ସଂସ୍କାର ଓ ସାନ୍ଧ୍ୟ ଉପାସନା

ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ସରସ୍ୱତୀ

ଉତ୍ତମ ସଂସ୍କାର ସବୁବେଳେ ବ୍ୟକ୍ତିକୁ ସଫଳତା ଦେଇଥାଏ । ସଂସ୍କାରକୁ ବ୍ୟକ୍ତିର ମୂଳଦୁଆ କହିଲେ ବି ଅତ୍ୟୁକ୍ତି ହେବନାହିଁ । ସଂସ୍କାରରୁ ହିଁ ଆମର ସ୍ୱଭାବ ବିକଶିତ ହୋଇଥାଏ । ଆଉ ଏହା ଆମ ଦୈନନ୍ଦିନ ବ୍ୟବହାରରେ ପ୍ରତିଫଳିତ ହୋଇଥାଏ । ସଂସ୍କାର ହୀନ ସ୍ୱଭାବ ଓ ବ୍ୟବହାର ବ୍ୟକ୍ତିକୁ ପ୍ରକୃତ ସଫଳତା ଠାରୁ ଦୂରେଇ ରଖିଥାଏ । ଏହା କେବେ ବି ବ୍ୟକ୍ତିକୁ ପ୍ରକୃତ ଶାନ୍ତି ପ୍ରଦାନ କରିପାରେ ନାହିଁ । କେବଳ ଶିକ୍ଷାଗତ ଯୋଗ୍ୟତା ବଳରେ ଆମେ ସଫଳତା ପାଇପାରିବା ନାହିଁ । ଜୀବନରେ ଏପରି ଏକ ପର୍ଯ୍ୟାୟ ଆସେ ଯେଉଁଠାରେ ଶିକ୍ଷାଗତ ଯୋଗ୍ୟତା ଅପେକ୍ଷା ବ୍ୟକ୍ତିର ସଂସ୍କାରକୁ ଅଧିକ ମହତ୍ୱ ଦିଆଯାଏ । ଆଜିର ଯୁବପିଢ଼ୀ ସଂସ୍କାରକୁ ଅଧିକ ମହତ୍ୱ ଦେଉନାହାଁନ୍ତି କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ସଂସ୍କାରର ଆବଶ୍ୟକତା ସବୁଠାରୁ ଅଧିକ ରହିଛି । ଏହା ଆମ ଚରିତ୍ର ଗଠନରେ ସହାୟକ ହୋଇଥାଏ । ଉତ୍ତମ କର୍ମ ହିଁ ଉତ୍ତମ ସଂସ୍କାରର ଫଳ । କେବଳ ସେତିକି ନୁହେଁ ଉତ୍ତମ ଚରିତ୍ର ମଧ୍ୟ ଉତ୍ତମ ସଂସ୍କାରକୁ ଜନ୍ମ ଦେଇଥାଏ । ସବୁଧର୍ମରେ ସଂସ୍କାରକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ଆମ ହିନ୍ଦୁ ଧର୍ମରେ ଷୋଳ ପ୍ରକାରର ସଂସ୍କାର ବିଧି ରହିଛି । ଏହି ସଂସ୍କାର ବ୍ୟକ୍ତି ଚେତନାକୁ ସବୁବେଳେ ଅନ୍ତର୍ଗାମୀ କରାଇଥାଏ ଯାହାଦ୍ୱାରା ବ୍ୟକ୍ତି ନିଜ ଭିତରେ ରହିଥିବା ପରମାତ୍ମା ସତ୍ତାକୁ ଅନୁଭବ କରିପାରେ । ଆମ୍ଭ ମାନଙ୍କର ଦୈନନ୍ଦିନ ଆଧ୍ୟାତ୍ମିକ ଜୀବନଚର୍ଯ୍ୟା ଭିତରେ ଭଗବାନଙ୍କୁ ଆରାଧନା ଭିତରେ ସାନ୍ଧ୍ୟ ଉପାସନା ଅନ୍ୟତମ । ଏହାରି ଉପରେ ଆଜିର ଆଧ୍ୟାତ୍ମିକ କଥନିକା ଉପସ୍ଥାପନ କରୁଛୁ ।

ସାଂଧ୍ୟ ଉପାସନା ହେଉଛି ସନ୍ଧି ସମୟରେ ଭଗବତ୍ ଆରାଧନା । ଅର୍ଥାତ୍ ରାତ୍ରି ଓ ସକାଳର ମଧ୍ୟବର୍ତ୍ତୀ ସମୟ ଏବଂ ଦିବା ଓ ରାତ୍ରିର ମଧ୍ୟବର୍ତ୍ତୀ ସମୟରେ ଭଗବାନଙ୍କୁ ସ୍ମରଣ କରି ତାଙ୍କର ଉପାସନା କରିବା । ଏହି ସମୟରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରାଯିବା ସହ ଧ୍ୟାନ ଓ ଗାୟତ୍ରୀ ମନ୍ତ୍ର ପାଠ କରାଯାଏ । ମନୁଷ୍ୟର ପ୍ରତିଦିନର କାର୍ଯ୍ୟକୁ ମାର୍ଜିତ କରିବା ପାଇଁ ଏହା ହେଉଛି ଏକ ଉତ୍ତମ ମାଧ୍ୟମ । ସାଂଧ୍ୟ ଉପାସନା ସମୟରେ ବ୍ୟକ୍ତି ତାର ଦିନଚର୍ଯ୍ୟାରେ ରହିଥିବା ତ୍ରୁଟି ପାଇଁ ଭଗବାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଥାଏ । ସଠିକ୍ ସଂଧ୍ୟା ସମୟରେ ଭଗବାନ ଆରାଧନା କରିବା ଦ୍ୱାରା ମନରେ ସକାରାତ୍ମକ ଶକ୍ତି ଜାତ ହୋଇଥାଏ । ପ୍ରତିଦିନ ଏହି ସାଂଧ୍ୟ ଉପସନା କରିବା ଦ୍ୱାରା ବ୍ୟକ୍ତି ଜପ, ତପ ଓ ଧ୍ୟାନର ସୁଫଳ ଲାଭ କରିଥାଏ । ହିନ୍ଦୁ ଧର୍ମରେ ସାଂଧ୍ୟ ଉପାସନାକୁ ଏକ ନିତ୍ୟକର୍ମର ମାନ୍ୟତା ଦିଆଯାଇଛି । ଏହାକୁ ନିୟମିତ ଭାବେ ପାଳନ କରୁଥିବା ବ୍ୟକ୍ତି ତେଜୀୟାନ୍ ଓ ପୁଣ୍ୟବାନ ହେବା ସହ ଜୀବନରେ ସଫଳତା ହାସଲ କରିଥାଏ । କେବଳ ସେତିକି ନୁହେଁ ଏହା ବ୍ୟକ୍ତିର ମନ ଓ ଶରୀରକୁ ପବିତ୍ର କରିଥାଏ ।

♥ ପ୍ରତିଷ୍ଠାତା ଓ ଅଧ୍ୟକ୍ଷ, ସ୍ୱାମୀଚିଦାନନ୍ଦ ୱାର୍ଲ୍ଡ ପିସ ଫାଉଣ୍ଡେସନ, ନ୍ୟୁୟର୍କ, ୟୁଏସଏ
ମୋ:୯୪୩୯୪୯୬୪୯୦

## ମାଫିଆଙ୍କ ନାଗଫାଶ...

(ପୃଷ୍ଠା ୩ର ଅବଶିଷ୍ଟ) ସରକାରୀ ଅନୁମତି ଓ ଅନୁମୋଦନ ନଥାଇ ବେଆଇନ ଭାବେ ଚାଲିଛି ସାଇନ୍ସ ଓ ନର୍ସିଂ କଲେଜ । ସରକାରୀ ହସ୍ପିଟାଲରେ ଚାକିରିର ଗ୍ୟାରେଣ୍ଟି ଦେଇ ନିରିହ ଛାତ୍ରଛାତ୍ରୀଙ୍କଠାରୁ ପ୍ରତିବର୍ଷ ଆଦାୟ କରାଯାଉଛି ଲକ୍ଷଲକ୍ଷ ଟଙ୍କା । କଲେଜ ସ୍ଥାପନ ଲାଗି ଆବଶ୍ୟକ ଭିତ୍ତିଭୂମିର ଘୋର ଅଭାବ । ପରିବହନ ପାଇଁ ଯେଉଁ ବସ୍ ରହିଛି, ତାର ଫିଟନେସ ଓ ପରମିଟ୍ ନାହିଁ । ବିନା ଲାଇସେନ୍ସଧାରୀ ଚାଳକ ଚଳାଉଛନ୍ତି ଗାଡ଼ି । ଦରମାର ଦେବାରେ ଅଧ୍ୟାପକ କର୍ମଚାରୀଙ୍କୁ କରାଯାଉଛି ଶୋଷଣ । କାଗଜପତ୍ରରେ ସେମାନଙ୍କୁ ମାସିକ ଯେତିକି ଅର୍ଥ ଦିଆଯାଉଛି, ବାସ୍ତବରେ ତାର ଅଧା ବି ସେମାନଙ୍କୁ ମିଳୁନାହିଁ । ଶିକ୍ଷିତ ଅଧ୍ୟାପକ, ଅଧ୍ୟାପିକାଙ୍କ ଅବସ୍ଥା ସଙ୍ଗୀନ । ଶିକ୍ଷା ଆଳରେ ଚାଲିଛି ବ୍ୟବସାୟ । ମାଲିକ ହେଉଛନ୍ତି କୋଟିପତି, ମାଲାମାଲ । ସବୁ ରକମର କେଳେଙ୍କାରୀ ଚାଲିଛି ବେଫିକର । ସୂଚନା ଅଧିକାର ଆଇନ ବଳରେ ଆମେ ହାଟଡିହି ତହସିଲଦାରଙ୍କଠାରୁ କଲେଜ ସମ୍ପର୍କରେ କେତେକ ତଥ୍ୟ ମାଗିଥିଲୁ । ଆମକୁ ଲିଖିତ ଉତ୍ତର ମିଳିଲା- ଓରାଳିରେ ସରକାରୀ ଜମିରେ କୌଣସି କଲେଜ ନାହିଁ । ତେଣୁ, କଲେଜ ମାଲିକଙ୍କ ନାମ ତାଙ୍କୁ ଜଣାନାହିଁ । ଓଡ଼ିଆରେ ଢ଼ଗ

ଅଛି- ଆମେ ଫେରାଦ କରିବୁ ଯାହାକୁ, ତମେ ଗେରସ୍ତ କରିଛ ତା'କୁ । କଥାଟି ପ୍ରାୟ ସେୟା । ଆମେ କହିବା କାହାକୁ ? ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଏସବୁ ଘଟଣା ଜାଣିଛନ୍ତି କି ନା, ଆମେ ଜାଣୁନା । ବିଧାୟକଙ୍କ ପୈତୃକ ଘର ଓରାଳିଠାରୁ ମାତ୍ର ୪ କିଲୋମିଟର ଓ ଆତୁରିକୋଣାରୁ ବାର କିଲୋମିଟର ଦୂର । ଇଚ୍ଛା କଲେ, ସେ ଏହାର ସତ୍ୟାସତ୍ୟ ଜାଣି ପାରିବେ ।

ଏବେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ଅଛନ୍ତି- ମୋହନ ଚରଣ ମାଝୀ । କେନ୍ଦୁଝର ସଦର ବିଧାୟକ । ଆମ ଜିଲ୍ଲାର ଗର୍ବ ଓ ଗୌରବ । ରାଜସ୍ୱ ବିଭାଗ ରହିଛି ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ହାତରେ । କନକବର୍ଦ୍ଧନ ପାଟଣାଗଡ଼ ରାଜା । ଦୁହେଁ ଏକକୁ ଆରକ । ଜମି ମାଫିଆଙ୍କୁ ସାବାଡ଼ କରିବାକୁ ସେମାନେ ଦେଇଛନ୍ତି କଡ଼ା ଚେତାବନୀ । ସେମାନଙ୍କ ନିକଟରେ ଆମେ ଦୁଇଟି ଉଦାହରଣ ପେଶ୍ କଲୁ । ମାଫିଆଙ୍କ ବିରୋଧରେ କେବେ ଠୋସ୍ କଦମ୍ ନିଆଯିବ, ତାହା ଦେଖିବାକୁ କେବଳ ବାକି ରହିଲା । ଆଜି ଏତିକି । ଜୟ ଜଗନ୍ନାଥ ।

♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## ॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



### ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

(୩୭)
### ଆଧ୍ୟାପକ ଜୀବନ

ଦୀନକୃଷ୍ଣ ମହାବିଦ୍ୟାଳୟରେ ଅର୍ଥନୀତି ଅଧ୍ୟାପକ ପଦବୀ ତଥାପି ପୂରଣ ହୋଇନଥାଏ । ସଂକୋଚ ଲାଗୁଥିଲେବି ଦିନେ ମନରେ ସାହସବାନ୍ଧି କଲେଜକୁ ଗଲି । ଅଧକ୍ଷ ପ୍ର. ମୃତ୍ୟୁଞ୍ଜୟ ଭଞ୍ଜ ଓ ବିଭାଗୀୟ ମୁଖ୍ୟ ପ୍ର.ଚିତ୍ତରଞ୍ଜନ ସାହୁଙ୍କ ସହିତ ପରାମର୍ଶକରି ମୋର ନିଯୁକ୍ତି ନିମନ୍ତେ ପରିଚାଳନା ସମିତି ବା ଜି.ବି.କୁ ଦରଖାସ୍ତ କଲି ଅଧକ୍ଷଙ୍କ ମାଧ୍ୟମରେ । ସେ ସଂପାଦକଙ୍କ ସହିତ ପରାମର୍ଶକରି ମୋ ଦରଖାସ୍ତକୁ ଡି.ଏଚ.ଇଙ୍କ ସଦୟ ବିଚାର ପାଇଁ ପଠାଇଲେ ।

ପୁରୁଣା ଭଡା ଘର ମୁଁ ଛାଡି ନଥଲି । କିନ୍ତୁ, ସେଥିରେ ଆଉ ରହିବାକୁ ମନ ବଳିଲାନି । ତେଣୁ , ନୂଆ ଘର ସନ୍ଧାନରେ ରହିଲି । ଯଦିବା,୧୯୭୪ମସିହାରୁ ମୁଁ ଜଳେଶ୍ୱର ସହିତ ସଂପୃକ୍ତ ଥିଲି,ତଥାପି ଭଡାଘର ଖଣ୍ଡିଏ ପାଇବା ସହଜ ହେଲାନି । ଅନେକ ଚିହ୍ନା ପରିଚିତ ଲୋକଙ୍କୁ ଅନୁରୋଧବି କଲି । ଯାହେଉ, ଶେଷରେ ସଫଳ ହେଲି । ମୁଁ ରହୁଥିବା ଘରର ଠିକ୍ ସମ୍ମୁଖରେ ଜଳେଶ୍ୱର-ଦୀଘା ରାସ୍ତାର ଉତ୍ତରରେ ଥିବା ରାଧାଶ୍ୟାମ ଦାସଙ୍କର ଅନେକ ଗୁଡିଏ ଭଡାଘର ଭିତରୁ ଗୋଟିଏ ଘର ଖାଲି ହେବାରୁ, ସେଇଘରଟିକୁ ସେ ମୋତେ ଦେଲେ, ମାସକୁ ୩୦ଟଙ୍କା ଭଡା ହାରରେ ।

କଲେଜରେ ପିଲାମାନଙ୍କ ସହିତ ମୁଁ ସହଜରେ ମିଶିପାରୁଥିଲି । ସେମାନଙ୍କ ସୁବିଧା ଅସୁବିଧାବି ବୁଝୁଥିଲି । ଗରିବ ପିଲାମାନେ କିପରି କଲେଜ ଲାଇବ୍ରେରୀରୁ ବହି ପାଇପାରିବେ ଓ ସେମାନଙ୍କ ଦରମା କିପରି ଅଧା ଛାଡହେବ, ସେଦିଗରେ ଉଦ୍ୟମ ଜାରି ରଖୁଥିଲି । ଅନେକ ପିଲା ମୋ ବସାକୁ ଆସି ପାଠ ବୁଝି ଯାଉଥିଲେ ।

କଲେଜରେ ପିଲାସଂଖ୍ୟା ଦୁଇ ହଜାର ପାଖାପାଖି । +୨ର ପ୍ରଥମ ଓ ଦ୍ୱିତୀୟ ବର୍ଷରେ ସେକ୍ସନ କ ଓ ସେକ୍ସନ ଖ ନାମରେ ଦୁଇ + ଦୁଇ ମୋଟରେ ଚାରିଟି ଶ୍ରେଣୀ ଥଲା । ଅର୍ଥାତ୍ +ଦୁଇରେ ୫୧୨ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିଲେ(ପ୍ରାୟ ସମସ୍ତ ଛାତ୍ରଛାତ୍ରୀ ଅର୍ଥନୀତିକୁ ଅପ୍ସୋନାଲ ବିଷୟ ଭାବରେ ରଖୁଥିଲେ )। ପୁନଶ୍ଚ, ବି.ଏ.ଓ କମର୍ସ ଶ୍ରେଣୀମାନଙ୍କରେ ବି ଅର୍ଥନୀତି ପଢାଇବାକୁ ପଡୁଥିଲା । କିନ୍ତୁ , ପ୍ର.ଚିତ୍ତରଞ୍ଜନ ସାହୁ ଓ ମୁଁ ମାତ୍ର ଦୁଇଜଣ ଅଧ୍ୟାପକ । ଆମ ଉପରେ କାମର ଚାପ ଅନେକ ବେଶୀଥିଲା ।

ସେତେବେଳେ ଆମର ଦରମାଥିଲା ମାସକୁ ୨୬୦ଟଙ୍କା ( ମୂଳ୨୪୫+ମହଙ୍ଗା ଭତ୍ତା୧୫) । ସରକାର କେବଳ ୨୪୫ଟଙ୍କା ଦେଉଥିଲେ । ପରିଚାଳନା ସମିତି ବାକି ମହଙ୍ଗାଭତ୍ତା ବାବଦକୁ ୧୫ଟଙ୍କା ଦେବାକଥା, କିନ୍ତୁ ଦେଉ ନଥିଲେ । ତେଣୁ, ୨୪୫ଟଙ୍କାରେ ଆମକୁ ସନ୍ତୁଷ୍ଟ ହେବାକୁ ପଡୁଥିଲା । ସରକାରୀ ମହାବିଦ୍ୟାଳୟରେ କିନ୍ତୁ ଅଧ୍ୟାପକମାନେ ପାଉଥିଲେ ୨୬୦ଟଙ୍କା + ମହଙ୍ଗା ଭତ୍ତା ସରକାରୀ ହାରରେ । ଏତଦ୍ ବ୍ୟତୀତ, ସେମାନେ ଅନ୍ୟାନ୍ୟ ସୁବିଧା ସୁଯୋଗର ହକ୍‌ଦାର ଥିଲେ । ବେସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷାକର୍ମୀମାନେ ମଧ୍ୟ ସେଇ ଦୁରବସ୍ଥା ଭୋଗୁଥିଲେ ।

ଯାହେଉ, ସରକାରଙ୍କର ସେଇ ବୈମାତୃକ ମନୋଭାବର ପ୍ରତିବାଦ କଲା,'ବେସରକାରୀ ଶିକ୍ଷକ ମହାସଂଘ' । ସ୍ୱର ଉତ୍ତୋଳିତ ହେଲା'-ସମାନ କାମକୁ ସମାନ ଦରମା' । ନେତୃତ୍ୱ ନେଉଥିଲେ ପ୍ର. ଅବନୀ କୁମାର ବରାଳ, ସାଧାରଣ ସଂପାଦକ ଓ ବନମାଳୀ ବ୍ରହ୍ମଚାରୀ,ସଭାପତି ମହୋଦୟ । ଅନେକ ଆବେଦନ, ନିବେଦନ ପରେ କୌଣସି ସୁଫଳ ନ ମିଳିବାରୁ ଶେଷରେ ମହାସଂଘ, ସମୂହ ଛୁଟି,'କାମବନ୍ଦ'ଧର୍ମଘଟର ଡାକରାଦେଲା । ଦୀର୍ଘଦିନର ଅସନ୍ତୋଷ କେଉଁଠି କେଉଁଠି ଉଗ୍ର ରୂପବି ଧାରଣ କରୁଥାଏ । କେବେକେବେ ସରକାରଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହେଲେବି ସରକାରୀ ଅଫିସରମାନଙ୍କ କୂଟକପଟ ଯୋଗୁଁ ଚୁକ୍ତିନାମା କାର୍ଯ୍ୟକାରୀ ହେଉନଥାଏ । ପୁଣି, ଆନ୍ଦୋଳନ ଚାଲେ । ଶିକ୍ଷକ ଓ ଅଧ୍ୟାପକ ଏବଂ କର୍ମଚାରୀମାନେ ରାସ୍ତାକୁ ଉହ୍ଲାନ୍ତି । ଗିରଫ କରେ ପୋଲିସ । ମାଲି ମୋକଦ୍ଦମା ଚାଲେ । ଶିକ୍ଷାଦାନ ବାଧାପ୍ରାପ୍ତ ହୁଏ ।

ପରିଶେଷରେ ଶ୍ରୀମତୀ ନନ୍ଦିନୀ ଶତପଥିଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପୂର୍ବୋକ୍ତ ୧୫ଟଙ୍କାର ପାର୍ଥକ୍ୟ ଦୂରହେଲା । ଆର୍ଥାତ୍ ବେସରକାରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ବିଦ୍ୟାଳୟର ଶିକ୍ଷକ ତଥା କର୍ମଚାରୀମାନେ ସରକାରୀ ଅଧ୍ୟାପକ ,ଶିକ୍ଷକ ଏବଂ କର୍ମଚାରୀମାନଙ୍କ ସହିତ ସମାନ ଦରମା ପାଇଲେ । କିନ୍ତୁ ସେମାନେ ପାଉଥିବା ଅନ୍ୟାନ୍ୟ ସୁବିଧା ଆମକୁ ମିଳିଲାନି ।ସରକାର ଶିକ୍ଷକ ଓ ଅଧ୍ୟାପକ ତଥା କର୍ମଚାରୀମାନଙ୍କ ଉପରୁ ମୋକଦ୍ଦମା ପ୍ରତ୍ୟାହାର କଲେ ଓ କୌଣସି ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାର ପ୍ରତିଶ୍ରୁତି ଦେଲେ । ଆନ୍ଦୋଳନ ସମୟରେ କାର୍ଯ୍ୟରୁ ଅନୁପସ୍ଥିତିକୁ ସରକାର ବିଶେଷ ଛୁଟିଦିନ ବୋଲି ଘୋଷଣା କଲେ ।

ଶିକ୍ଷାନୁଷ୍ଠାବରେ ଶାନ୍ତିର ବାତାବରଣ ଫେରିଆସିଲା । ଆମେ ସଂପୂର୍ଣ୍ଣ ଭାବରେ ଶିକ୍ଷାଦାନରେ ଲାଗିପଡି ଆନ୍ଦୋଳନ ଯୋଗୁଁ ପଛେଇ ଯାଇଥିବା ପାଠ୍ୟଖସଡାକୁ ସମତୁଳ କରିଦେଲୁ । ପୁଣି, ଆନ୍ଦୋଳନ ହେଲା, ସରକାର ବେସରକାରୀ କଲେଜ ଓ ଉଚ୍ଚବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନଙ୍କୁ ସିଧାସଳଖ ଓ ସଂପୂର୍ଣ୍ଣ ଦରମା ଦିଅନ୍ତୁ । ବହୁ ଆନ୍ଦୋଳନ ପରେ ସରକାର ସେ ଦାବୀବି ମାନି ନେଲେ ।

ଏ ଆନ୍ଦୋଳନ ଓ ପରବର୍ତ୍ତୀ ଅନେକ ଶିକ୍ଷକ ଆନ୍ଦୋଳନର ସଫଳତା, ମୋ ମତରେ, ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନଙ୍କ ସକ୍ରୀୟ ସହଯୋଗ ଯୋଗୁଁ ସମ୍ଭବ ହୋଇ ପାରିଥିଲା । ବେସରକାରୀ କଲେଜର ଅଧ୍ୟାପକମାନଙ୍କ ସହଯୋଗ ଥଲା ଅଧିକ ବାଚନିକ, ଆତ୍ମିକ ନଥଲା ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ମନ୍ଦିର ସମ୍ପତ୍ତିର ସଦୁପଯୋଗକୁ ନେଇ ପ୍ରଶ୍ନ



ଗୋପାଳ ମହାପାତ୍ର

ଦେଶରେ ଥିବା ଅନେକ ମନ୍ଦିରର ଅକୁତ ସମ୍ପତ୍ତି ରହିଛି । ଏବାବଦରେ ଅନେକ ବାର ପ୍ରଶ୍ନ ଉଠୁଛି ଯେ ଏହି ଧନକୁ କ'ଣ ହିନ୍ଦୁମାନେ, ସମାଜ ଏବଂ ଦେଶର ବିକାଶ ପାଇଁ ସଦୁପଯୋଗ କରାଯିବ ? କ'ଣ ସରକାର ଦ୍ୱାରା ମନ୍ଦିର ଗୁଡିକର ଆୟକୁ ନିୟନ୍ତ୍ରଣ କରିବା ପାଇଁ ସମାଜ ଉପଯୋଗି ତଥା ଧର୍ମ ଉପଯୋଗି କାର୍ଯ୍ୟ କରିବେ ଅଥବା ମନ୍ଦିରକୁ ପୂର୍ବଭଳି ଛାଡିଦେବେ ? ପୁରୀର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାରରେ ଥିବା ସୁନାରୂପା ଓ ଅଳଙ୍କାର ସବୁ ବାବଦରେ ତଥ୍ୟ ମିଳିବା ପରେ ଏଭଳି ପ୍ରଶ୍ନ ଏବେ ଅନେକଙ୍କ ମନରେ ଜାଗି ଉଠିଛି । ଶ୍ରୀ ଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାର ୪୬ ବର୍ଷ ପରେ ଖୋଲାଯାଇଛି । ରତ୍ନଭଣ୍ଡାର ଖୋଲାହେବା ପରେ ପ୍ରଶ୍ନ ଛଠୁଛି ଯେ ମନ୍ଦିରର ଅପରିମିତ ଚଳନ୍ତି ଅଚଳନ୍ତି ସମ୍ପତ୍ତିର ନିରନ୍ତର ବିକାଶର ହିସାବ କିତାବ ରଖାଯିବାରେ କେତେ ପାରଦର୍ଶିତା ରହିଛି ଓ ଏହାର ରକ୍ଷଣାବେକ୍ଷଣ କେମିତି ହେବ ? କ'ଣ ସରକାର ଦେଶରେ ଥିବା ସବୁ ବଡ଼ ବଡ଼ ମନ୍ଦିରର ନିୟନ୍ତ୍ରଣ ହାତକୁ ନେବାକୁଚାହୁଁଛନ୍ତି ନା ମନ୍ଦିରର ପରିଚାଳନା କମିଟି ମନ୍ଦିର ଉପରୁ ତାର ନିୟନ୍ତ୍ରଣ ହଟାଇ ନେବେ ? ଯଦି ସରକାର ଦେଶରେ ଥିବା ୪ଲକ୍ଷରୁ ଅଧିକ ମନ୍ଦିରରୁ ଟିକସ ଅସୁଲ କରିବେ ତେବେ ଦେଶ ଏବଂ ସମାଜର ବିକାଶରେ ଅଥବା ହିନ୍ଦୁ ଧର୍ମ ପାଇଁ କଣ କରିବେ ? ହିନ୍ଦୁ ମନ୍ଦିର ମାନଙ୍କୁ ମିଳୁଥିବା ଚାନ୍ଦା (ଦକ୍ଷିଣା) ହିନ୍ଦୁ ଧର୍ମର ବିକାଶ ପାଇଁ କେମିତି ଏବଂ କେଉଁ ପ୍ରକାରରେ ଖର୍ଚ୍ଚ ହେଉଛି ? ହିନ୍ଦୁ ମନ୍ଦିରରୁ ଟିକସ ଅସୁଲ କରି ରାଜ୍ୟ ସରକାର ଅନ୍ୟ ଧର୍ମର ସହାୟତା କରୁଛନ୍ତି କାହିଁକି ? ସରକାର ହିନ୍ଦୁ ମନ୍ଦରରୁ କୋଟି କୋଟି ଟଙ୍କା ଆଦାୟ କରୁଥିଲେ ମଧ୍ୟ ମନ୍ଦିରର ଜୀର୍ଣ୍ଣୋଧାର ଅଥବା ମନ୍ଦିର ଅଞ୍ଚଳର ପାରିପାଶ୍ୱିର୍କ ବିକାଶ, କରିଡ଼େ୍ ?ାର ନିର୍ମାଣର ଶ୍ରେୟ ସରକାର ନେଉଛନ୍ତି କାହିଁକି ? ମନ୍ଦିରର ବିକାଶ, ଭକ୍ତଙ୍କ ସୁବିଧା ପାଇଁ ମନ୍ଦିର ଏବଂ ମନ୍ଦିରଟ୍ରଷ୍ଟକୁ ମିଳୁଥିବା ଦାନକୁ ଟ୍ରଷ୍ଟ ବ୍ୟୟ ନକରି ସରକାର ଉପରେ ଆଶ୍ରିତ ହେଉଛନ୍ତି କାହିଁକି ? ଅନେକ ମନ୍ଦିର ଅନେକ ପ୍ରକାରର ସାମାଜିକ କାର୍ଯ୍ୟ କରୁଛନ୍ତି କିନ୍ତୁ କ'ଣ ସେସବୁ ମିଳୁଥିବା ଦାନର ମୁକାବିଲାରେ କମ୍ ନୁହେଁକି ?

ମନ୍ଦିରକୁ ମିଳୁ ?ଥିବା ଅର୍ଥ, ସୁନା, ରୂପା ଏବଂ ରତ୍ନ ଆଭୁଷଣର ମୂଲ୍ୟ କେତେକ ଦେଶର ଅର୍ଥବ୍ୟବସ୍ଥା ଠାରୁ ମଧ୍ୟ ଅଧିକ ହୋଇଥିଲେ ମଧ୍ୟ ଭାରତୀୟ ଅର୍ଥବ୍ୟବସ୍ଥାରେ ଏହାର ଯୋଗଦାନ କ'ଣ ? କ'ଣ ଏହା ଧନ ଶୋଧନ, କଳାଧନକୁ ଆଇନଗତ ଭାବେ ଅର୍ଥରେ ପରିଣତ କରିବାର ଘରୋଇ ସଂସ୍ଥା ନା ଅର୍ଥ ହେରେଫେରେ କରିବା ଅଥବା ଅନ୍ୟ କିଛି ? ଦେଶର ୫ଟି ବଡ଼ ମନ୍ଦିର ପାଖରେ ୬୦ହଜାର କେଜିରୁ ଅଧିକ ସୁନା ଗଚ୍ଛିତ ରହିଛି । ନିଷ୍କ୍ରିୟ ହୋଇ ପଡିରହିଥିବା ଏହି ପୁଞ୍ଜି ସୁନାର ଆମଦାନୀ ଖର୍ଚ୍ଚ ଏବଂ ଦେଶର ଆ୍ଥିକ କ୍ଷତିକୁ ହ୍ରାସ କରିବାରେ ସହାୟକ ହୋଇ ପାରେ । କିନ୍ତୁ ସରକାରଙ୍କ ଗୋଲଡ୍ ମନେଟାଇଜେସନ ଯୋଜନା କାହିଁକି ମନ୍ଦିର ପାଇଁ ଲାଗୁ ହୋଇପାରୁନାହିଁ । ହିନ୍ଦୁ ଆସ୍ଥା ଦେଶରେ ୫ଲକ୍ଷ କୋଟିରୁ ଅଧିକର ଏକ ବୃହତ୍ ବଜାର ଠିଆ କରାଇ ପାରିଛି । ସ୍ପିରିଚୁଆଲ ଟେକ୍ ସେକ୍ଟର ଏବଂ ଏହି ଜାରରେ ଷ୍ଟାର୍ଟଆପ୍ସ ଅତି ବେଗରେ ବଢ଼ିବାରେ ଲାଗିଛି ଯାହା ଅନେକ ଧାର୍ମିକ ସ୍ଥଳରୁ ଆରମ୍ଭ ହୋଇ ଧର୍ମର ପ୍ରଚାର ପ୍ରସାର ନାମାରେ ମୋଟା ରକମର ଆୟ କରୁଛି । କ'ଣ ମନ୍ଦିରର ଏହି ଧନ ବର୍ତ୍ତମାନର ଏଇ ନବାଚାରର ପ୍ରଣେତାଙ୍କୁ ମିଳିବ ନା ସେମାନେ ଏଇ ଧର୍ମ ନାମରେ ଜମା ହେଉଥିବା ସମ୍ପତ୍ତି ଧର୍ମର ଫାଇଦା ପାଇଁ ନିଜେ ବ୍ୟୟ କରିବେ ?

ସରକାର ମନ୍ଦିର ମାନଙ୍କରେ ହେଉଥିବା ଆୟ ଏବଂ ରାଜନୈତିକ ଲାଭ ପ୍ରତି ସଚେତନ ଅଛନ୍ତି । ସରକାରଙ୍କ ଯୋଜନା ଅନୁସାରେ ୫୦ ହଜାରରୁ ଅଧିକ ବଡ ବଡ ଦେବସ୍ଥାନ ଥିଲେ ମଧ୍ୟ ଏହାର ସଂଖ୍ୟା ବୃଦ୍ଧି କରାଯିବ ଓ ଏହାକୁ ଧାର୍ମିକ ପର୍ଯ୍ୟଟନସ୍ଥଳ ଏବଂ ବଜାର ବ୍ୟବସ୍ଥା ଭଳି ଭବ୍ୟ କରାଯିବ । ଏସବୁର ସାଜସଜ୍ଜା, ଭକ୍ତଙ୍କ ପାଇଁ ସୁବିଧା ଏବଂ ଏହି ଦେବସ୍ଥାନ ପର୍ଯ୍ୟନ୍ତ ଭକ୍ତମାନେ କେମିତି ସହଜରେ ପହଞ୍ଚିପାରିବେ ସେ ନେଇ ବ୍ୟବସ୍ଥା କରାଯିବ ଫଳତଃ ଶ୍ରଦ୍ଧାଳୁ ଆକର୍ଷିତ ହେବେ ଓ ମନ୍ଦିରକୁ ଅଧିକ ଚାନ୍ଦା ମିଳିବ । ସର୍ବୋପରି ରାଜନୀତି ପାଇଁ ଅଧିକ ମତଦାତା ମଧ୍ୟ ମିଳିଯିବେ । ସାମାଜିକ ଅନୁସନ୍ଧାନ ସଂସ୍ଥାରୁ ସିଏସ୍‌ଡିଏସ୍ ଏ ପ୍ରସଙ୍ଗରେ ଏକ ସର୍ବେକ୍ଷଣ କରିଥିଲା । ଦୁଇ ବର୍ଷ ପୂର୍ବେ କରାଯାଇଥିବା ଏହି ସର୍ବେକ୍ଷଣର ତଥ୍ୟ ଅନୁସାରେ ୨୦୦୯ରେ ଧାର୍ମିକ ହିନ୍ଦୁଙ୍କର ବିଜେପି ପ୍ରତି ଆକର୍ଷଣ ବଢ଼ିଛି । ୨୦୧୯ରେ ହୋଇଥିବା ଲୋକସଭା ନିର୍ବାଚନରେ ମନ୍ଦିର ଯାଉଥିବା ୫୧ ପ୍ରତିଶତ ଲୋକ ବିଜେପିକୁ ଭୋଟ ଦେଇଥିଲେ । ଏହି ସଂଖ୍ୟା ବିଜେପି ବଢ଼ାଇବାକୁ ମଧ୍ୟ ଚାହୁଁଛି । କେନ୍ଦ୍ର ସରକାର ବିଗତ ୧୦ ବର୍ଷ ମଧ୍ୟରେ ଅନେକ ମନ୍ଦିରର ଜୀର୍ଣ୍ଣୋଧାର, ନିର୍ମାଣ, ପୁନଃନିର୍ମାଣ, ବିକାଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଉଜ୍ଜୟିନିର ମହାକାଳ ମନ୍ଦିର କେଦାରନାଥ ଓ ବାବା ବିଶ୍ୱନାଥ ମନ୍ଦିର ପାଇଁ ସାଢ଼େ ତିନି ହଜାର କୋଟିରୁ ଅଧିକ ଅର୍ଥ ବ୍ୟୟ କରାଯାଇ ପୁନରୁଦ୍ଧାର ଏବଂ କରି ଡୋର ନିର୍ମାଣ କାର୍ଯ୍ୟ କରାଯାଇଛି । ସୋମନାଥ ମନ୍ଦିରର କମ୍ପ୍ଲେକ୍ସର ସୌନ୍ଦର୍ଯ୍ୟ କରଣ ବ୍ୟତୀତ କାଶ୍ମିରର ସବୁ ମନ୍ଦିରର ପୁନଃ ନିର୍ମାଣ କରାଯାଇଛି । ଓଡ଼ିଶାର ତତ୍ ?କାଳୀନ ସରକାର ପୁରୀ ମନ୍ଦିରର ପାରିପାଶ୍ୱିର୍କ ବିକାଶ କରିବା ସହ ଲିଙ୍ଗରାଜ ମନ୍ଦିର ସମଲେଇ ମନ୍ଦିର ସମେତ ଅନେକ ମନ୍ଦିରର ବିକାଶ କରିବା ପାଇଁ ବ୍ୟାପକ ଅର୍ଥ ବ୍ୟୟ କରିଛନ୍ତି । ମନ୍ଦିରର ବିକାଶ କାରଣରୁ ମନ୍ଦିରର ଆୟ ବଢ଼ିବା ସହ ସରକାରଙ୍କ ଭାଇଁ ଭୋଟଦାତା ମଧ୍ୟ ବଢ଼ିବେ ।

ଆଯୋଧାରେ ରାମ ମନ୍ଦିର ପ୍ରତିଷ୍ଠା ପରେ ଦେଶରେ ମନ୍ଦିରକୁ ନେଇ ଏକ ଭିନ୍ନ ପରିବେଶ ସୃଷ୍ଟି ହୋଇଛି । କିନ୍ତୁ ୨୦୨୪ର ଲୋକସଭା ନିର୍ବାଚନରେ ବିଜେପି ଅଯୋଧ୍ୟା ଏବଂ ଚିତ୍ରକୁଟ ଭଳି ଧର୍ମସ୍ଥଳରୁ ହାରିଯାଇଛି । ଏଣୁ ବିଜେପି ଏସବୁ କ୍ଷେତ୍ରକୁ ନିଜେ ଅକ୍ତିଆର କରିବା ପାଇଁ ପ୍ରଧାନ୍ୟ ଦେବ ନିଶ୍ଚୟ । ମନ୍ଦିର ସବୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ହେବା ପାଇଁ ଅଭିଯାନ ଚାଲିଛି । ଏଭଳି ସ୍ଥିତିରେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ମନ୍ଦିରର ସମ୍ପତ୍ତି ଦେଶ ସମାଜ ଏବଂ ଧର୍ମ ହିତରେ ଉପଯୋଗ ହେବ କି ଓ ଏଥିରେ ସରକାରଙ୍କର ସକାରାତ୍ମକ ଭୂମିକା କେମିତି ହେବା ଉଚିତ୍ ? ? ଓଡିଶାରେ ଏବେ ବିଜେପିର ସରକାର ରହିଛି । କେନ୍ଦ୍ରରେ ମଧ୍ୟ ବିଜେପି ସମର୍ଥୀତ ଏନଡିଏ ମେଣ୍ଟର ସରକାର ଅଛି ।ଏବେ ପୁରୀ ଶ୍ରୀକ୍ଷେତ୍ରର ଜଗନ୍ନାଥ ମନ୍ଦିରର ସମ୍ପତ୍ତି ଯେଉଁଥିରେ ହୀରା ମୋତି ଏବଂ ଅନ୍ୟ ରତ୍ନ ଖଚିତ ୧୫୦ କେଜିରୁ ଅଧିକ ଅଳଙ୍କାର, ୨୬୦ କେଜି ରୂପା ଅଳଙ୍କାର ବାଦ୍ ତମାମ୍ ଅଚଳ ସମ୍ପତ୍ତି ରହିଛି ତାର ରକ୍ଷଣାବେକ୍ଷଣ ଦିଗରେ ସରକାରଙ୍କ ପଦକ୍ଷେପ କ'ଣ ହେବ ତାକୁ ନେଇ ଚର୍ଚ୍ଚା ଚାଲିଛି । ଦେଶର ୨୦ ରୁ ଅଧିକ ମନ୍ଦିରର ସମ୍ପତ୍ତି ଆକଳନ କରିବା କଷ୍ଟକର । ଏମିତି ଶତାଧିକ ମନ୍ଦିର ରହିଛି ଯେଉଁ ମନ୍ଦିର ମାନଙ୍କର ଅଚଳାଚଳ ସମ୍ପତ୍ତି ରହିଛି । ତିରୁପତି ବାଲାଜୀ ମନ୍ଦିର ହେଉ ବା ଶିରିଡ଼ିର ସାଇବାବା ମନ୍ଦିର ହେଉ, ସିଦ୍ଧିବିନାୟକ ମନ୍ଦିର ହେଉ ବା ବୈଷ୍ଣୋଦେବୀ ମନ୍ଦିର ଏସବୁ ମନ୍ଦିରର ହଜାର ହଜାର କୋଟି ଟଙ୍କାର ଚଳ ଅଚଳ ସମ୍ପତ୍ତି ରହିଛି ଏବଂ ସୁନା ରୂପା ମଧ୍ୟ ରହିଛି । ଏମିତି ନୁହେଁ ଯେ ଏସବୁ ମନ୍ଦିର ମାନେ ଆୟ ହେଉଥିବା ଅର୍ଥକୁ ସମାଜ ହିତ ପାଇଁ ଖର୍ଚ୍ଚ କରୁନାହାଁନ୍ତି । ସିଦ୍ଧି ବିନାୟକ ମନ୍ଦିର ଟ୍ରଷ୍ଟ ମହାରାଷ୍ଟ୍ରରେ ଆତ୍ମହତ୍ୟା କରିଥିବା କୃଷକଙ୍କ ସନ୍ତାନ ସନ୍ତତିଙ୍କୁ ସ୍ନାତକ ପର୍ଯ୍ୟନ୍ତ ପଢ଼ିବାରେ ସହାୟତା ଦେଉଛି । ସିଦ୍ଧି ବିନାୟକ ସ୍କଲାରସିପ୍ ଯୋଜନା ପାଇଁ ମନ୍ଦିର ଟ୍ରଷ୍ଟ ଏକ କୋଟି ବ୍ୟୟ କରିବ ବୋଲି ସ୍ଥିର କରିଛି । ଏହି ମନ୍ଦିରକୁ ଆସୁଥିବା ଭକ୍ତଙ୍କଠାରୁ ଦାନସୂତ୍ରରେ ବାର୍ଷିକ ୧୨୫ କୋଟି ଟଙ୍କାରୁ ଅଧିକ ମନ୍ଦିରକୁ ମିଳିଥାଏ । ଶିରିଡ଼ି ସାଇବାବା ସଂସ୍ଥା ଚିକିତ୍ସା, ଶିକ୍ଷା ଏବଂ ଅନ୍ୟ ସାମାଜିକ କାର୍ଯ୍ୟପାଇଁ ମନ୍ଦିରର ଆୟର ୫୦ ପ୍ରତିଶତ ବ୍ୟାୟ କରୁଛି ବୋଲି କୁହାଯାଉଛି । କିନ୍ତୁ ଅଧିକ ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଟ୍ରଷ୍ଟ ଦେଉଛି । ତିରୁପତି ବାଲାଜି ଟ୍ରଷ୍ଟ ପାଖରେ ଦୁଇଲକ୍ଷ କୋଟି ଟଙ୍କାରୁ ଅଧିକ ଟଙ୍କାର ସମ୍ପତ୍ତି ରହିଛି । କିନ୍ତୁ ମନ୍ଦିରର ଆୟର ଅଧିକ ଭାଗ ଭକ୍ତଙ୍କ ସୁବିଧା ଏବଂ କର୍ମଚାରୀଙ୍କ ବେତନ ବାବଦରେ ଖର୍ଚ୍ଚ ହୋଇଥାଏ ।

ସେହିପରି ବୈଷ୍ଣୋଦେବୀ, ଗୁରୁବାୟୁରର ଶ୍ରୀକୃଷ୍ଣ ମନ୍ଦିର ଭଳି କେତେକ ମନ୍ଦିର ଧର୍ମାର୍ଥ କାର୍ଯ୍ୟ ପାଇଁ ଆୟର କିଛି ଅଂଶ ବ୍ୟୟ କରୁଛନ୍ତି । କିନ୍ତୁ ଏହାର ପରିମାଣ ଆଖିଦୃଷ୍ଟିଆ ନୁହେଁ । କୌଣସି ମନ୍ଦିର ଧର୍ମ, କର୍ମକାଣ୍ଡର ଶାସ୍ତ୍ରୋକ୍ତ ଶିକ୍ଷା ଅଥବା ଧର୍ମର ବାସ୍ତବୀକ ମର୍ମକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କିଛି କରୁନାହାଁନ୍ତି । ମନ୍ଦିରର ହେଉଥିବା ଆୟର ଏକ ବଡ଼ ଭାଗ ଉପରେ ସରକାରଙ୍କ କବ୍ ?ଜା ରହିଛି । ଏପରିକି ପୁଜାରୀ ମଧ୍ୟ ହିନ୍ଦୁ ମନ୍ଦିର ଏବଂ ଏହାର ସମ୍ପତ୍ତିକୁ ନିୟନ୍ତ୍ରଣ କରିବା ପାଇଁ ୧୯୫୧ରେ ଏକ ନିୟମ ପ୍ରଣୟନ କରାଯାଇଥିଲା । ତଦନୁସାରେ ରାଜ୍ୟ ସରକାର ମନ୍ଦିରର ସମ୍ପତ୍ତିକୁ ଯେତେବେଳେ ଚାହିଁବେ ଯେ କୌଣସି ଭାବେ ବ୍ୟବହାର କରି ପାରିବେ । କର୍ଣ୍ଣାଟକର କଂଗ୍ରେସ ସରକାର ଏହାର ଏକ ଉଦାହରଣ । କର୍ଣ୍ଣାଟକ ସରକାର ହିନ୍ଦୁ ମନ୍ଦିର ମାନଙ୍କରୁ ପାଇଥିବା ୩୯୧ କୋଟି ଟଙ୍କାର ୮୦ ପ୍ରତିଶତ ଚର୍ଚ୍ଚ ପାଇଁ ଅନୁଦାନ ଓ ହଜ ଯାତ୍ରାରେ ସହାୟତା ପାଇଁ ବ୍ୟୟ କରିଛନ୍ତି । ହିନ୍ଦୁ ମାନଙ୍କର ଆୟ ହିନ୍ଦୁଙ୍କ ବିକାଶ ପାଇଁ ଏବଂ ହିନ୍ଦୁ ଧର୍ମର ବିକାଶ/ ପ୍ରଚାର ପାଇଁ ଉପଯୋଗ କରାଯିବା କଥା । ବିଜେପି ଦ୍ୱାରା ଅନେକ ମନ୍ଦିର ପାଇଁ କେନ୍ଦ୍ରୀୟ ବୋର୍ଡ ଗଠନ କରାଯିବାର ପ୍ରସ୍ତାବ ରହିଛି । ଏହାକୁ ମନ୍ଦିର ଉପରେ ଅପ୍ରତ୍ୟେକ୍ଷ ନିୟନ୍ତ୍ରଣ ବା କୌଣସି ସଂସ୍ଥା ହାତରେ ଟେକି ଦେବାର ଉଦ୍ୟମ ବୋଲି କୁହାଯାଇପାରେ । ସରକାର ଏପ୍ରସଙ୍ଗରେ ଲୋକଙ୍କ ମନରେ ଥିବା ବିଭ୍ରାନ୍ତକୁ ଦୂର କରିବା ପାଇଁ ଉଦ୍ୟମ କରିବା ଆବଶ୍ୟକ । ସରକାର ଏଭଳି କାର୍ଯ୍ୟ କରିବା ଆବଶ୍ୟକ ଯେ ଲୋକେ ଭାବିବେ ମନ୍ଦିର ସମ୍ପତ୍ତିର ଏବେ ସାର୍ଥକ ଉପଯୋଗ ହେବ ।

♥ ରାମଚନ୍ଦ୍ରପୁର, ରଣପୁର
ମୋ -୯୪୩୮୪୮୫୦୯୪

# ଉଦୟନାଥ ମହାପାତ୍ର ଉଚ୍ଚ ବିଦ୍ୟାନିକେତନ: ହିନ୍ଦୀ ଶିକ୍ଷକରେ ଚାଲିଛି ପାଠ ପଢ଼ା

## ୭ ଶିକ୍ଷକ ପଦବୀ ଫାଙ୍କା, ଅନ୍ଧାରରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ

ରୂପସା, ୧୦/୮ (ନି.ପ୍ର): ବସ୍ତା ବ୍ଲକ ରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ ବାରାପାଳ ସ୍ଥିତ ଉଦୟନାଥ ମହାପାତ୍ର ଉଚ୍ଚ ବିଦ୍ୟାନିକେତନ ହେଉଛି ଏହି ପଞ୍ଚାୟତର ଏକ ମାତ୍ର ହାଇ ସ୍କୁଲ । ଏହି ହାଇ ସ୍କୁଲଟି ୧୯୮୧ ମସିହାରେ ପ୍ରତିଷ୍ଠା ଲାଭ କରିଥିଲା । ରାଉତପଡା, ଗଡ଼ପଦା ଓ ଦୁଧହଂସା ପଞ୍ଚାୟତର ୩୦ଟି ଗାଁର ପିଲା ଏହା ଉପରେ ନିର୍ଭରଶୀଳ । ୪୨ ବର୍ଷର ଏହି ବିଦ୍ୟାଳୟକୁ ୫ଟି ଅନୁଦାନ ମିଳିଥିଲା । ନୂତନ ଶ୍ରେଣୀଗୃହ ନିର୍ମାଣ ଓ ପୁରୁଣା ଶ୍ରେଣୀଗୃହ ସବୁକୁ ମରାମତି ଓ ରଙ୍ଗ ଦେବା ପରେ ଏହି ସ୍କୁଲ ଏବେ ଉପରେ ଚକ ଚକ ସିନା, କିନ୍ତୁ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଅଭାବରୁ ଭିତରେ ଫମ୍ପା ସଦୃଶ ବୋଲି ଅବିଭାବକ ମହଲରୁ ଅଭିଯୋଗ ହୋଇଛି । ଚଳିତ ଶିକ୍ଷା ବର୍ଷରେ ଏହି ବିଦ୍ୟାଳୟରେ ନବମ ଶ୍ରେଣୀରେ ୮୮ ଓ ଦଶମ ଶ୍ରେଣୀରେ ୭୪ ମିଶି ମୋଟ ୧୬୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ସେଥିମଧ୍ୟରୁ ଅଧିକାଂଶ ଆଦିବାସୀ, ହରିଜନ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ପିଲା ଅଛନ୍ତି । କେବଳ ହିନ୍ଦୀ ଶିକ୍ଷକଙ୍କ ଦ୍ୱାରା ଏଠି ଚାଲିଛି ପାଠ ପଢ଼ା । ୭ ଜଣ ଶିକ୍ଷକଙ୍କ ଅବସର ପରେ ଦୀର୍ଘ ଦିନରୁ ୨ ଜଣ ବିଜ୍ଞାନ ଶିକ୍ଷକ, ୩ ଜଣ କଳା ବିଭାଗ ଶିକ୍ଷକ, ଜଣେ ସଂସ୍କୃତ ଶିକ୍ଷକ ଓ ଜଣେ କ୍ରୀଡ଼ା ଶିକ୍ଷକଙ୍କ ସମେତ ଜଣେ କିରାଣୀ, ୨ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଫାଙ୍କା ପଡ଼ିଛି । ଏ ସଂକ୍ରାନ୍ତରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପରିଚାଳନା କମିଟି ତରଫରୁ ମାନ୍ୟବର ରାଜ୍ୟପାଳ, ଜିଲାପାଳ, ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ହେଲେ ଶିକ୍ଷକ ଅଭାବରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସମ୍ପୂର୍ଣ୍ଣ ଅନ୍ଧାର ଭିତରେ ରହିଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗେଶ୍ୱର ମହାପାତ୍ର




ଏବଂ ପୂର୍ବତନ ସଭାପତି ଅକ୍ଷୟ ମହାପାତ୍ର କହନ୍ତି, ୭.୬.୧୯୯୪ ସୁଦ୍ଧା ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକୁ ସରକାରୀକରଣ କରାଯାଇଛି । ଆମ ବିଦ୍ୟାଳୟଟି ୧.୬.୧୯୯୪ ରେ ପୂର୍ଣ୍ଣ ଅନୁଦାନ ପାଇଥିବା ସ୍ଥଳେ ଅଦ୍ୟାବଧି ଏହା ସରକାରୀକରଣ ନ ହେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଅଟେ । ବିଭାଗୀୟ ଶିକ୍ଷକଙ୍କ ଅଭାବ ଯୋଗୁଁ କେବଳ ହିନ୍ଦୀ ବିଷୟ ବ୍ୟତୀତ ଓଡ଼ିଆ, ଇଂରାଜୀ, ସଂସ୍କୃତ, ଗଣିତ, ବିଜ୍ଞାନ, ଇତିହାସ, ଭୂଗୋଳ ଆଦି ବିଷୟରେ ପାଠ ପଢ଼ା ହୋଇପାରୁ ନ ଥିବାରୁ ବହୁତ ଅସୁବିଧା ସୃଷ୍ଟି ହେଉଛି । ସମସ୍ତ ଶିକ୍ଷକ ନିଯୁକ୍ତି ସହ ଉତ୍ତମ ପାଠ ପଢ଼ା ଦିଗରେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅବିଭାବକ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ସମ୍ମିଳନୀ

କେନ୍ଦ୍ରାପଡ଼ା, ୧୦/୮ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇଛାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ବିଣାପାଣି ଦାଶଙ୍କ ସଭାପତିତ୍ୱରେ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ସମ୍ମିଳନୀ(ପିଟିଏ)ର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶିବାଶିଷ ପତି, ଅନ୍ୟାନ୍ୟ ସଭ୍ୟ/ସଭ୍ୟା, ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଓ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ । ଏହି ବୈଠକରେ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ନିରାପ । ବ୍ୟବସ୍ଥା, ଆଇନ ସୁରକ୍ଷା ଓ ସାଇବର ସଚେତନତା, ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ, ୟୁଥ୍ ଓ ଇକୋ କ୍ଲବ୍ ଗଠନ, ଛାତ୍ରଛାତ୍ରୀମାନଙ୍କ ପାଠପଢା ଓ ପରୀକ୍ଷା ଆଦି ବିଷୟରେ ଆଲୋଚନା ହୋଇଥିଲା ।

# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

## ଓଡ଼ିଶାରେ ରେଳ ସଂଯୋଗୀକରଣ ...

୧୪ଟି ଜିଲ୍ଲାକୁ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇଛି । ଏହା ଦ୍ୱାରା ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କ ୯୦୦ କିଲୋମିଟର ବୃଦ୍ଧି ପାଇବ । ମନ୍ତ୍ରାଳୟର ସୂଚନା ଅନୁଯାୟୀ, ୬୪ଟି ନୂଆ ଷ୍ଟେସନ ନିର୍ମାଣ କରାଯିବ । ଏହା ଦ୍ୱାରା ୬ଟି ଆକାଂକ୍ଷୀ ଜିଲ୍ଲା- ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, ପୂର୍ବ ସିଂହଭୂମ, ଭଦାଦ୍ରି କୋଠାଗୁଡେମର ପାଖାପାଖି ୫୧୦ଟି ଗାଁ ଏବଂ ପ୍ରାୟ ୪୦ ଲକ୍ଷ ଜନସଂଖ୍ୟାକୁ ଯୋଗାଯୋଗ ବୃଦ୍ଧି ପାଇବ ।

## ଆତଙ୍କବାଦୀଙ୍କ ସହ ଲଢ଼େଇ...

ପ୍ରବଳ ଗୁଳି ବିନିମୟ ଆରମ୍ଭ ହୋଇଯାଇଥିଲା । ଏଥିରେ ୩ ଜଣ ଯବାନ ଓ ୨ ଜଣ ସାଧାରଣ ଲୋକ ଆହତ ହୋଇଥିଲେ । ସେମାନଙ୍କୁ ତୁରନ୍ତ ଏନକାଉଣ୍ଟର ସ୍ଥଳରୁ ଉଦ୍ଧାର କରି ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ସେମାନଙ୍କ ମଧ୍ୟରୁ ୨ ଜଣ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି । ଏବେ ହସ୍ପିଟାଲରେ ଜଣେ ସୁରକ୍ଷାକର୍ମୀ ଓ ୨ ଜଣ ସାଧାରଣ ଲୋକଙ୍କ ଚିକିତ୍ସା ଚାଲିଛି । ଏବେ ସେଠାରେ ଗୁଳି ବିନିମୟ ଜାରି ରହିଛି । ସ୍ପେଶାଲ ଫୋର୍ସ ଓ ପାରା ଟ୍ରୁପର୍ସ ଅପରେସନରେ ନିୟୋଜିତ ହୋଇଛନ୍ତି । ଜଙ୍ଗଲ ଭିତରେ କିଛି ବିଦେଶୀ ଆତଙ୍କବାଦୀ ଲୁଚି ରହିଥିବା କୁହାଯାଉଛି । ସେମାନଙ୍କୁ ନିପାତ କରିବା ପାଇଁ ପ୍ରୟାସ ଜାରି ରହିଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । କୋକେରନାଗରେ ଏହା ଦ୍ୱିତୀୟ ବଡ଼ ଏନକାଉଣ୍ଟର । ଗତବର୍ଷ ସେପ୍ଟେମ୍ବର ମାସରେ ଜଣେ କମାଣ୍ଡିଂ ଅଫିସର, ଜଣେ ମେଜର ଓ ପୁଲିସର ଜଣେ ଡେପୁଟି ଏସ୍‌ପି ଏଠାରେ ସହିଦ ହୋଇଥିଲେ ।

## ଦୁର୍ନୀତିଗ୍ରସ୍ତ ପୂର୍ତ୍ତ ବିଭାଗ...

୧୭ତାରିଖ ପର୍ଯ୍ୟନ୍ତ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ପୂର୍ତ୍ତ ବିଭାଗ ଆଜି ଶ୍ରୀ ରଥଙ୍କୁ ଚାକିରିରୁ ନିଲମ୍ବନ କରିବା ସହ ବିନା ଅନୁମତିରେ ସେ ଭୁବନେଶ୍ୱର ଛାଡ଼ିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଛି । ସେହିପରି କଳାହାଣ୍ଡି ଜିଲ୍ଲାର ଗୋଲମୁଣ୍ଡା ବ୍ଲକ ବିଡିଓ ଅକ୍ଷମିତା କାର୍ତ୍ତିକଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅଗଷ୍ଟ ୨ ତାରିଖରେ ଭିଜିଲାନ୍ସ ଗିରଫ କରିଥିଲା । ତାଙ୍କୁ ୧୪ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଓଡ଼ିଶା ପ୍ରଶାସନିକ ସେବା ରୁଲସ-୧୯୬୨ର ଧାରା ୧୨(୨) ର ପ୍ରାବଧାନ ଆଧାରରେ ପଂଚାୟତିରାଜ ବିଭାଗ ତାଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି । ନିଲମ୍ବନ ଅବଧିରେ ସେ କଳାହାଣ୍ଡି ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରଶାସନିକ ନିୟନ୍ତ୍ରଣରେ ରହିବେ ଓ ତାଙ୍କ ବିନା ଅନୁମତିରେ ସଦର ମହକୁମା ଛାଡ଼ିପାରିବେ ନାହିଁ । ଏହି ଦୁଇ ଅଧିକାରୀଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଗିରଫ କରିଛି ।

## ଭୂମିପୂଜନ ପାଇଁ ...

କୋରାପୁଟ ଜିଲ୍ଲାପାଳ ଓ ଏସ୍‌ପି ପ୍ରତିବାଦ କରୁଥିବା ଲୋକଙ୍କୁ ବୁଝାସୁଝା କରିଥିଲେ । ହେଲେ ସେମାନେ ବୁଝିବା ମୋଡ୍‌ରେ ନଥିଲେ । ନିଜ ଜିଦ୍‌ରେ ଅଟଳ ରହିଥିଲେ । ଲୋକଙ୍କ ଦାବି, ଆଗେ ପ୍ରଭାବିତ ଅଞ୍ଚଳର ସମସ୍ୟା ସମାଧାନ କରାଯାଉ । ଏ ସମ୍ପର୍କରେ ଆମ ସହ ଆଲୋଚନା କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଥିଲେ । ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ମନ୍ତ୍ରୀ ନାଲକୋ ଗେଷ୍ଟ ହାଉସକୁ ଫେରି ଆସିଥିଲେ । ତା'ପରେ ସେଠାରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ । ଏଥିରେ ନଲୋକ ସିଏମ୍‌ଡି ଓ ଅନ୍ୟ ଅଧିକାରୀମାନେ ଏବଂ ବିଭିନ ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇଥିଲେ । ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ପରେ ଭୂମି ପୂଜନ କରାଯିବ ବୋଲି ଜଣାପଡ଼ିଛି ।

## ଓଡ଼ିଶାକୁ ମିଳିଲା ୬ଟି ନୂଆ...

ଏହି ପ୍ରକଳ୍ପର ମୂଲ୍ୟ ୨୪,୬୫୭ କୋଟି ରହିଛି, ଯେଉଁଥିରେ ଓଡିଶାର ଗୁଣୁପୁର-ଥିରୁବାଲି ୭୩ କିଲୋମିଟର, ଜୁନାଗଡ-ନବରଙ୍ଗପୁର ୧୧୬ କି.ମି,ବାଦାମପାହାଡ-କେନ୍ଦୁଝରଗଡ ୮୨.୬ କିଲୋମିଟର, ବାଙ୍ଗିରିପୋଷୀ-ଗୋରୁ ମୋହିଷାଣି ୮୫.୬୦ କି.ମି, ମାଲକାନଗିରି-ଭଦ୍ରାଚଲମ ୧୭୩.୬୧ କି.ମି ଆଦି ନୂଆ ରେଳ ଲାଇନ୍ ହେବ ବୋଲି ଜଣାପଡ଼ିଛି । ୨୦୩୦-୨୦୩୧ ସୁଦ୍ଧା ଶେଷ ହେବାକୁ ଥିବା ଏହି ନୂତନ ଲାଇନ୍ ପ୍ରକଳ୍ପଗୁଡ଼ିକ ନିର୍ମାଣ କାଳରେ ପ୍ରାୟ ୩ କୋଟି ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ । ଓଡ଼ିଶା, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ବିହାର, ତେଲେଙ୍ଗାନା ଏବଂ ପଶ୍ଚିମବଙ୍ଗ ଭଳି ୭ଟି ରାଜ୍ୟର ୧୪ଟି ଜିଲ୍ଲାକୁ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇଛି । ଏହା ଦ୍ୱାରା ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କ ୯୦୦ କିଲୋମିଟର ବୃଦ୍ଧି ପାଇବ । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ୬୪ଟି ନୂଆ ଷ୍ଟେସନ ନିର୍ମାଣ କରାଯିବ । ଏହା ଦ୍ୱାରା ୬ଟି ଆକାଂକ୍ଷୀ ଜିଲ୍ଲା- ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, ପୂର୍ବ ସିଂହଭୂମ, ଭଦାଦ୍ରି କୋଠାଗୁଡେମର ପାଖାପାଖି ୫୧୦ଟି ଗାଁ ଏବଂ ପ୍ରାୟ ୪୦ ଲକ୍ଷ ଜନସଂଖ୍ୟାକୁ ଯୋଗାଯୋଗ ବୃଦ୍ଧି ପାଇବ ।

# ଇଫକୋ କର୍ମଚାରୀ ସଂଘ ନିର୍ବାଚନ

## ପ୍ରଶାନ୍ତ କୁମାର ସ୍ୱାଇଁ : ସଭାପତି
## ତୃପ୍ତି ରଞ୍ଜନ ପୁହାଣ : ସାଧାରଣ ସମ୍ପାଦକ



ପାରାଦୀପ, ୧୦/୮ (ନି.ପ୍ର): ଇଫକୋ କର୍ମଚାରୀ ସଂଘ ନିର୍ବାଚନ ୨୦୨୪-୨୭ ଶୃଙ୍ଖଳାର ସହିତ ଶେଷ ହୋଇଛି ।ଏହା ପ୍ରତି ତିନିବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥାଏ ।ଏଥିରେ ସଭାପତି ଭାବେ ପ୍ରଶାନ୍ତ କୁମାର ସ୍ୱାଇଁ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ତୃପ୍ତି ରଞ୍ଜନ ପୁହାଣ, କାର୍ଯ୍ୟକାରୀ ସଭାପତି ଭାବେ ସୁରେନ୍ଦ୍ର ବେିଠ, ଉପସଭାପତି ଭାବେ ସ୍ମୃତି ରଞ୍ଜନ ଜେନା, ଯୁଗ୍ମ ସମ୍ପାଦକ ଭାବେ କାଳି ଚରଣ ପାଢ଼ୀ, ସଙ୍ଗଠନ ସମ୍ପାଦକ ଭାବେ ପ୍ରବୀର କୁମାର ପ୍ରଧାନ, ପ୍ରଚାର ଓ ପ୍ରସାର ସମ୍ପାଦକ ଭାବେ ପ୍ରଦୀପ୍ତ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ଭାବେ ବ୍ରହ୍ମାନନ୍ଦ ଦାସ ପ୍ରମୁଖ ନିର୍ବାଚିତ ହୋଇଛନ୍ତି ।ସେହିପରି ବିଭିନ୍ନ ବିଭାଗର ପ୍ରତିନିଧି ଭାବେ ରତନ କୁମାର ମାଇତି, ଉମେଶ ଚନ୍ଦ୍ର ସେଠୀ, ସୁକାନ୍ତ ସ୍ୱାଇଁ, ଦୀପକ କମାର ବୋଇତି, ଅସିତ କୁମାର ବିଶ୍ୱାଳ, ନରେନ୍ଦ୍ର ସିଂହ, କରୁଣାକର ସାହୁ, ଧିରେନ କୁମାର ସାହୁ, ସିରିଶ ଚନ୍ଦ୍ର ମିଶ୍ର, ରାଜକୁମାର ପ୍ରସାଦ ଓ ସୁଧାଂଶୁ ପଟ୍ଟନାୟକ ପ୍ରମୁଖ ନିର୍ବାଚିତ ହୋଇଥିବା ନେଇ ଇଫକୋ ପାରାଦୀପ ୟୁନିଟ ର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି । ନବ ନିର୍ବାଚିତ ଇଫକୋ କର୍ମଚାରୀ ସଂଘର କର୍ମକର୍ତ୍ତାମାନଙ୍କୁ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ.ଜେ.ପଟେଲ ଅଭିନନ୍ଦନ ଜଣାଇବା ସହିତ ଇଫକୋର ଉନ୍ନତିରେ ସେମାନଙ୍କ ସହଯୋଗ କାମନା କରିଛନ୍ତି ।

# ବିଧାୟକଙ୍କ ଦ୍ୱାରା ଏସ୍ଏମ ମେଡିକାଲ ଷ୍ଟୋର ଉଦ୍‌ଘାଟିତ

ବାସୁଦେବପୁର, ୧୦/୮ (ନି.ପ୍ର): ବାସୁଦେବପୁର ସହରରେ ସିନେମା ହଲ୍ ଛକ ବନ ଦୁର୍ଗା ଜୁଏଲାର୍ସ ନିକଟରେ ନୂତନ ଭାବେ ଏସ ଏମ ମେଡିକାଲ ଷ୍ଟୋର ଉଦଘାଟିତ ହୋଇ ଯାଇଛି । ଏହି ଉଦଘାଟନ ଉତ୍ସବରେ ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ମେଡିକାଲ ଷ୍ଟୋର କୁ ଉଦଘାଟନ କରିଥିଲେ । ଡାକ୍ତର ଅଜୟ କୃଷ୍ଣ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓ ରୋଗୀ ମାନଙ୍କୁ ଠିକ୍ ଭାବେ ଉପଯୁକ୍ତ ସେବା ମିଳିବ ବୋଲି ପ୍ରକାଶ କରିଥିଲେ । ଏହି ମେଡିକାଲ ଷ୍ଟୋରକୁ ଓଡିଶାର ବରିଷ୍ଠ ଡାକ୍ତର ଅଜୟ କୃଷ୍ଣ ସାମଲ ଆସୁଛନ୍ତି ଓ ଡାଇ ବେଟିସ୍, ଥାଇ ରୟେଡ, ପାରାଲିଶିସ, ଆଣ୍ଠୁ ଗଣ୍ଠି ବଥା, ଅର୍ଶ ପ୍ରଭୃତି ରୋଗ ଭଲ କରୁଛନ୍ତି । ଏହି ଉଦଘାଟନ ଉତ୍ସବରେ ମେଡିକାଲ ଷ୍ଟୋରର ନିର୍ଦ୍ଦେଶକ ସ୍ୱରାଜ ଉଦିନ ଖାନ, ଶେଖ୍ ମୁସ୍ତାଫା, ଶେଖ୍ ହାଇଦର , ମେଡିସିନ ରିପ୍ରେଜେଣ୍ଟେଟିଭ ରାଜେନ୍ଦ୍ର ପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଅନେକ ରୋଗୀ ମାନଙ୍କୁ ଏଠାରେ ସୁଲଭ ମୂଲ୍ୟରେ ଚିକିତ୍ସା ଦିଆ ଯାଉଛି ବୋଲି ନିର୍ଦ୍ଦେଶକ ସୂଚନା ପ୍ରଦାନ କରିଥିଲେ ।



# ଲାଠୋର ପଂଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫-ଟି କାମ ନିମ୍ନମାନର

ବଲାଙ୍ଗିର, ୧୦/୮ (ନି.ପ୍ର): ରାଜ୍ୟ ସରକାର ୫-ଟି ଅଧୀନରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବିଦ୍ୟାଳୟ ମାନଙ୍କର ରୂପାନ୍ତରଣ କାମ କରୁଛନ୍ତି । ଗୁଣାତ୍ମକ ମାନର ଶିକ୍ଷା ପାଇଁ ଏହି ସ୍ମାର୍ଟ ସ୍କୁଲ ମାନଙ୍କରେ ଅତ୍ୟାଧୁନିକ ଶ୍ରେଣୀ କୋଠରୀ ନିର୍ମାଣ କରାଯାଇଥିବା ବେଳେ ସ୍କୁଲର କଳାପଟା ଠାରୁ ଆରମ୍ଭ କରି ସାଇନ୍ସ ଲ୍ୟାବ, କମ୍ପ୍ୟୁଟର ଲ୍ୟାବ, ଅତ୍ୟାଧୁନିକ ପାଠାଗାର ସହ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି । କିନ୍ତୁ ଏହି ବିଦ୍ୟାଳୟ ଗୁଡିକର ରୂପାନ୍ତରିତ କାର୍ଯ୍ୟରେ କିଛି ଅସାଧୁ ଠିକାଦାର ଓ ବିଭାଗର କିଛି ଲାଂଚୁଆ ଯନ୍ତ୍ରୀ ମାନଙ୍କ ପାଇଁ ବିଦ୍ୟାଳୟର କୋଠା ଗୁଡିକ ଅତି ନିମ୍ନମାନର ନିର୍ମାଣ ହୋଇଥିବା ବେଳେ କେଉଁଠି କାମ ସରିବାର ୬ ମାସ ନପୂରୁଣୁ କୋଠା ଗୁଡିକର ଛାତରୁ ପାଣି ଝରିଲାଣି ତ, ଆଉ କେଉଁଠି କୋଠା ଗୁଡିକର କାନ୍ଥ ସାମାନ୍ୟ ବର୍ଷା ହେଲେ ପାଣି ପଶି ଖରାପ ହେବାକୁ ବସିଲାଣି । ଏମିତି ଏକ ୫-ଟି ଅଧୀନରେ ନିର୍ମାଣ କରାଯାଇଥିବା ବା ରୂପାନ୍ତରିତ କରାଯାଇଥିବା ସ୍ମାର୍ଟ ବିଦ୍ୟାଳୟ ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲାର ଉପାନ୍ତ ଅଂଚଳ ଖପ୍ରାଖୋଲ ବ୍ଲକ ଲାଠୋର ପଂଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ । ୧୯୯୭ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ଦ୍ୱାଦଶ କଳା ଓ ବାଣିଜ୍ୟରେ ସମୁଦାୟ ୫୧୨ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ପୂର୍ବ ସରକାର ବିଦ୍ୟାଳୟକୁ ୫-ଟି ଯୋଜନାରେ ସାମିଲ କରି ବିଦ୍ୟାଳୟର ରୁପାନ୍ତରିଣ କାମ ପାଇଁ ୨୫ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ । ସେହି କ୍ରମରେ ଗତ ୨୦୨୩ ମସିହାରେ ସ୍ମାର୍ଟ କ୍ଲାସ ରୁମ୍, ଇ-ଲାଇବ୍ରେରୀ ଏବଂ ଛାତ୍ରୀ ପ୍ରତିକ୍ଷାଳୟରେ ଶୌଚାଳୟ ନିର୍ମାଣ କାମ ଆରମ୍ଭ କରାଗଲା କିନ୍ତୁ ଗତ ଅକ୍ଟୋବର ମାସରୁ କାର୍ଯ୍ୟ ବନ୍ଦ ଥିବା ଜଣାପଡିଛି । ଏହି ବିଦ୍ୟାଳୟର ନିର୍ମାଣ କାମ ବ୍ଲକରେ କାର୍ଯ୍ୟରତ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ବେଳେ କାମଟିକୁ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀ ଠିକାଦାର ଭାବେ କାର୍ଯ୍ୟ କରିଥିବା ଆଲୋଚନା ହେଉଛି । ଆଶ୍ଚର୍ଯ୍ୟର କଥା ଜଣେ ସରକାରୀ କର୍ମଚାରୀ ଠିକାଦାର ସାଜିଥିବା ସମସ୍ତେ ଜାଣି ମଧ କେହି କୌଣସି ପଦକ୍ଷେପ ନେଉ ନ ଥିବା ଅଂଚଳରେ ପ୍ରଶାସନକୁ ହାସ୍ୟାସ୍ପଦ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ବର୍ତ୍ତମାନ ବିଦ୍ୟାଳୟର କାର୍ଯ୍ୟ ଶେଷ ହୋଇନଥିବା ବେଳେ ଚଳିତ ବର୍ଷାମାସ ବିଦ୍ୟାଳୟ ଛାତରେ ପାଣି ଜମି ରହିବା ସହ ବିଦ୍ୟାଳୟର କାନ୍ଥ ଗୁଡିକରୁ ପାଣି ବାହାରୁଛି । ଏହାସହ ଛାତ କାମଟି ଏତେ ନିମ୍ନମାନର ହୋଇଛି ଯେ, ଛାତରେ ହାତ ମାରିଦେଲେ ସିମେଂଟ ଗୋଡି ବଦଳରେ କେବଳ ବାଲି ହିଁ ବାହାରୁଛି । ଯାହାପାଇଁ ଏହି ବିଦ୍ୟାଳୟର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପଟେ ଏହି ବିଦ୍ୟାଳୟ ନିର୍ମାଣ କାର୍ଯ୍ୟରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ଉପସ୍ଥିତିରେ ବ୍ୟାପକ ଦୁର୍ନୀତି ହୋଇଥିବା ଓ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟଟି ଅତି ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦାଙ୍କ ସହ ଅଭିଭାବକମାନେ । ଏହି ନିମ୍ନମାନର କାର୍ଯ୍ୟ ପାଇଁ ଦାୟିତ୍ୱରେ ଥିବା ସମ୍ପୃକ୍ତ ଯନ୍ତ୍ରୀ ଓ ଯନ୍ତ୍ରୀଙ୍କ ସହ ମିଶି ନିମ୍ନମାନର କାର୍ଯ୍ୟ କରିଥିବା ସମ୍ପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ କର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଲାଠୋର ଗାଁର ଜନସାଧାରଣ ଓ ବୁଦ୍ଧିଜିବୀ ମାନେ ।

# କାଳ ସାଜିଛି ମୁକୁଳା ଡ୍ରେନ: କେବେ ସୁଧୁରିବ ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା, ସନ୍ତୁଳି ହେଉଛନ୍ତି ଜନସାଧାରଣ

ବଡସାହି, ୧୦/୮ (ନି.ପ୍ର): ବଡସାହି ବଜାରରେ ଥିବା ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ଠାକ୍ ନ ଥିଲା । ଗତ ୨ବର୍ଷ ପୂର୍ବେ ପୂର୍ତ୍ତ ବିଭାଗର ରାସ୍ତା ସମ୍ପ୍ରସାରଣ ସମୟରେ ବଜାରରେ ନିର୍ମାଣ ହୋଇଛି ଏକ ପାଖିଆ । ଏହି ଡ୍ରେନ କେବଳ ପଶ୍ଚିମରୁ ପୂର୍ବକୁ ଲମ୍ବି ଥିବା ବେଳେ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଇ ନ ଥିବାରୁ ପାଣି ଓ ବାର୍ଜ୍ୟବସ୍ତୁ ଠିକ୍ ଭାବେ ନିଷ୍କାସିତ ହେଉ ନାହିଁ । ସେହିପରି ବଜାରର ଉତର ଦିଗକୁ ଅସମ୍ପୂର୍ଣ୍ଣ ଡ୍ରେନ ଥିବା ବେଳେ ଦକ୍ଷିଣ ଦିଗକୁ ଡ୍ରେନ ନିର୍ମାଣ ଅଦ୍ୟାବଧି ହୋଇ ପାରୁ ନାହିଁ । ଉତର ଦିଗରେ ଥିବା ଏହି ଅସମ୍ପୂର୍ଣ୍ଣ ଡ୍ରେନର ଜଳ ନିଷ୍କାସନ ବ୍ୟବସ୍ଥା ମଧ୍ୟ ଠିକ୍ ଭାବେ କରାଯାଇ ନାହିଁ । ଯାହା ଫଳରେ ବିଶେଷ କରି ବର୍ଷା ଦିନେ ଲୋକ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତତ୍କାଳୀନ ସମୟରେ ଡ୍ରେନ ନିର୍ମାଣ କରିଥିବା ଠିକାଦାର ବଜାରରେ ଥିବା ଦୋକାନ ଗୁଡିକ ସମ୍ମୁଖରେ ଡ୍ରେନ ଉପରେ ସ୍ଲାପ ପକାଇବାକୁ ପ୍ରତିଶୃତି ଦେଇଥିଲେ ହେଁ ତାହା କରି ନାହାନ୍ତି । ପ୍ରିୟାପ୍ରିତୀ ତୋଷଣ କରି



କେବଳ କେତୋଟି ଦୋକାନ ସମ୍ମୁଖରେ ଯାଇଥିବା ଡ୍ରେନ ଉପରେ ସ୍ଲାପ ପକାଇଥିବାର ଦେଖାଯାଇଛି । ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି । ଏ ସମ୍ପର୍କରେ ଲୋକମାନେ ଅଭିଯୋଗ କରିଥିଲେ ହେଁ ଠିକାଦାର ଓ ବିଭାଗୀୟ ଅଧିକାରୀ କେହି କିଛି ଶୁଣି ନ ଥିବାର ଜଣାଯାଇଛି । ଗତ କିଛି ଦିନ ତଳେ ବରିଷ୍ଠ ନାଗରିକ ତଥା ଜଣେ ଶିକ୍ଷାବିତ ରଣଜିତ କୁମାର ଦାସ ଏହି ସ୍ଲାପ ପଡି ନ ଥିବା ଡ୍ରେନ ପାର ହୋଇ ଏକ ଦୋକାନକୁ ଯାଉ ଥିବା ସମୟରେ ପଡି ଗୁରୁତର ଆହତ ହୋଇଥିବାର ସେ ପ୍ରକାଶ କରିଛନ୍ତି । ସମ୍ପୃକ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବଜାର ଉପରେ ଡ୍ରେନ ଉପରେ ସ୍ଲାପ ପକାଇବାକୁ ସେ ଦାବୀ କରିଛନ୍ତି । ଏହି ଡ୍ରେନ୍ ନିର୍ମାଣ ସମୟରେ ଯନ୍ତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟ ନ କରିବାରୁ ଠିକାଦାର ମାନେ ଠିକ୍ ଭାବେ ଲେବୁଲ ଧରି କାର୍ଯ୍ୟ କରି ନ ଥିବାରୁ ପାଣି ନିଷ୍କାସନରେ ଏହା ବାଧକ ସାଜୁଛି । ସେହିପରି କେତେକ ସ୍ଥାନରେ ଏହା ଭାଙ୍ଗରୁଜି ନଷ୍ଟ ହେବାକୁ ବସିଥିବା ବେଳେ ଅଧିକାଂଶ ସ୍ଥାନରେ ପୋତି ହୋଇଯାଇଥିବାର ଦେଖାଯାଇଛି । ନିର୍ମାଣ ପାଖରୁ ଏହି ଡ୍ରେନ ସଫା ହୋଇ ନ ଥିବାରୁ ଏପରି ସମସ୍ୟା ଉପୁଜିଥିବର ଜଣାଯାଇଛି । ଡ୍ରେନ୍‌ର ତଳଭାଗରେ ଥିବା ପକ୍କା ଢଳେଇ ନଷ୍ଟ ହୋଇଯାଇ ତାହା ମାଟିରେ ପୋତି ହୋଇଗଲାଣି । ଫଳରେ ସାମାନ୍ୟ ବର୍ଷାରେ ପାଣି ଉଛୁଳି ଲୋକଙ୍କ ଘର ଓ ଦୋକାନ ମଧ୍ୟକୁ ପ୍ରବେଶ କରୁଛି । ଡ୍ରେନ୍‌ରେ ଅଳିଆ ଅବର୍ଜନା ଭାସି ଆସି ପରିବେଶକୁ ଦୁର୍ଗନ୍ଧମୟ କରୁଛି । ସାମାନ୍ୟ ବର୍ଷାରେ ଆର.ଆଇ ଅଫିସ ସମ୍ମୁଖ ଓ ତହସିଲ କାର୍ଯ୍ୟାଳୟ ଶେଷରେ ରାସ୍ତା ଉପରେ ପାଣି ଢେଉ ମାରୁଛି । ହାଟ ରାସ୍ତାରେ ପାଣି ଢେଉ ମାରୁଥିବା ରାସ୍ତା ଉପରେ ଚିପ୍ସ ଓ କ୍ରସର ଗୁଣ୍ଡ ପକାଇ ପେଚ ମରାଯାଇଛି । ସେହିପରି ତହସିଲ ଅଫିସ ପଚେରୀ କଡରେ ଥିବା ଛୋଟ ଡ୍ରେନରେ ପାଣି ନିଷ୍କାସନ ହୋଇ ନ ପାରି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ପାଣି ନିଷ୍କାସନ ହୋଇ ନ ପାରି ଜମି ରହୁଥିବାରୁ ମଶା, ମାଛି, ପୋକ ଜନ୍ମ ନେବା ସହିତ ବର୍ଷାଋତୁ ପାଇଁ ସଂକ୍ରମଣ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି । ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ଏଥିପ୍ରତି କୌଣସି ପଦକ୍ଷେପ ନେଉ ନ ଥିବାରୁ ଜନସାଧାରଣ ତଥା ବଜାର ଦୋକାନୀମାନଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ବିଭାଗୀର ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହନ୍ତି, ପ୍ରସ୍ତାବ ମଧ୍ୟରେ ରହିଛି । ଟଙ୍କା ଆସିଲେ ଓ ପ୍ରସ୍ତାବ ଅନୁମୋଦନ ହେଲେ କାମ ହେବ ।

# ଶିକ୍ଷକ ଓ ଅଭିଭାବକ ବୈଠକ

ଜୟପୁର, ୧୦/୮ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ଶିକ୍ଷକ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ପ୍ରକାଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ବିଶ୍ୱରଂଜନ ଗୌଡ଼ ଛାତ୍ର ଛାତ୍ରୀ ମାନଙ୍କର ଉତରୋତର ଉନ୍ନତି କାମନା ପାଇଁ ସମସ୍ତେ ପ୍ରୟାସ କରନ୍ତୁ ବୋଲି ମତ ପ୍ରକାଶ କରିଥିଲେ । ଶିକ୍ଷୟତ୍ରୀ ପ୍ରଭାତୀ ପାଣିଗ୍ରାହୀ ଛାତ୍ରଛାତ୍ରୀଙ୍କୁ ଅନୁଶାସନରେ କିପରି ରଖାଯିବ ସେ ବିଷୟରେ ମତ ରଖିଥିଲେ । ଶିକ୍ଷୟତ୍ରୀ କଲ୍ୟାଣୀ ନାୟକ ପିଲାମାନଙ୍କର ଗୃହକାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଶିକ୍ଷୟତ୍ରୀ ରଶ୍ମିତା ନାହାକ ଅଭିଭାବକମାନେ କିଛି ସମୟ ଛାତ୍ରଛାତ୍ରୀଙ୍କୁ ଦିଅନ୍ତୁ ବୋଲି କହିଥିଲେ । ଶିକ୍ଷୟତ୍ରୀ ବନିତା ଶତପଥୀ, ସୁଚରିତା ପଟ୍ଟନାୟକ ଛାତ୍ର ଛାତ୍ରୀଙ୍କୁ କିପରି ସଠିକ୍ ମାର୍ଗଦର୍ଶନ ଦିଆଯିବ ଜଣାଇଥିଲେ ଏହା ସହ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ରଛାତ୍ରୀଙ୍କ ହିତସାଧନରେ ମତ ରଖିଥିଲେ ଓ ଅଭିଭାବକମାନେ ମଧ ନିଜର ମତ ରଖିଥିଲେ । ଏହା ସହିତ ଅନ୍ତିମରେ ପ୍ରଧାନ ଶିକ୍ଷକ ସ୍ମାର୍ଟ କ୍ଲାସ୍ ରୁମ, ସ୍ମାର୍ଟ ବୋର୍ଡ, ଛାତ୍ରୀମାନଙ୍କର ସ୍ୱଚ୍ଛ ଟଏଲେଟ୍ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ମତ ରଖିଥିଲେ ।

# ଜିଲ୍ଲାସ୍ତରୀୟ ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗୀତା

ଭବାନୀପାଟଣା, ୧୦ ଅଗଷ୍ଟ (ହି.ସ.)- ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟଳୟ ପରିସରରେ ଥିବା ମିଶନ ଶକ୍ତି ସଭାଗୃହ ଠାରେ ଏକ ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରତିଯୋଗିତାରେ ଭବାନୀପାଟଣା ସହରାଚଂଳରୁ ୩୭ ଜଣ ଶିଶୁ ଯୋଗ ଦେଇଥିଲେ । ଛଅ ମାସରୁ ଏକ ବର୍ଷ ଓ ଏକବର୍ଷରୁ ତିନି ବର୍ଷ ଶିଶୁ ମାନଙ୍କୁ ପୃଥକ ପୃଥକ ଭାବେ ସାମିଲ କରି ସେମାନଙ୍କ ପୁଷ୍ଟି ସ୍ଥିତି, ନିୟମିତ ଟୀକାକରଣ, ସଠିକ ସମୟରେ ଅନୁପୂରକ ଖାଦ୍ୟାରମ୍ଭ ସହିତ ଶିଶୁ ମାନଙ୍କ ସକ୍ରିୟତାକୁ ଆକଳନ କରାଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡକ୍ଟର ବିଜୟ କୁମାର କମ୍ପୋ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମୁଜିବୁନ୍ ନିଶା, ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଦ୍ରୌପଦୀ କହଁର, ମାତୃଶ୍ରୀ ମହିଳା ମଣ୍ଡଳର ନିର୍ଦ୍ଦେଶିକା ସୁଶ୍ରୀ ଶୁଭଲକ୍ଷ୍ମୀ ନାୟକ, ଆଇସିଡିଏସ ପ୍ରୋଗ୍ରାମ ଅଫିସର ଶ୍ରୀମତୀ ନମିତାରାଣୀ ପଲ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ରୀଯୁକ୍ତ ବିଶ୍ୱନାଥ ଦାଶ, ପୋଷଣ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟରତ ଜିଲ୍ଲା ସଂଯୋଜକ ଅଜୟ ବିହାର, ବାଲ୍ୟ ବିବାହ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ଥିବା ଜିଲ୍ଲା ପରାମର୍ଶଦାତା ଦିବ୍ୟରଞ୍ଜନ ଯୋଷି, ଭବାନୀପାଟଣା ସହରାଚଂଳର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ଅଞ୍ଜଳି ପ୍ରଧାନ, ମହିଳା ପରିଦର୍ଶିକା ଶ୍ରୀମତୀ ସନ୍ଧ୍ୟାରଣୀ ନାଏକ ଓ ଅଙ୍ଗନୱାଡି କର୍ମୀ ମାନେ ଉପସ୍ଥିତ ଥିଲେ । ପ୍ରତିଯୋଗୀତାରେ ଉଭୟ ବର୍ଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଚୟନ ହୋଇଥିବା ଶିଶୁ ମାନଙ୍କୁ ଆସନ୍ତା ଜିଲ୍ଲା ସ୍ୱାଧୀନତା ଦିବସ ଉତ୍ସବ ପାଳନ ଅବସରରେ ପୁରସ୍କୃତ କରାଯିବ ।

ରବିବାର, ୧୧ ଅଗଷ୍ଟ , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଆସିଲା ୩୦୦ ଆଳୁ ଟ୍ରକ୍: ହେଲେ ଖୁଚୁରା ବଜାରରେ କମୁନି

ଭୁବନେଶ୍ୱର, ୧୦/୮ (ନି.ପ୍ର): ରାଜ୍ୟରେ ୪୦ ଟଙ୍କା ତଳକୁ ଖସିଲା ଆଳୁ ଦର। କାରଣ ରାଜ୍ୟର ବିଭିନ୍ନ ଗୋଦାମରେ ପହଞ୍ଚିଛି ୩୦୦ ଟ୍ରକ ଆଳୁ। ପଶ୍ଚିମବଙ୍ଗରୁ ୨୭୦ଟି ଆଳୁ ଗାଡ଼ି ଆସିଥିବା ବେଳେ ଉତ୍ତରପ୍ରଦେଶରୁ ୩୦ ଟ୍ରକ୍ ଆସିଛି। ପାଇକାରୀ ବ୍ୟବସାୟୀଙ୍କ କହିବା କଥା, ଏବେ ମଧ୍ୟ ରାଜ୍ୟ ସୀମାରେ ପଶ୍ଚିମବଙ୍ଗ ପୁଲିସ ଆଳୁ ଗାଡ଼ିକୁ ଓଡ଼ିଶାକୁ ପଶିବାକୁ ଅନୁମତି ଦେଉନି। ଏଣୁ ବାଧହୋଇ ପାଇକାରୀ ବ୍ୟବସାୟୀ ଅଧିକ ଗାଡ଼ି ଭଡ଼ା ଦେଇ ଝାଡ଼ଖଣ୍ଡ ରାସ୍ତାରେ ରାଜ୍ୟକୁ ଆଳୁ ବୋଝେଇ ଟ୍ରକ୍ ଆଣୁଛନ୍ତି। ରାଜ୍ୟକୁ ଏକକାଳୀନ ଏତେ ସଂଖ୍ୟକ ଆଳୁ ଗାଡ଼ି ଆସିଥିବାରୁ ପାଇକାରୀ ବଜାରରେ ଦର ଏବେ କିଲୋ ପିଛା ୩୦ ଟଙ୍କା ରହିଛି। ଯଦିଓ ପାଇକାରୀ ଦର କିଲୋ ପିଛା ୫ ଟଙ୍କା ପର୍ଯ୍ୟନ୍ତ ଖସିଛି, ଆଳୁର ଖୁଚୁରା ଦର କିନ୍ତୁ ଖସୁନି। ଏବେ ମଧ ଖୁଚୁରା ବଜାରରେ କେଉଁଠି କେଉଁଠି ଆଳୁ କିଲୋ ୪୦ ଟଙ୍କା ଉପରେ ବିକ୍ରି ହେଉଛି। ଏହାକୁ ଦୃଷ୍ଟିରେ ରଖି ଯୋଗାଣ ବିଭାଗ ପକ୍ଷରୁ ଭୁବନେଶ୍ୱର ଏକ ନମ୍ବର ହାଟରେ ଚଢ଼ଉ କରାଯାଇ କିଲୋ ପିଛା ୩୫ରୁ ୩୮ ଟଙ୍କାରେ ବିକିବାକୁ ତାଗିଦ କରାଯାଇଛି। ଅନ୍ୟପଟେ ବଜାର ଦରରେ ସ୍ଥିରତା ଆଣିବାକୁ ସରକାର ନିଜେ ଆଳୁ ବେପାରକୁ ଓହ୍ଲାଇଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶରୁ ଆଳୁ କିଣାଯାଇ ଖୁଚୁରା ବିକ୍ରୟ କେନ୍ଦ୍ର ଜରିଆରେ ବିକ୍ରି ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଭୁବନେଶ୍ୱରରେ ଥିବା ୯୯ଟି ଖୁଚୁରା ବିକ୍ରୟ କେନ୍ଦ୍ର ଜରିଆରେ ଖାଉଟିଙ୍କୁ ଶସ୍ତାରେ ଆଳୁ ଯୋଗାଣ ଆରମ୍ଭ ହୋଇଛି। ଏସବୁ ଖୁଚୁରା ବିକ୍ରୟ କେନ୍ଦ୍ରରୁ ଲୋକମାନେ ୧୦୦ ଟଙ୍କାରେ ୩ କିଲୋ ଆଳୁ ପାଇପାରିବେ। ଯେ ପର୍ଯ୍ୟନ୍ତ ବଜାର ଦରରେ ସ୍ଥିରତା ନ ଆସିଛି, ସେ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଶସ୍ତାରେ ଆଳୁ ଯୋଗାଣ ଜାରି ରହିବ ବୋଲି କୁହାଯାଇଛି। ଅନ୍ୟପଟେ ଆଳୁର ଚଢ଼ା ଦର ଦେଖି ଷ୍ଟ୍ରିଟ୍ ଫୁଡ୍ ଭେଣ୍ଡର ଦହିବରା ଆଳୁଦମ, ଦୋସା ଆଦିରୁ ଆଳୁ ପରିମାଣ କମାଇ ଦେଲେଣି। ସେମାନଙ୍କ କହିବା କଥା, ଖାଦ୍ୟ ଦାମ ବଢ଼େଇଲେ ଗ୍ରାହକ ଗ୍ରହଣ କରୁନାହାନ୍ତି। ତେଣୁ ବାଧ୍ୟ ହୋଇ ଖାଦ୍ୟ ସାମଗ୍ରୀରେ ଆଳୁ ପରିମାଣକୁ କମ କରିବାକୁ ପଡୁଛି।



ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପାଇଁ ବାହାବଳପୁର ମେରାଇନ ଥାନା ସମୁଦ୍ର ମୁହାଣରେ ଚାଲିଛି କଡାକଡି ଚେକିଂ

# ସାତ ଶିଶୁ ଶ୍ରମିକ ଉଦ୍ଧାର: କାର୍ଯ୍ୟାନୁଷ୍ଠାନ ଶୂନ




ବାଲିଆପାଳ/ଲଙ୍ଗଳେଶ୍ୱର, ୧୦/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଓ ସିମୁଳି ସିମୁଳିଆ ବଜାରରୁ ଶୁକ୍ରବାର ପୂର୍ବାହ୍ନରେ ୭ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା।ଜିଲ୍ଲା ଶ୍ରମ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ସ୍ୱେଚ୍ଛାସେବୀ ସଂଗଠନ ବସ୍ତି ଏରିଆ ଡେଭଲପମେଣ୍ଟ କାଉନସିଲ ବାଲେଶ୍ୱର ଓ ବାଲିଆପାଳ ପୋଲିସ ମିଳିତ ଭାବରେ ଚଢାଉ କରି ସିମୁଳିଆ ରାଜାରାଣୀ ଛକ କୁନି ମୋଟର୍ସର ମାଲିକ ପଞ୍ଚନ ସାହୁଙ୍କ ଗ୍ୟାରେଜରୁ ୨ ଜଣ, ବାଲିଆପାଳ କମର୍ଦ୍ଦା ମୁଖ୍ୟ ରାସ୍ତା ର ସନ୍ତୋଷୀମା ମନ୍ଦିର ପାଖରେ ଥିବା ଦୁଇ ଚକିଆ ଓ ଚାରି ଚକିଆ ଗାଡି ସର୍ଭିସିଂ ସେଣ୍ଟରରୁ ଜଣେ ଏବଂ ଉକ୍ତ ଦୋକାନ ପାର୍ଶ୍ୱରେ ଥିବା ଏକଓଲଡିଂ ଦୋକାନରୁ ଜଣେ ଶିଶୁ । ଶ୍ରମିକ ଉଦ୍ଧାର ହୋଇଥିବା ବେଳେ ବେଳେ ସିମୁଳିଆ ମାଛ ମାର୍କେଟରେ ଥିବା ବାବୁ ଚିକେନ ସେଣ୍ଟର ରୁ ୩ ଜଣକୁ ମିଶାଇ ମୋଟ ୭ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇଥିଲା । ଏହି ଚଢାଉରେ ଜିଲ୍ଲା ସହ ଶ୍ରମ ଅଧିକାରୀ ଦେବାଶିଷ ଜେନା, ବାଲିଆପାଳ ବ୍ଲକ ଶ୍ରମ ଅଧିକାରୀ କୁମାର ବାସୁଦେବ ପଣ୍ଡା, ଶିଶୁ ଶ୍ରମିକ ଟାସ୍କ ଫୋର୍ସ କମିଟିର ରାଜ୍ୟ ଆବାହକ ଗୋପାଳ କୃଷ୍ଣ କର, ରାଜଶ୍ରୀ ବେହେରା ମନୁସ୍ମିତା ନାୟକଙ୍କ ସହିତ ବାଲିଆପାଳ ଥାନା ଏ ଏସ ଆଇ ଲିଲି ନାୟକ ସାମିଲ ଥିଲେ। ତେବେ ଶିଶୁମାନଙ୍କ ସୁରକ୍ଷା ରକ୍ଷା ଓ ଯତ୍ନ ପାଇଁ ଏତେ ଗୁଡ଼ିଏ ବିଭାଗ ଥିବା ସତ୍ତ୍ୱେ ଗୋଟିଏ ପିଲା କାହିଁକି ଶ୍ରମିକ ଭାବେ କାର୍ଯ୍ୟ କରୁଛି ଏହାର ତର୍ଜମା ହେବା ଆବଶ୍ୟକ କି ? । ପୂର୍ବରୁ ଏମିତି ବହୁବାର ଶିଶୁ ଶ୍ରମିକ ଉଦ୍ଧାର କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କିନ୍ତୁ କିଛି ସୁଫଳ ମିଳିନାହିଁ। ବରଂ ସେହି ପିଲା ପୁଣି ଶ୍ରମିକ ଭାବେ ନଜରକୁ ଆସିଛି।ଶହ ଶିଶୁ ଶ୍ରମିକ ଦୋକାନ ଠାରୁ ଆରମ୍ଭ କରି ଗାଁ ଗହଳିରେ କାମ କରୁଥିବା ବେଳେ ୭ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ବିଭାଗ ନିଜର ଦାୟିତ୍ୱ ସାରି ଦେଇଛି ନାଁ ଏଥି ପ୍ରତି ଦୃଷ୍ଟି ଦେଇ ଶିଶୁ ମାନଙ୍କୁ ଶ୍ରମିକ ଭାବରେ ଖଟାଉଥିବା ମାଲିକ ମାନଙ୍କ ପ୍ରତି କଡ଼ା ଅଭିମୁଖ୍ୟ ଗ୍ରହଣ କରୁଛନ୍ତି ତାହା ଆଗାମୀ ଦିନରେ ହିଁ ଜଣା ପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ଟଙ୍କା ଆତ୍ମସାତ କରି ୟୁନିୟନ ବ୍ୟାଙ୍କ ଏଜେଂଟ ଗିରଫ

ଗଂଜାମ, ୧୦/୮ (ନି.ପ୍ର): ଜମାକାରୀଙ୍କ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ଆସିକା ଥାନା ପୁଲିସ ଲଛମନ ପଲ୍ଲୀ ଗ୍ରାମର ବାହାନ ପ୍ରଧାନକୁ ଗିରଫ କରି କୋର୍ଟ ଚାଲାଣ କରିଛି । କିଛି ଦିନ ପୂର୍ବରୁ ସେ ଜାନବିଲି ଗ୍ରାମର ବାଳକୃଷ୍ଣ ପଣ୍ଡାଙ୍କ ଠାରୁ ବ୍ୟାଙ୍କରେ ଜମା କରିବା ପାଇଁ ୮ ଲକ୍ଷ ୯୦ ହଜାର ଟଙ୍କା ନେଇ ବ୍ୟାଙ୍କରେ ଜମା ନକରି ଆତ୍ମସାତ କରିଥିଲେ । ଫଳରେ ବାଳକୃଷ୍ଣ ବ୍ୟାଙ୍କ ପରିଚାଳକଙ୍କ ନିକଟରେ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ବ୍ୟାଙ୍କ ପରିଚାଳକ ଆସିକା ଥାନାରେ ଅଭିଯୋଗ କରିଥିଲେ। ଏହାର ଆଧାରରେ ଆସିକା ପୁଲିସ୍ ଥାନାରେ ୪୯୯/୨୪ରେ ଏକ ମାମଲା ରୁଜୁ କରି କରି ବାହାନକୁ କୋର୍ଟଚାଲାଣ କରିଛି ।

# ଅଗଷ୍ଟ ୧୪ରେ ଭୋଟିଂର ସମ୍ମୁଖୀନ ହେବେ ନୀଳଗିରି ଏନଏସି ଅଧକ୍ଷା

ନୀଳଗିରି , ୧୦/୮ (ନି.ପ୍ର): ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନେଇ ଗତ ଅଗଷ୍ଟ ୫ତାରିଖରେ ବିଜେପିର ୧୧ଜଣିଆ କାଉନସିଲର ବାଲେଶ୍ୱର ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ସୂଚନା ଅନୁଯାୟୀ ନୀଳଗିରି ଏନଏସି ମୋଟ ୧୩ଗୋଟି ୱାର୍ଡକୁ ନେଇ ଗଠିତ। ଗତ ସାଧାରଣ ନିର୍ବାଚନରେ ନୀଳଗିରି ବିଧାନସଭା ଆସନରୁ ସନ୍ତୋଷ ଖଟୁଆ ବିଜେଡ଼ି ଛାଡି ବିଜେପିରେ ପ୍ରତିଦ୍ୱନ୍ଦିତା କରି ବିପୁଳ ଭୋଟରେ ବିଜୟଲାଭ କରିଥିଲେ। ନୀଳଗିରି ବିଜେଡିକୁ ସଂଗଠିତ କରି ଉଭୟ ଏନଏସି ଓ ବ୍ଲକ ଦଖଲ କରିବାରେ ସନ୍ତୋଷ ଖଟୁଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଦଳ ପରିବର୍ତ୍ତନ କରି ବିଜେପିରେ ସାମିଲ ହେବା ପରେ ତାଙ୍କର ସହକର୍ମୀ ବିଜେଡ଼ି ଛାଡି ଧୀରେ ଧୀରେ ବିଜେପିରେ ସାମିଲ ହୋଇଥିଲେ। ଅନୁରୂପ ଭାବେ ନୀଳଗିରି ଏନଏସିର ୮ଜଣଦ୍ଧିଜେଡ଼ି ଚିହ୍ନରେ କାଉନସିଲର ଜିତିଥିବା ପ୍ରାର୍ଥୀ ସନ୍ତୋଷଙ୍କ ଅନୁଗତ ଥିବାରୁ ୬ଜଣ ଅନୁଗତ କାଉନସିଲର ଅଧକ୍ଷା ଅମ୍ବିକା ଦାସଙ୍କ ବିରୋଧରେ ଅନାସ୍ଥା ଆଣି ତାଙ୍କୁ ଗାଦିଚ୍ୟୁତ କରିବାକୁ ଅଣ୍ଟା ଭିଡ଼ି ଜିଲ୍ଲାପାଳଙ୍କ ଠାରେ ଦାବୀ କରିଥିଲେ। ଏନେଇ ଜିଲ୍ଲାପାଳ ଆସନ୍ତା ଅଗଷ୍ଟ ୧୪ତାରିଖରେ ଏକ ବୈଠକ ବସିବାର କାର୍ଯ୍ୟକ୍ରମ ରହିଛି। ଆବଶ୍ୟକ ସ୍ଥଳେ ୧୨ଟା ସମୟରେ ଅନାସ୍ଥା ଉପରେ ଭୋଟିଂ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ସଂଖ୍ୟା ଲଘୁ ହୋଇଯାଇଥିବା ବିଜେଡ଼ି ଅଧକ୍ଷା ଅମ୍ବିକା ଦାସ ପରାଜୟ ହେବା ସୁନିଶ୍ଚିତ ବୋଲି ବୁଦ୍ଧିଜୀବି ଆକଳନ କରିଛନ୍ତି।

# ଜାମଶୂଳୀ କଲେଜରେ କୃମି ଔଷଧ ବଣ୍ଟନ

ବାଲିଆପାଳ/ଲଙ୍ଗଳେଶ୍ୱର, ୧୦/୮ (ନି.ପ୍ର): ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜରେ ସ୍ଥାନୀୟ ସିଂଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ନିଉ) ପକ୍ଷରୁ ଶନିବାର ଛାତ୍ର ଛାତ୍ରୀଙ୍କୁ କୃମି ନାଶକ ଔଷଧ ବଣ୍ଟନ କରାଯାଇଛି ।ଅନ୍ୟୁନ ଏକ ହଜାର ଛାତ୍ର ଛାତ୍ରୀଙ୍କୁ ଏହି ଔଷଧ ଖୁଆ ଯାଇଛି। କଲେଜ ଅଧକ୍ଷା ଲିପିକା ଜାନା ବଟିକା ଖୁଆଇ ଏହାର ଶୁଭାରମ୍ଭ କରିଥିଲେ। ଏହି ବଟିକା ଖାଇବା ଦ୍ୱାରା ଦେହରୁ କୃମି ନାଶ ହେବା ସହିତ ଲୋହିତ ରକ୍ତ କଣିକା ଅଧିକ ସୃଷ୍ଟି ହୋଇ ଥା ଏ। ଦେହ ଓ ମୁହଁରେ ଥିବା ବିଭିନ୍ନ ପ୍ରକାର ଚିହ୍ନ ଦୂରେଇ ଯାଏ। ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ କେନ୍ଦ୍ରର ଏମ ପି ଏଚ ଡବ୍ଲ୍ୟୁ ଅଜୟ କୁମାର ଜେନା, ଜାମଶୂଳୀ ଆଶା କର୍ମୀ ନମିତା ଦାସ, ସବିତା ପ୍ରଧାନ ପ୍ରମୁଖ ପରି ଚାଳନା କରି ଥିବାବେଳେ ବରିଷ୍ଠ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି, ପରମାନନ୍ଦ ମହାନ୍ତି,ଅଜିତ କୁମାର ଭୂୟାଁ,ଏନ ଏସ ଏସ ପ୍ରୋଗ୍ରାମ ଅଫିସର ନଗେନ୍ଦ୍ର ନାଥ ପାତ୍ର, ତାପସ ତନୟ ନନ୍ଦୀ, ପ୍ରଭାତ ରଞ୍ଜନ ଦାସ,ଆଶୁତୋଷ ଯତି,ଶଶିକାନ୍ତ ଜେନା, ପ୍ରଶାନ୍ତ ଗିରି ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଦୁଷ୍କର୍ମ ମାମଲାରେ ଦୋଷୀକୁ ଦଶ ବର୍ଷ ଜେଲ୍

ଗଂଜାମ, ୧୦/୮ (ନି.ପ୍ର): ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ପୋସ୍କୋ କୋର୍ଟ ଜଜ୍ ଗଣେଶ୍ୱର ପତି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତ ବଳରାମ ସେଠୀକୁ ଦୋଷୀ ସାବ୍ୟସ୍ତ କରିବା ସହ ତାକୁ ୧୦ ବର୍ଷ ଜେଲଦଣ୍ଡ ସହ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି । ଜୋରିମାନା ଅର୍ଥ ଅନାଦେୟ ଅଧିକ ୪ ମାସ ଜେଲଦଣ୍ଡ ପାଇଁ ରାୟ ଶୁଣାଇଛନ୍ତି।

# ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ-୨୦୨୪ ଉଦ୍ଘାଟିତ

ବାଲେଶ୍ୱର, ୧୦/୮ (ନି.ପ୍ର): ଆଜି ସ୍ଥାନୀୟ ସିଦ୍ଧି ବିନାୟକ ଇଂରାଜୀ ମିଡିୟମ ସ୍କୁଲଠାରେ ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ- ୨୦୨୪ ଉଦ୍ଘାଟିତ ହୋଇଯାଇଛି । ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ଦୁଲାଲସେନ ଜଗଦେବ ସ୍କୁଲ ଛାତ୍ରଛାତ୍ରୀଙ୍କୁ କୃମିନାଶକ ବଟିକା ଖୁଆଇ ଏହାର ଶୁଭାରମ୍ଭ କରିବା ସହିତ ପିଲାଙ୍କ ମାନସିକ ଓ ଶାରୀରିକ ଅଭିବୃଦ୍ଧି ପାଇଁ କୃମିନାଶକ ବଟିକାର ମହତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ଓ ଆଜି ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ସମେତ ଅନ୍ୟାନ୍ୟ ଅଞ୍ଚଳରେ ୧ ରୁ ୧୯ ବର୍ଷ ବୟସର ପିଲାମାନଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯାଇଛି ଓ ପିଲାମାନଙ୍କୁ ପୁଷ୍ଟିହୀନତା ଓ ରକ୍ତହୀନତାରୁ ଦୂରେଇ ରଖିବା ପାଇଁ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିବା ବେଳେ ଆଜି ଯେଉଁ ପିଲାମାନେ ବାଦ୍ ପଡିଯାଇଥିବେ ସେମାନଙ୍କୁ ଅଗଷ୍ଟ ୧୭ ତାରିଖ ଦିନ କୃମିନାଶକ ଔଷଧ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ଓ କୃମିନାଶକ ଦିବସର ମହତ୍ୱ ବୁଝାଇବା ପାଇଁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇଥିଲା । ଏଥି ସହିତ ଜିଲ୍ଲାର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରେ ୨୦ ରୁ ୨୪ ବର୍ଷ ଭିତରେ ଅଣ ଗର୍ଭବତୀ ଏବଂ ଅଣସ୍ତନପାନ ମହିଳାଙ୍କୁ କୃମିନାଶକ ବଟିକା ଦିଆଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ଦୁଲାଲସେନ ଜଗଦେବ, ଏଡିପିଏଚଓ କୁଷ୍ଠରୋଗ ଡ଼. ସଞ୍ଜୀବ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଧରଣୀଧର ପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ଡିପିଏମ ଶ୍ରୀ ଅନିଲ ମହାନ୍ତି, ସିଦ୍ଧି ବିନାୟକ ଇଂରାଜୀ ମିଡିୟମ ସ୍କୁଲର ଉପାଧ୍ୟକ୍ଷ ଶ୍ରୀ ଅରୁଣ କୁମାର ହୋତା, ଡେପୁଟି ମ୍ୟାନେଜର ଆରସିଏଚ ଶ୍ରୀମତୀ ଏଲିନା ସାମଲ, ପ୍ରୋଗ୍ରାମ ଅଫିସର ଆଇସିଡିଏସ୍ ଶ୍ରୀମତୀ ସ୍ୱର୍ଣ୍ଣରେଖା ବେହେରା ଓ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦର୍ଶ ଶିକ୍ଷକ ୰ ସୁରେନ୍ଦ୍ର ନାଥ ଜେନାଙ୍କ ସ୍ମୃତିଚାରଣ ସଭା

ଭଦ୍ରକ, ୧୦/୮ (ନି.ପ୍ର): ଭଦ୍ରକ, ଅଣ୍ଡାଇପଲ୍ଲୀ ଗ୍ରାମର ଆଦର୍ଶ ଶିକ୍ଷକ ୰ ସୁରେନ୍ଦ୍ରନାଥ ଜେନାଙ୍କ ଏକାଦଶାହ କ୍ରିୟାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସଭାର ସ୍କ୍ରାପ୍ଟ ଓଡ଼ିଶାର ସାଂସ୍କୃତିକ ସମ୍ପାଦକ ଶ୍ରୀ କୁନଚରଣ ପରିଡ଼ା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଗଙ୍ଗାଧର ବେହୁରୀ, ଲକ୍ଷ୍ମୀଧର ମହାରଣା, ସଦାନନ୍ଦ ପତି, ଦେବେନ୍ଦ୍ର ମହାନ୍ତି, ଦାଶରଥି ଜେନା, ରମାକାନ୍ତ ଜେନା, ପୂର୍ବତନ ସରପଂଚ ବିଜୟାନନ୍ଦ ପଣ୍ଡା, ସମାଜସେବୀ ଆନନ୍ଦ ଚନ୍ଦ୍ର ନାୟକ, ଯୋଗଦେଇ ୰ ଜେନା ଜଣେ କିପରି ଶାନ୍ତ, ସରଳ, ନିଷ୍ଠାପର ଅମାୟିକ ଛାତ୍ରବତ୍ସଳ ଶିକ୍ଷକ ଥିଲେ, ସେ ବିଷୟରେ ଆଲୋକପାତ କରିଥିଲେ। ଜଣେ ସାଧାରଣ ପରିବାରରେ ଜନ୍ମଗ୍ରହଣ କରି ତାଙ୍କର ନିଷ୍ଠା ଓ ଉଦ୍ୟମ ବଳରେ ଭଦ୍ରକ ଜିଲ୍ଲାରେ ଜଣେ ଗୌରବମୟ ଗଣିତ ଶିକ୍ଷକ ଭାବେ ପ୍ରତିଷ୍ଠା ଲାଭ କରିଥିଲେ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ତାଙ୍କର ପୁତ୍ର ସରୋଜ, ସୁଶାନ୍ତ, ସୁକାନ୍ତ, ସୁମନ ଓ ସୁଦୀପ୍ତ ସଭାଟିକୁ ପରିଚାଳନା କରିଥିଲେ।

# ଉପକୂଳ ଦେଇ ବାଂଲାଦେଶୀ ଅନୁପ୍ରବେଶ ସମ୍ଭାବନାକୁ ନେଇ ବଢୁଛି ଚିନ୍ତା

## ସୁରକ୍ଷା କଡାକଡି ପାଇଁ ଏସପିଙ୍କ ସହ ଆଲୋଚନା କଲେ ସଦର ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୧୦/୮ (ନି.ପ୍ର): ବାଂଲାଦେଶର ଅଶାନ୍ତ ପରିସ୍ଥିତିରୁ ବର୍ତ୍ତିବା ପାଇଁ ସେଠାକାର ସଂଖ୍ୟାଲଘୁ ହିନ୍ଦୁମାନେ ଜୀବନ ବଂଚାଇ ଭାରତରେ ଶରଣ ପାଇଁ ସୀମାରେ ଭିଡ ଜମାଇଥିବା ବେଳେ ସଂଖ୍ୟାଧିକ ବାଂଲାଦେଶୀ ବେଆଇନ ଭାବେ ଅନୁପ୍ରବେଶ କରିବା ଆଶଙ୍କା ସୃଷ୍ଟି ହୋଇଛି । ବିଶେଷ କରି ସମୁଦ୍ର ଉପକୂଳ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲାକୁ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଅଧିକ ସଂଖ୍ୟାରେ ପ୍ରବେଶ କରିବାର ସମ୍ଭାବନା ରହିଛି । ସେଥିପାଇଁ ବାଲେଶ୍ୱର ଜିଲ୍ଲାର ଉପକୂଳ ଅଂଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ସଦର ବିଧାୟକ ମାନସ କୁମାର ଦତ୍ତ । ଏ ନେଇ ସେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ଆଲୋଚନା ମାଧ୍ୟମରେ ମେରାଇନ ଥାନାଗୁଡିକର ଶକ୍ତି ବୃଦ୍ଧି ପାଇଁ ପରାମର୍ଶ ଦେଇଛନ୍ତି । ଭାଷାଗତ ସମସ୍ୟା ନଥିବା ତଥା ସମଦ୍ର ମାର୍ଗରେ ଦୂରତା କମ ଥିବା କାରଣରୁ କାରଣରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପାଇଁ ବାଲେଶ୍ୱର ଜିଲ୍ଲା ଏକ ସୁରକ୍ଷିତ ସ୍ଥାନରେ ପରିଣତ ହୋଇଛି । ପୂର୍ବରୁ ଆସି ବସବାସ କରୁଥିବା ବାଂଲାଦେଶୀ ନୂଆ ଅନୁପ୍ରବେଶକାରୀଙ୍କ ପାଇଁ ମୁଣ୍ଡ ଗୁଞ୍ଜିବା ବ୍ୟବସ୍ଥା କରିଥାନ୍ତି । ତେଣୁ ଉପକୂଳ ଅଂଚଳରେ ବସବାସ କରୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ବିଧାୟକ ଶ୍ରୀ ଦତ୍ତ କହିଛନ୍ତି । ସେ ଦିଗରେ ଉପକୂଳ ଅଂଚଳର ଜନସାଧାରଣଙ୍କୁ ନେଇ ଗୋଟିଏ ଗୋଟିଏ ପୋଲିସ-ନାଗରିକ ସହାୟତା ସମିତି ଗଢିବାକୁ ସେ ପରାମର୍ଶ ଦେଇଛନ୍ତି । ଫଳରେ ଉପକୂଳ ଅଂଚଳରେ ଅନୁପ୍ରବେଶକାରୀଙ୍କ ଗତିବିଧି ଉପରେ ନଜର ଦିଆଯାଇପାରିବ ବୋଲି ଶ୍ରୀ ଦତ୍ତ କହିଛନ୍ତି । ଏହି ସମୟରେ ଜିଲ୍ଲା ପୋଲିସ ବିଭାଗ ପକ୍ଷରୁ ଗ୍ରହଣ ହୋଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଏସପି ଶ୍ରୀମତୀ ନାଥ ବିଧାୟକ ଶ୍ରୀ ଦତ୍ତଙ୍କୁ ଅବଗତ କରିଥିଲେ । ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ପରେ ସମୁଦ୍ରରେ ଗତିବିଧି ସହିତ ଉପକୂଳ ଅଂଚଳରେ ସୁରକ୍ଷା ବ୍ୟବସ୍ଥା ପାଇଁ ଜିଲ୍ଲାରେ ରହିଥିବା ବଳରାମଗଡି, ବାହାବଳପୁର ଓ ତାଳସାରୀ ପ୍ରଭୃତି ୩ଟି ସାମୁଦ୍ରିକ ଥାନାରେ କର୍ମଚାରୀ ସଂଖ୍ୟା ବୃଦ୍ଧି କରାଯାଇଛି । ସେହିଭଳି ପ୍ରତ୍ୟେକ ସାମୁଦ୍ରିକ ଥାନା ସହିତ ବୋଟ ଯୋଗେ ଉପକୂଳ ଅଂଚଳରେ ପେଟ୍ରୋଲିଂ ଆରମ୍ଭ କରାଯାଇଛି । ସ୍ଥଳଭାଗରେ ମଧ ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି ସହ ବେଆଇନ ଭାବେ ବସବାସ କରୁଥିବା ଅନୁପ୍ରବେଶକାରୀଙ୍କ ଚିହ୍ନଟ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗଭୀର ସମୁଦ୍ରରେ କୋଣସି ପ୍ରକାର ଗତିବିଧି ସମ୍ପର୍କରେ ଅନୁଧ୍ୟାନ ପାଇଁ କୋଷ୍ଟ ଗାର୍ଡ ସହିତ ଯୋଗାଯୋଗ ସ୍ଥାପନ କରାଯାଇଛି । ଏହା ସହିତ ସମସ୍ତ ମତ୍ସ୍ୟଜୀବିଙ୍କୁ ସତର୍କ କରାଯାଇଥିବା ଏସପି ଶ୍ରୀମତୀ ନାଥ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରବି ନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ସୁଜିତ ଦେବ, ସୀତାକାନ୍ତ ସ୍ୱାଇଁ, ଆଇନଜୀବି ବୈଲୋଚନ ଦାସ, ଅନନ୍ତ ନାୟକ, ସରପଞ୍ଚ ରବିନାରାୟଣ ପ୍ରଧାନ, ରାଜେନ୍ଦ୍ର ଚାଟାର୍ଜୀ, ମନୋରଞ୍ଜନ ନନ୍ଦୀ, ରଞ୍ଜନ କୁମାର ଦାସ ଓ ପବନ କମିଳା ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହି ଉପକୂଳ ଅଂଚଳର ସୁରକ୍ଷା ପାଇଁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ ।

# ବାଙ୍ଗଲାଦେଶି ରହିଙ୍ଗା ମାନଙ୍କୁ ଓଡିଶାରେ ପ୍ରବେଶକୁ ବିରୋଧ: ଦେବସେନା ପକ୍ଷରୁ ବିକ୍ଷୋଭ ଓ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ




ବସ୍ତା, ୧୦/୮ (ନି.ପ୍ର): ବସ୍ତା ବ୍ଲକ ବାହାର୍ଦ୍ଧା ପଞ୍ଚାୟତ ଗାନ୍ଧିଛକ ଠାରେ ଶନିବାର ସକାଳ। ୧୦ଘଟିକା ସମୟରେ ଦେବସେନାପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ହୋଇଯାଇଅଛି ।ବସ୍ତାବ୍ଲକ ଦେବସେନା ସଭାପତି ଅନ୍ତର୍ଯ୍ୟାମୀ ରାଉଳଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶଙ୍କରକୁମାର ଜେନା ଯୋଗ ଦେଇ ବାଙ୍ଗଲଦେଶି ହିନ୍ଦୁ ମାନଙ୍କର ମନ୍ଦିର ଭାଙ୍ଗିବା ସହିତ ମହିଳା ମାନଙ୍କୁଅତ୍ୟାଚାର ଓ ହିନ୍ଦୁ ମାନଙ୍କ ଉପରେ ମାରଣାତ୍ମକ ଆକ୍ରମଣ ପ୍ରତିବାଦରେ ହିନମାନସିକତା ବର୍ବର ମନୋଭାବକୁ ନିନ୍ଦାକରିଥିଲେ ।ଜିଲ୍ଲା ଆଇଟି ଅଧ୍ୟକ୍ଷ ବାବୁ ପାଣୀ .ଦେବସେନା ସଂପାଦକ କୁମୁଦ ରଞ୍ଜନ ଗିରି. ବସ୍ତା ବ୍ଲକ ମିଡିଆସେଲ କୋଡିନେଟର ଶିତାକାନ୍ତ ଦାସ.ବାହାର୍ଦ୍ଧା ପଞ୍ଚାୟତ ସଭାପତି ସୁଦାମ ଗାଣ. ଗୋ ସୁରକ୍ଷା ଅଧ୍ୟକ୍ଷ ମନୋଜ କୁମାର ସାମଲ.ପିନାକିନାରାୟଣ ପ୍ରହରାଜ.ରବିନ୍ଦ୍ର ସତପଥୀ. ପ୍ରଭୂରାମ ରଣା.ଝୁନାରାଣୀ ବେହେରା.ମାଧବ ସି ଯୋଗଦେଇ ଭାରତକୁ ବାଙ୍ଗଲାଦେଶି ଅନୁପ୍ରବେଶକାରୀ ରହିଙ୍ଗା ଆମ ଦେଶକୁ ପ୍ରବେଶ ନକରିବା ପାଇଁ ଆହ୍ୱାନ ଦେଇ ଥିଲେ ।ପରେ ବସ୍ତା ଆଇଆଇ ସିଙ୍କୁ ଏକ ଦାବିପତ୍ର ପ୍ରେରଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବହୁ ଦେବସେନା କର୍ମୀ ଓ ସାଧାରଣ ଲୋକେ ସାମିଲ ହୋଇଥିଲେ ।

# କାଳିଗିରି ଫାଟକ ରାସ୍ତା ମରଣଜନ୍ତା: ଆନ୍ଦୋଳନର ଚେତାବନୀ



ବସ୍ତା, ୧୦/୮ (ନି.ପ୍ର): ବସ୍ତା ରେଳ ଷ୍ଟେସନ ପାଖ ଦେଇ ଯାଇଥିବା କାଳିଗିରି ରାସ୍ତା ମରଣ ଜନ୍ତା ପାଲଟିଛି । ଦିର୍ଘଦିନଧରି ନାଲିଗୋଡିପଡିନାହିଁ ।ଯାହାଫଳରେ ଖାଲ ଖମାର ପରିପୂର୍ଣ୍ଣ ରାସ୍ତା। ଏହିରାସ୍ତା ଉପରେ ବସ୍ତା ବ୍ଲକ ପଡୋଶି ଜିଲ୍ଲା ମୟୁରଭଞ୍ଜ ରାସଗୋବିନ୍ଦ ପୁର ବ୍ଲକର ଅଧିବାସୀ ହରାହାରି ୨ହଜାରରୁ ଉର୍ଦ୍ଧ ଲୋକେ ଯାତାୟତ କରୁଛନ୍ତି । ବ୍ଲକ ବା ଜିଲ୍ଲା ପ୍ରଶାସନ ପକ୍ଷରୁ ରାସ୍ତା ନିର୍ମାଣ ହୋଇପାରୁନାହିଁ। ରାସ୍ତାଟି ରେଳବିଭାଗ ଅଧିନରେ ଥିବାରୁ ରାସ୍ତା ଶୋଚନିୟ ଅବସ୍ଥାରେ ପଡି ରହିଛି। ପ୍ରତ୍ୟେକ ଦିନ ବସ୍ତା ଡାକ୍ତରଖାନା ବ୍ଲକ ଦପ୍ତର.ସବ ରେଜେଷ୍ଟ୍ରୀ ଅଫିସ.ଆର ଆଇ ଅଫିସ ଜନ ସାଧାରଣ ଆସୁଥିବାବେଳେ ସ୍କୁଲ ଓକଲେଜ ଛାତ୍ରଛାତ୍ରୀ ଏହି ରାସ୍ତା ଉପରେ ନିର୍ଭର କରନ୍ତି । ଏଇ ରାସ୍ତାର ଦୁରାବସ୍ଥା ସମାଧାନପାଇ ୧୪ନମ୍ବର ଜୋନର ଜିଲ୍ଲାପରିଷଦ ପ୍ରାର୍ଥୀନୀ ବିଷ୍ଣୁପ୍ରିୟା ବୁଗୁଡି, ବ୍ରାହ୍ମଣଦା ବିଜେଡି ପଞ୍ଚାୟତ ସଭାପତି ନିଗମାନନ୍ଦଗିରି, ଯୁବନେତା, ସୁଶାନ୍ତ ପ୍ରଧାନ, ସନ୍ୟାସୀ ସାହୁ ,ରତ୍ୟରଞ୍ଜନ ବେହେରା,ବିନୋଦ ରାଉଳପ୍ରମୁଖ ଷ୍ଟେସନ ମାଷ୍ଟର ନିକଟରେ ରାସ୍ତା ପୂର୍ନଉଦ୍ଧାରପାଇଁ ଅଭିଯୋଗ କରିଛନ୍ତି । ତେବେ ୩ଦିନ ମଧ୍ୟରେ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆ ନଗଲେ ଆଗାମିଦିନରେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରାଯିବ ବୋଲି ବାହୁଣଦା ପଞ୍ଚାୟତ ବାସୀଦାବି କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo